

ସାଉଥ୍ ରାମାୟଣରେ ସୀତା ହେବେ ଆଲିଆ

▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-31 ◆FRIDAY ◆25 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧ ◆ଶୁକ୍ରବାର ◆୨୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଚୀନ୍ ସୀମାରେ ରୁଷ୍ ବିମାନ ଦୁର୍ଘଟଣାଗ୍ରସ୍ତ; ୪୯ ମୃତ



■ **ମସ୍କୋ, ୨୪।୭ (ଏଜେନ୍ସି):** ରୁଷର ଏକ ଯାତ୍ରୀ ବିମାନ ଏଏନ୍-୨୪ ଆଜି ଚୀନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୪୯ ଜଣ ଯାତ୍ରୀ ଓ କର୍ମଚାରୀ ପ୍ରାଣ ହରାଇଛନ୍ତି। ଟିଣ୍ଡା ବିମାନ ବନ୍ଦରଠାରୁ ପାଖାପାଖି ୧୬ କିମି ଦୂରରେ ଏକ ପାହାଡ଼ ଉପରେ ବିମାନର ଧ୍ୱଂସାବଶେଷ ମିଳିଛି। ବିମାନ ଖବାରୋଭସ୍କରୁ ବ୍ଲାଗୋଭେଶ୍ଚେନସ୍କ ଦେଇ ଟିଣ୍ଡା ଯାଉଥିଲା। ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ଯାଉଥିବା ବେଳେ ବିମାନ ରାଡାରରୁ ଅଦୃଶ୍ୟ ହୋଇଥିଲା ଓ ସମ୍ପର୍କ ମଧ୍ୟ ଛିନ୍ନ ହୋଇଯାଇଥିଲା। ପ୍ରଥମେ ବିମାନ ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା। ଦ୍ୱିତୀୟ ଥର ଅବତରଣ କରିବାକୁ ପ୍ରୟାସ କଲା ବେଳେ ଏହା ରାଡାରରୁ ଅଦୃଶ୍ୟ ହୋଇଥିଲା। ଟିଣ୍ଡା ରୁଷ ରାଜଧାନୀ ▸ପୃଷ୍ଠା-୭


# ଅନୀଲ ଅମ୍ବାନୀଙ୍କ ୫୦ କମ୍ପାନୀ ଉପରେ ଇଡି ଚଢ଼ଉ

## ୩୦୦୦ କୋଟିର ଋଣ ଠକେଇ ମାମଲା

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫାଶରେ ପଡିଛନ୍ତି ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ରିଲାଏନ୍ସ ଗ୍ରୁପ୍ (ଆର୍ଏଏଜିଏ) ସହ ଜଡିତ ମାମଲାରେ ଇଡି ଚଢ଼ଉ କରିଛି। ଅନୀଲଙ୍କ କମ୍ପାନୀ ବିରୋଧରେ ମନି ଲଣ୍ଡରିଂ ମାମଲାରେ ଇଡି ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଦେଶର ୩୫ରୁ ଅଧିକ ସ୍ଥାନରେ ଚଢଉ କରିଛି। ତଦନ୍ତରେ ଅନୀଲଙ୍କ ବିରୋଧରେ ୩୦୦୦ କୋଟି ଟଙ୍କାର ଋଣ ଘୋଟାଲା, କାଗଜପତ୍ର ଜାଲିଆତି ଏବଂ ଜାଲ କମ୍ପାନୀ ମାଧ୍ୟମରେ ଅର୍ଥ ହେରଫେରର ପ୍ରମାଣ ମିଳିଛି। ଏହି ମାମଲା ମନିଲଣ୍ଡରିଂ ସହିତ ଜଡିତ, ଯେଉଁଥିରେ ହଜାର ହଜାର କୋଟି ଟଙ୍କାର ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ଇଡି ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ ଏହି ଚଢ଼ଉ କରିଛି। କୁହାଯାଉଛି ଯେ ଏଥିରେ ଅନୀଲ ଅମ୍ବାନୀଙ୍କ ସହ ଜଡିତ ପ୍ରାୟ ୫୦ଟି କମ୍ପାନୀ ଏବଂ ୨୫ ରୁ ଅଧିକ ବ୍ୟକ୍ତିବିଶେଷଙ୍କ ଠିକଣାରେ ଚଢ଼ଉ କରାଯାଉଛି। ସିବିଆଇ ଅନୀଲଙ୍କ କମ୍ପାନୀ ବିରୋଧରେ ଦୁଇଟି ପୃଥକ ଏଫ୍ଆଇଆର୍ ରୁଜୁ କରିଥିବା ବେଳେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୁହାଯାଉଛି ଯେ ଏକ ସୁଚିନ୍ତିତ ଯୋଜନା ମୁତାବକ ବ୍ୟାଙ୍କ, ନିବେଶକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଠକେଇ କରାଯାଇଥିଲା। ଏମିତିକି ୟସ୍ ▸ପୃଷ୍ଠା-୭

## ସରକାରଙ୍କୁ ନବୀନଙ୍କ 'ମହାନଦୀ' ପ୍ରଶ୍ନ

# ସ୍ପଷ୍ଟ କରନ୍ତୁ 'ଆପୋସ' ସଂଜ୍ଞା



- ମହାନଦୀ ଓଡ଼ିଶାର ଆତ୍ମା, ଜୀବନରେଖା
- ଦୁର୍ବଳ କରାଯାଉଛି କି ଓଡ଼ିଶାର ନ୍ୟାଯ୍ୟ ଦାବି
- ରାଜ୍ୟବାସୀଙ୍କୁ କାହିଁକି ବିଶ୍ୱାସକୁ ନିଆଯାଉନି
- ଆଇନଗତ ଲଢ଼େଇ ଜାରି ରଖିବେ ନା ଓହରିବେ
- ସର୍ବଦଳୀୟ ବୈଠକ ଡାକନ୍ତୁ ରାଜ୍ୟ ସରକାର

■ **ଭୁବନେଶ୍ୱର, ୨୪।୭ (ସମିସ):** ମହାନଦୀ ଜଳ ବିବାଦ ସମସ୍ୟାକୁ ନେଇ ଆଜି ରାଜ୍ୟ ସରକାରଙ୍କ ସାମ୍ନାରେ ଏକାଧିକ ଗମ୍ଭୀର ପ୍ରଶ୍ନ ଉପସ୍ଥାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋସ ବୁଝାମଣା ଜରିଆରେ ମହାନଦୀ ଜଳ ସମସ୍ୟାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସରକାରୀ ଭାବେ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶାର ଆଡ୍ଭୋକେଟ୍ ଜେନେରାଲ(ଏଜି) ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି। ତେବେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିବା ଏହି ପାରସ୍ପରିକ ବୁଝାମଣା (ଆପୋସ) କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶା କ'ଣ ଆଇନଗତ ଲଢ଼େଇରୁ ଓହରିଯିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି କି ବୋଲି ନବୀନ ପ୍ରଶ୍ନ ଉଠାଇବା ସହ ଏହାଦ୍ୱାରା ଓଡ଼ିଶାର ହକ୍ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାଯ୍ୟ ଦାବିକୁ କଣ ବନ୍ଦଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ଶାଣିତ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ସୂଚନା ଦେଇ ନବୀନ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋସ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ତାହା ସରକାର ସର୍ବଦଳୀୟ ବୈଠକରେ ସ୍ପଷ୍ଟ କରିବା ଉଚିତ। ଓଡ଼ିଶା କ'ଣ ଆଇନଗତ ପଥରୁ ଓହରି ଯାଉଛି ନା ଟ୍ରିବ୍ୟୁନାଲରେ ନିଜ ଲଢ଼େଇ ଜାରି ରଖିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଆସନ୍ତା ଅଗଷ୍ଟ ୨ ତାରିଖରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଛି। ଶୁଣାଣିକୁ ଆଉ ମାତ୍ର ୮ ଦିନ ବାକି ରହିଛି। ହାତରେ ଏତେ କମ୍ ସମୟ ଥିଲେ ମଧ୍ୟ ସରକାର ଏନେଇ ଚୁପ୍ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସରକାର କାହିଁକି ବିଭିନ୍ନ ରାଜନୈତିକ ଦଳ, ଅଂଶୀଦାର ଏବଂ ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ▸ପୃଷ୍ଠା-୭

# ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦ ଅଚଳ



■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି। ଚଳିତ ମୌସୁମୀ ଅଧିବେଶନର ପ୍ରଥମ ଦିନ (ସୋମବାର) ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବିରେ ବିରୋଧୀ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦ ଅଚଳ ରହିଥିବା ବେଳେ ଅବଶିଷ୍ଟ ତିନି ଦିନ ବିହାର ପ୍ରସଙ୍ଗରେ ଅଚଳ ରହିଛି। ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ଲକ୍ଷାଧିକ ବୈଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ସଂସଦରେ ଏହା ଉପରେ ଆଲୋଚନା କରାଯିବା ଉଚିତ। ▸ପୃଷ୍ଠା-୭



**ଆମେରିକୀୟଙ୍କ ପାଇଁ ପ୍ରଥମେ ଚାକିରି ଦିଅ**

**ଚୀନ୍‌ରେ କାରଖାନା ସ୍ଥାପନ ବନ୍ଦ କର**

## ଆମେରିକୀୟ ଆଇଟି କମ୍ପାନୀଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

# ଭାରତୀୟଙ୍କୁ ଚାକିରି ଦିଅନି

■ **ୱାଶିଂଟନ୍, ୨୪।୭ (ଏଜେନ୍ସି):** ବିବାଦୀୟ ବୟାନ ପାଇଁ ଜଣାଶୁଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆଉ ଏକ ତୋଗଲକୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥର ଟ୍ରମ୍ପ ଗୁଗଲ, ମାଇକ୍ରୋସଫ୍ଟ ଏବଂ ମେଟା (ଫେସବୁକ୍) ଭଳି ଦେଶର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ଏକ କଡ଼ା ବାର୍ତ୍ତା ଦେଇ ଭାରତୀୟମାନଙ୍କୁ ଚାକିରି ନ ଦେବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି।

ବୁଧବାର ୱାଶିଂଟନଠାରେ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମଚାରୀଙ୍କୁ ଚାକିରି ଦେବା ପରିବର୍ତ୍ତେ ନିଜ ଦେଶରେ ଚାକିରି ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍। ଟ୍ରମ୍ପ ଟେକ୍ ଶିଳ୍ପର ବିଶ୍ୱବାଦୀ ମାନସିକତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି ମନୋଭାବ ▸ପୃଷ୍ଠା-୭

# ଦୁଷ୍କର୍ମପୀଡ଼ିତା ନାବାଳିକା ଗର୍ଭବତୀ

■ **କୁଜଙ୍ଗ, ୨୪।୭ (ସମିସ):** ରାଜ୍ୟରେ ମହିଳା ଓ ନାବାଳିକାଙ୍କ ପ୍ରତି ହିଂସା ଓ ବର୍ବରତା ବଢ଼ି ଚାଲିଥିଲା ବେଳେ ଏବେ କୁଜଙ୍ଗ ବ୍ଲକ୍ କାଠକୋଟ ପଞ୍ଚାୟତରେ ମାଟ୍ରିକ୍ ପାସ୍ କରିଥିବା ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଲୋକଲୋଚନକୁ ଆସିଛି। ଏହାକୁ ନେଇ କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରି ଅଧିକ ତନାଘନା ଚଳାଇଛି। କୋଠକୋଟ ପଞ୍ଚାୟତର ଉକ୍ତ ନାବାଳିକାଙ୍କ ▸ପୃଷ୍ଠା-୭

# ବିକ୍ରିହେବ ୮ ରାଷ୍ଟ୍ରାୟତ୍ତ କମ୍ପାନୀ

## ୫ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିବେ କେନ୍ଦ୍ର ସରକାର

**ଡିସେମ୍ବର ସୁଦ୍ଧା ସରିବ ଆଇଡିବିଆଇ ବ୍ୟାଙ୍କ ବିକ୍ରୟ ପ୍ରକ୍ରିୟା**

**ସୂଚୀରେ ରହିଛି ସିର୍ଫି କର୍ପୋରେସନ, ହିନ୍ଦୁସ୍ତାନ ଲାଟେକ୍ସ**

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର କେତେଗୁଡ଼ିଏ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ୮ଟି ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରି ସହ ୫ଟି ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ଆପାତତଃ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୮ଟି ବଡ଼ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି ସୂଚୀରେ ରଖାଯାଇଛି। ଏହା ମଧ୍ୟରେ ରହିଛି ଭାରତ ଆର୍ଥ ମୁଭର୍ସ ଲିମିଟେଡ୍(ବିଇଏମ୍ଏଲ), ସିର୍ଫି କର୍ପୋରେସନ୍ ଅଫ୍ ଇଣ୍ଡିଆ(ସିପିଆଇ), ହିନ୍ଦୁସ୍ତାନ ଲାଟେକ୍ସ ଲିମିଟେଡ୍ (ଏଚ୍ଏଲ୍ଏଲ୍) ଲାଇଫକେୟାର୍ ଲିମିଟେଡ୍, ପ୍ରୋଜେକ୍ଟସ୍ ଆଣ୍ଡ ଡେଭଲପମେଣ୍ଟ ଇଣ୍ଡିଆ ଏବଂ ଇଣ୍ଡିଆନ୍ ମେଡିସିନ୍ସ ଫାର୍ମାସ୍ୟୁଟିକାଲ୍ କର୍ପୋରେସନ୍। ଏହି କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଦ୍ୱାରା କେନ୍ଦ୍ର ସରକାର ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଅନୁମାନ କରାଯାଉଛି। ▸ପୃଷ୍ଠା-୭

## କେନ୍ଦ୍ରାପଡ଼ାରେ ଚାଞ୍ଚଲ୍ୟ

# ଠିକାଦାରଙ୍କୁ ଥାନା ପାଖରୁ ଟେକିନେଲେ

**ବନ୍ଦ ଘରୁ ଉଦ୍ଧାର କଲା ପୁଲିସ୍, ୨ ଗିରଫ**

**ବ୍ୟବସାୟ ଶତ୍ରୁତାରୁ ଅପହରଣ**

■ **କେନ୍ଦ୍ରାପଡ଼ା, ୨୪।୭ (ସମିସ):** ଥାନା ପାଖରୁ ଠିକାଦାରଙ୍କୁ ଅପହରଣ। କେନ୍ଦ୍ରାପଡ଼ା ଟାଉନ୍ ଥାନା ନିକଟରେ ଆଜି ଏଭଳି ଏକ ଆପରାଧିକ ଘଟଣା ଘଟିଛି। ଅପହୃତ ଯୁବକଜଣଙ୍କ ହେଲେ, କେନ୍ଦ୍ରାପଡ଼ା ସହର ଉପକଣ୍ଠ କପାଳେଶ୍ୱର ପଞ୍ଚାୟତ ଗରାପୁରର ସୁନୀଲ କୁମାର ମହାନ୍ତି। ଏ ସଂପର୍କରେ ତାଙ୍କ ପତ୍ନୀ ରଶ୍ମିତା ଅଭିଯୋଗ କରିବା ପରେ ପୁଲିସ୍ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଅପହରଣକାରୀମାନେ ସୁନୀଲଙ୍କୁ ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ଥାନା ଅଧୀନ ବାବର ଅଞ୍ଚଳରେ ରଖିଥିବା ଖବର ପାଇ ପୁଲିସ୍ ସେଠାରେ ଛାନଭିନ୍ କରିଥିଲା। କିଛି ସମୟ ତନାଘନା କରିବା ପରେ ଏକ ବନ୍ଦ ଘରୁ ତାଙ୍କୁ ଉଦ୍ଧାର କରିବା ସହ ଦୁଇ ଅପହରଣକାରୀ ଦେପୁର ଗ୍ରାମର ନିଖିଳ ରଞ୍ଜନ ପତି ଓ ମନୋଜ ନାୟକଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ପୁଲିସ୍ କୋର୍ଟଚାଲାଣ କରିଛି। ତେବେ ଏହି ଘଟଣାରେ ଆଉ ୬ରୁ ୮ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଉଦ୍ୟମ ଚଳାଇଛି।

ପୁଲିସ୍ ସୂଚନାନୁଯାୟୀ, ସୁନୀଲ ଓ ଗିରଫ ଅଭିଯୁକ୍ତଦ୍ୱୟ ମିଳିତ ଭାବେ ଠିକାଦାରୀ କରୁଥିଲେ। ଟଙ୍କା ନେଣଦେଣକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ହୋଇଥିଲା। ସୁନୀଲ ଅଭିଯୁକ୍ତଙ୍କ ଟଙ୍କା ଦେଉନଥିଲେ। ଫଳରେ, ପୂର୍ବରୁ ଅଭିଯୁକ୍ତମାନେ ଥରେ ସୁନୀଲଙ୍କୁ ଅପହରଣ କରିଥିଲେ। ପରେ ସୁନୀଲ ୨୦ଲକ୍ଷ ଟଙ୍କା ଫେରାଇଥିଲେ। କିନ୍ତୁ ଆଉ କିଛି ଟଙ୍କା ଅଭିଯୁକ୍ତଙ୍କ ପାଇବାକୁ ଥିଲା। କିନ୍ତୁ ସୁନୀଲ ଟଙ୍କା ଦେବା ▸ପୃଷ୍ଠା-୭



## ହିମାଚଳରେ ଭୂସ୍ଖଳନ, ୧୩୭ ମୃତ, ୩୪ ନିଖୋଜ୍

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, ଗୋଆ, ତେଲଙ୍ଗାନା ସହିତ ୬ଟି ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ପ୍ରବଳ ବର୍ଷା କାରଣରୁ ହିମାଚଳ ପ୍ରଦେଶରେ ଭୂସ୍ଖଳନ ହୋଇଛି। ଫଳରେ ଦୁଇଟି ଜାତୀୟ ରାଜପଥ ସମେତ ୩୮୫ ସଡକ ବନ୍ଦ ରହିଛି। ହିମାଚଳରେ ଜୁନ୍ ୨୨ରୁ ମୌସୁମୀ ପ୍ରବେଶ କରିଥିଲା ଓ ଏପର୍ଯ୍ୟନ୍ତ ବର୍ଷା ଜନିତ କାରଣରୁ ୧୩୭ ଜଣ ମୃତ୍ୟୁବରଣ କରିଛନ୍ତି ଓ ୩୪ ଜଣ ନିଖୋଜ ହୋଇଛନ୍ତି। ଏଥିସହ ୧୩୮୨ କୋଟି ଟଙ୍କାର ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ସେହିପରି ଦିଲ୍ଲୀ- ଏନ୍‌ସିଆରରେ ପ୍ରବଳ ବର୍ଷା କାରଣରୁ ସଡକ ଉପରେ ୩ ଫୁଟ ଉଚ୍ଚର ପାଣି ଜମି ରହିଛି। ନୋଏଡାରେ ୫ କିମି ଲମ୍ବର ଟ୍ରାଫିକ ଜାମ୍ ଦେଖିବାକୁ ମିଳିଛି।

## ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ

ମେଲବର୍ଣ୍ଣ, ୨୪।୭(ଏଜେନ୍ସି): ଅଷ୍ଟ୍ରେଲିଆରେ ବର୍ଣ୍ଣବୈଷମ୍ୟ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ମେଲବର୍ଣ୍ଣସ୍ଥିତ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି। ଗତ ୨୧ ତାରିଖରେ ସ୍ୱାମୀ ନାରାୟଣ ମନ୍ଦିରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ଦୁର୍ବୃତ୍ତମାନେ ଲାଲ୍ ରଙ୍ଗରେ କିଛି ଲେଖିବା ଏହାକୁ ବିକୃତ କରିଛନ୍ତି। ଏହାକୁ ନେଇ ଏହି ଅଞ୍ଚଳରେ ରହୁଥିବା ଭାରତୀୟ ସମୁଦାୟ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ନିକଟସ୍ଥ ଦୁଇଟି ଏସୀୟ ରେସ୍ତୁରାଁ କାନ୍ଥରେ ମଧ୍ୟ ସମାନ ପ୍ରକାରର ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ତଥା ଅପଶବ୍ଦ ଲେଖାଯାଇଛି। ଏହି ଘଟଣାକୁ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆ ନିନ୍ଦା କରିଛି। ଏହାକୁ ଭିକ୍ଟୋରିଆ ପ୍ରଧାନମନ୍ତ୍ରୀ ଜସିଣ୍ଟ ଏଲନ ମଧ୍ୟ ନିନ୍ଦା ସହ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି।

## ଦୁର୍ନୀତି ଚାପ : ଆତ୍ମହତ୍ୟା କଲେ ମହିଳା ଇଞ୍ଜିନିୟର

ଗୌହାଟୀ, ୨୪।୭(ଏଜେନ୍ସି): ଆସାମରେ ଜଣେ ମହିଳା ଇଞ୍ଜିନିୟର ଆତ୍ମହତ୍ୟା କରିଛନ୍ତି। ମିଛି ବିଲ୍ କରିବା ନେଇ ଚାପର ସମ୍ମୁଖୀନ ହୋଇ ନପାରି ୩୦ ବର୍ଷୀୟା ସହକାରୀ ଯନ୍ତ୍ରୀ ଜ୍ୟୋତିଶା ଦାସ ତାଙ୍କ ଭଡ଼ା ଘରେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଦୁଇ ଜଣ ବରିଷ୍ଠ ଅଧିକାରୀ ମିଛ ବିଲ କରିବାକୁ ତାଙ୍କ ଉପରେ ଚାପ ପକାଉଥିଲେ ବୋଲି ସେ ସୁସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ଏକ ଅଧାପନ୍ତରିଆ କାମ ନେଇ ଫେକ୍ ବିଲ୍ କରିବାକୁ ଏହି ଦୁଇ ଅଧିକାରୀ କ୍ରମାଗତ ଭାବେ ଚାପ ପକାଉଥିଲେ ଓ ସେ ପ୍ରବଳ ମାନସିକ ଚାପର ସମ୍ମୁଖୀନ ହୋଇଥିଲେ। ଅଫିସ୍‌ରେ କେହି ମୋତେ ଗାଇଡ୍ କରିବାକୁ ନଥିଲେ ବୋଲି ଜ୍ୟୋତିଶା ଏଥିରେ ଉଲ୍ଲେଖ କରିଛନ୍ତି। ଦୁଇ ବରିଷ୍ଠ ଅଧିକାରୀ ଦୀନେଶ ମେଧି ଶର୍ମା ଓ ଅମିନୁଲ ଇସଲାମଙ୍କୁ ପୁଲିସ ଗିରଫ କରିଛି।

## ମୁଖବନ୍ଧରୁ ହଟିବ ନାହିଁ 'ସାମାଜିକ, ଧର୍ମନିରପେକ୍ଷ'

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଭାରତୀୟ ସମ୍ବିଧାନର ମୁଖବନ୍ଧ ବା ପ୍ରିୟାମ୍ବଲରୁ ହଟିବ ନାହିଁ ସାମାଜିକ ଓ ଧର୍ମନିରପେକ୍ଷ ଶବ୍ଦ। କେନ୍ଦ୍ର ସରକାର ଆଜି ଏହା ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟସଭାରେ ଆଇନ ମନ୍ତ୍ରୀ ଆଜି ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଏସଂପର୍କରେ କେନ୍ଦ୍ର ସରକାରଙ୍କର କୌଣସି ଯୋଜନା ନାହିଁ। ସାମଜିକ ଗଣମାଧ୍ୟମରେ ଏହାକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ସହିତ ସରକାରଙ୍କର କୌଣସି ସଂପର୍କ ନାହିଁ। କାରଣ ଏହାପୂର୍ବରୁ ସୁପ୍ରିମ କୋର୍ଟ ଏସଂକ୍ରାନ୍ତ ମାମଲାକୁ ଖାରଜ ଦେଇ ସାରିଛନ୍ତି। ଆଇନ ମନ୍ତ୍ରୀ ଅର୍ଜୁନ ମେଘୱାଲ କହିଛନ୍ତି ଯେ ସମ୍ବିଧାନରେ ଏଭଳି ସଂଶୋଧନ ପାଇଁ ବ୍ୟାପକ ଆଲୋଚନା ଓ ସହମତିର ଆବଶ୍ୟକତା ରହିଛି। କିନ୍ତୁ ସରକାର ଏସଂପର୍କରେ ଚିନ୍ତା କରି ନାହାନ୍ତି। ୧୯୭୫ରେ ଜରୁରୀ ପରିସ୍ଥିତି ସମୟରେ ଏହି ଦୁଇଟି ଶବ୍ଦକୁ ଯୋଡ଼ାଯାଇଥିଲା।

## ଅମିତାଭ, ଆମୀରଙ୍କ କାରକୁ ୩୮ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବଲିଉଡ ତାରକା ଅମିତାଭ ବଚ୍ଚନ ଓ ଆମୀର ଖାନ୍‌ଙ୍କ ନାମରେ ଥିବା ଦୁଇଟି ରୋଲ୍ସ ରୟସ ବିଳାସପୂର୍ଣ୍ଣ କାର ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି। ବେଙ୍ଗାଲୁରୁରେ ରୋଡ ଟ୍ୟାକ୍ସ ନ ଦେବା କାରଣରୁ ଏହି ଜରିମାନା ବୃଦ୍ଧିପାଇ ୧୮ ଓ ୨୦ ଲକ୍ଷ ଟଙ୍କାରେ ପହଞ୍ଚିଛି। କିନ୍ତୁ ଏହି ଦୁଇଟି କାର ଅମିତାଭ କିମ୍ବା ଅମୀରଙ୍କ ନୁହଁ ବୋଲି ଜଣାପଡ଼ିଛି। ଦୁଇଟି ଯାକ କାର ଏବେ ଜଣେ ସ୍ଥାନୀୟ ବ୍ୟବସାୟୀ ତଥା ରାଜନେତା ୟୁସୁଫ୍ ଶରିଫ୍‌ଙ୍କ ନାମରେ ରହିଛି। ସେ ନିୟମିତ ଭାବେ ଏହି କାର ବ୍ୟବହାର କରୁଥିଲେ। ସେ କିଛି ବର୍ଷ ପୂର୍ବେ ଅମିତାଭ ଓ ଆମୀରଙ୍କଠାରୁ ଏହି କାର କ୍ରୟ କରିଥିଲେ। କିନ୍ତୁ ସେ ମାଲିକାନାକୁ ନିଜ ନାମକୁ ଟ୍ରାନ୍ସଫର କରି ନଥିଲେ। ଶରିଫ କେଜିଏଫ୍ ବାବୁ ନାମରେ ପରିଚିତ। ସେ କର୍ଣ୍ଣାଟକର ଖଣି ସହର କୋଲାର ଗୋଲ୍ଡ ଫିଲ୍ଡସ (କେଜିଏଫ୍)ର ମୂଳ ନିବାସୀ ଅଟନ୍ତି। ଏହି ସ୍ଥାନ ସୁପରହିଟ୍ ସିନେମା କେଜିଏଫ୍ ମୁକ୍ତିଲାଭ କରିବା ପରେ ବେଶ୍ ଲୋକପ୍ରିୟ ହୋଇଥିଲା।

## ଏନ୍‌ସିଇଆରଟିର ନୂଆ ଗଣିତ ବହି

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଏନ୍‌ସିଇଆରଟି କ୍ଲାସ ୮ ପାଇଁ ନୂଆ ଗଣିତ ବହି ଆରମ୍ଭ କରିଛି। ଏହାର ନାମ ଗଣିତ ପ୍ରକାଶ ରଖାଯାଇଛି। ଏହି ବହି ଏନ୍‌ସିଇଆରଟିର ୱେବପୋର୍ଟାଲରେ ଉପଲବ୍ଧ। ଏହି ବହି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଓ ଜାତୀୟ ପାଠ୍ୟ ଚର୍ଚ୍ଚାର ରୂପରେଖର ଠିକ୍ ଅନୁରୂପ। ଭାରତୀୟ ଗାଣିତିକ ପରମ୍ପରା ଓ ତତ୍ତ୍ୱକୁ ଭିତ୍ତି କରି ଏହି ପୁସ୍ତକ ଲେଖା ହୋଇଛି ଓ ଏହା ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାରେ ସମର୍ଥ ହେବ ବୋଲି ଆଶା କରାଯାଉଛି। କ୍ରୀଡ଼ା ଆଧାରିତ ଏହି ପୁସ୍ତକ ପିଲାମାନଙ୍କୁ ଗଣିତ ଶିକ୍ଷା ଦେବାରେ ନୂଆ ଦିଶା ପ୍ରଦାନ କରିବ। ବାସ୍ତବିକ ଦୈନନ୍ଦିନ ଜୀବନ ସହ ଏହ ବହିର ପ୍ରାସଙ୍ଗିକତା ରହିବ ବୋଲି ଆଶା କରାଯାଉଛି। ଏହି ନୂଆ ଗଣିତ ପୁସ୍ତକ ପିଲାମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବ। ଏନ୍‌ସିଇଆରଟି ମଧ୍ୟ ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ଓ ହିନ୍ଦୀ ବହି ଲଞ୍ଚ୍ କରିଛି।

## ଅହମଦାବାଦ ବିମାନ ଦୁର୍ଘଟଣା ପରେ ଛୁଟି ନେଇଥିଲେ ୧୧୨ ଏୟାର ଇଣ୍ଡିଆ ପାଇଲଟ୍



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଅହମଦାବାଦ୍ ବିମାନ ଦୁର୍ଘଟଣାର ୪ ଦିନପରେ ଏୟାର ଇଣ୍ଡିଆର ୧୧୨ ଜଣ ପାଇଲଟ୍ ଛୁଟି ନେଇଥିଲେ। ଅସୁସ୍ଥତା କାରଣ ଦର୍ଶାଇ ପାଇଲଟ୍‌ମାନେ ଛୁଟି ନେଇଥିଲେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଯୁଡୁ ସଂସଦରେ କହିଛନ୍ତି। ଜୁନ୍ ୧୬ରେ ୬୧ ଜଣ ସିନିଅର ପାଇଲଟ୍ ଓ ୫୧ ଜଣ ଫ୍ଲାଇଟ୍ ଅଫିସର ଛୁଟି ପାଇଁ ଆବେଦନ କରିଥିଲେ। ତେଣୁ ବିମାନ ଦୁର୍ଘଟଣା ପରେ ପାଇଲଟମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ଓ ଏହାକୁ ଠିକ୍ କରିବା ପାଇଁ ବ୍ୟବସ୍ଥା କରିବା ଜରୁରୀ ବୋଲି ସେ କହିଛନ୍ତି। ପାଇଲଟମାନଙ୍କ ପାଇଁ ସପୋର୍ଟ ଗ୍ରୁପ୍ ଗଠନ କରିବାକୁ ପରାମର୍ଶ ଦିଆଯାଇଛି। ସେପଟେ ଡିଜିସିଏ (ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏସନ) ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଛି। କ୍ୟାବିନ କ୍ରୁ ମେମ୍ବରଙ୍କ ଡ୍ୟୁଟି ନିୟମ, ଟ୍ରେନିଂ ରୁଲ, ଅପରେସନ ପ୍ରସିଡ୍ୟୁଅରର ଉଲ୍ଲଂଘନକୁ ନେଇ ଏହି ନୋଟିସ ଜାରି କରାଯାଇଛି। ଜୁନ୍ ୧୨ରେ ଅହମଦାବାଦ୍‌ରେ ବିମାନ ଦୁର୍ଘଟଣାରେ ମୋଟ ୨୬୦ଜଣ ପ୍ରାଣ ହରାଇଥିବା ବେଳେ ୬୮ ଜଣ ଆହତ ହୋଇଥିଲେ।

# ମନ୍ଦିର ପାଇଁ ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ



### ୧୨ ଥାଇ ନାଗରିକ ମୃତ; ଥାଇଲାଣ୍ଡର ପାଲଟା ଆକ୍ରମଣ, ଶତାଧିକ ଆହତ

ବ୍ୟାଙ୍କକ୍/ନୋମ ପେନ୍ହ, ୨୪।୭(ଏଜେନ୍ସି): ଗୁରୁବାର ସକାଳେ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି। ଦୁଇଦେଶର ସୀମାର ଗୁଳିଗୋଳା ବର୍ଷଣ ହୋଇଛି। କାମ୍ବୋଡିଆ ସୈନିକଙ୍କ ଗୁଳିରେ ୧୨ ଜଣ ଥାଇଲାଣ୍ଡ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ଜବାବରେ ଥାଇଲାଣ୍ଡ ମଧ୍ୟ କାମ୍ବୋଡିଆର ସାମରିକ ଠିକଣା ଉପରେ ବିମାନରୁ ବୋମାମାଡ଼ କରିଛି। ଏକ ପୁରୁଣା ମନ୍ଦିର ବିବାଦକୁ ନେଇ ଦୁଇ ଦେଶ ମଧ୍ୟରେ ଏହି ସଂଘର୍ଷ ହୋଇଥିବା କୁହାଯାଉଛି।

ସୀମାରେ ଥାଇଲାଣ୍ଡ ସେନା ପ୍ରଥମେ ଗୁଳି ଚଳାଇଥିଲେ ବୋଲି କାମ୍ବୋଡିଆ ବୈଦେଶିକ ମନ୍ତ୍ରଣାଳୟ ଅଭିଯୋଗ କରିଛି। ଅପରପକ୍ଷରେ କାମ୍ବୋଡିଆ ପ୍ରଥମେ ଡ୍ରୋନ୍ ଆକ୍ରମଣ କରିଛି ସହିତ ତୋପ ଓ ରକେଟ ଦ୍ୱାରା ଆକ୍ରମଣ କରିଛି ବୋଲି ଥାଲଇାଣ୍ଡ ପାଲଟା ଅଭିଯୋଗ କରିଛି। ଗତ ମେ ୨୮ ରେ ଦୁଇଦେଶର ସୈନିକଙ୍କ ମଧ୍ୟରେ ପ୍ରଥମ ସଂଘର୍ଷ ହୋଇଥିଲା ଓ ଏଥିରେ ଜଣେ କାମ୍ବୋଡିଆ ସୈନିକ ମୃତ୍ୟୁବରଣ କରିଥିଲେ। ଏହାପରଠାରୁ ଦୁଇଦେଶ ମଧ୍ୟରେ ବିବାଦ ଓ ଉତ୍ତେଜନା ଜାରି ରହିଛି। ଥାଇଲାଣ୍ଡ ଇତିମଧ୍ୟରେ ତା'ର ସୀମାକୁ ଲାଗି ୮୬ଟି ଗାଁରୁ ୪୦ ହଜାର ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ସେହିପରି କାମ୍ବୋଡିଆରେ ରହୁଥିବା ଥାଇ ନାଗରିକଙ୍କୁ ଦେଶକୁ ଫେରିବାକୁ କୁହାଯାଇଛି।

ଉଲ୍ଲେଖଥାଉ କି, ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ବିବାଦ ୧୧୮ ବର୍ଷ ପୁରୁଣା। ପ୍ରିହ ବିହାରର ପୁରୁଣା ଶିବ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ଅଧିକାରକୁ ନେଇ ଏହି ବିବାଦ ଚାଲୁ ରହିଛି। ଏହି ମନ୍ଦିରକୁ ଦୁଇ ଦେଶ ନିଜର ବୋଲି ଦାବି କରୁଛନ୍ତି ଓ ସେବେଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହି ମନ୍ଦିର ବିବାଦରେ ଆନ୍ତର୍ଜାତିକ ନ୍ୟାୟାଳୟ ୧୯୬୨ରେ କାମ୍ବୋଡିଆ ସପକ୍ଷରେ ରାୟ ଦେଇଥିବା ବେଳେ ଥାଇଲାଣ୍ଡ ଏହାକୁ ମାନିବାକୁ ନାରାଜ। ତେବେ ୨୦୧୩ ପରେ ଦୁଇ ଦେଶ ମଧ୍ୟରେ ଏହାକୁ ନେଇ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ସାନି ଉତ୍ତେଜନା ପରେ ଦୁଇ ଦେଶ ପରସ୍ପର ସହ କୂଟନୈତିକ ସଂପର୍କ ଛିନ୍ନ କରିଛନ୍ତି।

**ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା**

## ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ହାଇକୋର୍ଟ ଜୁଲାଇ ୨୧ରେ ସବୁ ୧୨ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ମହାରାଷ୍ଟ୍ର ସରକାର ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ବୁଧବାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୁପ୍ରିମ କୋର୍ଟ ସେହି ରାୟ ଉପରେ ରୋକ୍ ଲଗାଇବା ସହିତ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟ ରାୟ ପରେ ମୁକ୍ତ ହୋଇଥିବା ଅଭିଯୁକ୍ତମାନଙ୍କୁ ପୁଣି ଗିରଫ କରାଯିବ ନହିଁ। ଜଷ୍ଟିସ ଏମ୍‌ଏମ୍ ସୁନ୍ଦ୍ରେଶ ଓ ଏନ୍ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ। ରାଜ୍ୟ ସରକାର ସମେତ ସବୁ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟଙ୍କ ତରଫରୁ ନୋଟିସ ଦିଆଯାଇଛି।

### ପୁଣି ଗିରଫ ହେବେନାହିଁ ମୁକ୍ତ ହୋଇଥିବା ବ୍ୟକ୍ତି

୧୯ ବର୍ଷ ତଳେ ୨୦୦୬ ଜୁଲାଇ ୧୧ରେ ହୋଇଥିବା ଏହି ଟ୍ରେନ୍ ବିସ୍ଫୋରଣରେ ୧୮୯ ଲୋକ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ମୋଟ୍ ୧୩ ଜଣ ଅଭିଯୁକ୍ତ ଥିଲେ ଓ ଜଣେ ଅଭିଯୁକ୍ତ ମୃତ୍ୟୁବରଣ କରିଛନ୍ତି। ସବୁ ବିସ୍ଫୋରଣ ଫାଷ୍ଟକ୍ଲାସ୍ ବଗିରେ ହିଁ ହୋଇଥିଲା। ଦୀର୍ଘ ୧୯ ବର୍ଷ ପରେ ରାୟ ଦେଇ ହାଇକୋର୍ଟ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଦୋଷ ପ୍ରମାଣ କରିବାକୁ ସରକାରୀ ଓକିଲ ବିଫଳ ହୋଇଛନ୍ତି ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ଦିନ ୧୦ ଜଣ ଅଭିଯୁକ୍ତଙ୍କୁ ଜେଲ୍‌ରୁ ଖଲାସ କରାଯାଇଥିଲା।

## ଘରୋଇ ହିଂସାରେ ଦୁଇମାସ ପର୍ଯ୍ୟନ୍ତ ହେବନି ଗିରଫଦାରୀ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଘରୋଇ ହିଂସା ତଥା ଯୌତୁକ ନିର୍ଯାତନା ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ମାମଲା ରୁଜୁ ହେବାପରେ ଏବେ ଅଭିଯୁକ୍ତଙ୍କୁ ତୁରନ୍ତ ଗରିଫ କରାଯାଇପାରିବ ନାହିଁ। ମାମଲା ରୁଜୁ ହେବାର ଦୁଇମାସ ମଧ୍ୟରେ ଆବଶ୍ୟକୀୟ ତଦନ୍ତ କରିବା ପରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଥିବା ଆଇନ୍ ବିଏନ୍‌ଏସ୍ (ଭାରତୀୟ ଦଣ୍ଡ ସଂହିତା)ର ଧାରା ୪୯୮ (କ)ର ବ୍ୟାପକ ଭାବେ ଦୁରୁପଯୋଗ କରାଯାଉଛି ବୋଲି କୋର୍ଟ ହୃଦୟଙ୍ଗମ କରିଛନ୍ତି। ଏବେ ଅଭିଯୋଗ ପରେ ଓ ମାମଲା ରୁଜୁ ପରେ ପୁଲିସ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁଛି। ଫଳରେ ପାରିବାରିକ ଜୀବନରେ ଝଡ଼ଝଞ୍ଜା ସୃଷ୍ଟି ହେଉଛି। ପୁଣି ଏ ନେଇ ସମାଧାନର ପନ୍ଥା ମଧ୍ୟ ବହାରିବା ମୁସ୍କିଲ ହୋଇପଡୁଛି। ତେଣୁ ଏବେକାର ସ୍ଥିତିରେ ଏହି ରାୟର ପ୍ରାସଙ୍ଗିକତା ରହିଛି। ଏହିକ୍ରମରେ ଦୁଇବର୍ଷ ତଳେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ମାର୍ଗଦର୍ଶିକାକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଦୁଇମାସ ମଧ୍ୟରେ ପୁଲିସ ମାମଲାକୁ ପରିବାର କଲ୍ୟାଣ କମିଟି (ଏଫ୍‌ଡବ୍ଲ୍ୟୁସି)କୁ ସୁପାରିସ କରିବ। ଏଫ୍‌ଡବ୍ଲ୍ୟୁସି ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି। ଏହାକୁ ସାରା ଦେଶରେ ଲାଗୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ପ୍ରତ୍ୟେକ ଜିଲ୍ଲାରେ ଅତିକମ୍‌ରେ ଗୋଟିଏ ଲେଖାଏ ଏଫ୍‌ଡବ୍ଲ୍ୟୁସି ରହିବା ଜରୁରୀ ବୋଲି କୋର୍ଟ କହିଛନ୍ତି।

## ଜଷ୍ଟିସ ବର୍ମା ମାମଲା: ଯାଞ୍ଚ କମିଟି ଗଠନ କରିବ ସଂସଦ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ନଗଦ ଟଙ୍କା ଜବତ ମାମଲାରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ତଦନ୍ତ ପାଇଁ ସଂସଦ କମିଟି ଗଠନ କରିବା ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଏହି କମିଟିରେ ସୁପ୍ରିମକୋର୍ଟର ଜଣେ ବିଚାରପତି, କୌଣସି ହାଇକୋର୍ଟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ପ୍ରତିଷ୍ଠିତ ଆଇନ ବିଶେଷଜ୍ଞଙ୍କୁ ସାମିଲ କରାଯିବ। ଏହି କମିଟି ଯଷ୍ଟିସ ବର୍ମାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ନେଇ ତଦନ୍ତ କରି ତା'ର ରିପୋର୍ଟ ପ୍ରଦାନ କରିବେ। ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ନୋଟିସ ଆସିବା ପରେ ସଂସଦରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। କମିଟି ତିନି ମାସ ମଧ୍ୟରେ ରିପୋର୍ଟ ଦେବ। ରିପୋର୍ଟ ସଂସଦରେ ଉପସ୍ଥାପିତ ହେବ। ଜଷ୍ଟିସ ବର୍ମା ଦୋଷୀ ହୋଇଥିଲେ ମହାଭିଯୋଗ ଉପରେ ମତଦାନ କରାଯିବ।

ଗତକାଲି ସୁପ୍ରିମକୋର୍ଟରେ ଜଷ୍ଟିସ୍ ବର୍ମା ମାମଲାର ଶୁଣାଣି ହୋଇଥିଲା। କିନ୍ତୁ ପ୍ରଧାନ ବିଚାରପତି ବିଆର ଗଭାଇ ଏହି ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି। ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସେ କହିଥିଲେ। ଜୁଲାଇ ୧୯ ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏଡି ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ସେ ଇନ୍ ହାଉସ୍ କମିଟି ଦେଇଥିବା ରିପୋର୍ଟ ଓ ମହାଅଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବା ପାଇଁ ଆବେଦନ କରିଥିଲେ। ଜଷ୍ଟିସ ବର୍ମା ଅଭିଯୋଗ କରିଥିଲେ ଯେ ତଦନ୍ତ ବେଳେ ଇନ୍ ହାଉସ କମିଟି ତାଙ୍କୁ ପକ୍ଷ୍ୟ ରଖିବାକୁ ସୁଯୋଗ ଦେଇନଥିଲା।

## ୟୁକ୍ରେନ୍‌ରେ ଜେଲେଁସ୍କିଙ୍କ ବିରୋଧରେ ପ୍ରଦର୍ଶନ

କିଭ୍, ୨୪।୭(ଏଜେନ୍ସି): ରୁଷ ଓ ୟୁକ୍ରେନ୍ ମଧ୍ୟ ଚାଲିଥିବା ଯୁଦ୍ଧ ୩ ବର୍ଷ ଅତିକ୍ରାନ୍ତ ହେଲାଣି ଓ ଯୁଦ୍ଧ ଥମିବାର କୌଣସି ସମ୍ଭାବନା ସୃଷ୍ଟି ହୋଇନାହିଁ। ଏପରି ସ୍ଥଳେ ପ୍ରଥମ ଥର ପାଇଁ ୟୁକ୍ରେନ୍‌ରେ ରାଷ୍ଟ୍ରପତି ଭୋଲୋଡିମୀର ଜେଲେଁସ୍କିଙ୍କ ବିରୋଧରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଜେଲେନସ୍କିଙ୍କୁ ବିରୋଧ କରି ରାଜଧାନୀ କିଭ୍ ସମେତ ଦେଶର ଏକାଧିକ ବଡ଼ ସହରରେ ବିରୋଧ ପ୍ରଦର୍ଶନ କରାଯାଇଛି। ନିକଟରେ ୟୁକ୍ରେନ ସଂସଦରେ ଏକ ବିଲ୍ ପାସ ହୋଇଥିଲା। ଏହି ବିଲ ବଳରେ ଦେଶରୁ ଦୁଇଟି ଦୁର୍ନୀତି ବିରୋଧି ସଂସ୍ଥା ନ୍ୟାସନାଲ ଆଣ୍ଟି କରପସନ ବ୍ୟୁରୋ ଅଫ୍ ୟୁକ୍ରେନ୍ ଓ ସ୍ପେଶାଲାଇଜଡ୍ ଆଣ୍ଟି କରପସନ ପ୍ରସିଡ୍ୟୁର ଅଫିସ ଉପରେ ନଜର ତଥା ଯାଞ୍ଚକୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଉଛି ବୋଲି ଅଭିଯୋଗ ହେଉଛି।

# ବିହାରରୁ ଦିଲ୍ଲୀ ଯାଏଁ ଭୋଟର ତାଲିକା ସଂଶୋଧନ କମ୍ପନ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ବିହାରରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୈତିକ କମ୍ପନ ଜାରି ରହିଛି। ବିହାରରେ ୬୦ ଲକ୍ଷ ମତଦାତାଙ୍କ ନାମ ଭୋଟର ତାଲିକାରୁ କଟିବ ବୋଲି ନିର୍ବାଚନ କମିସନ ସୂଚନା ଦେବା ପରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ସହ ସଲାସୁତରା କରି କମିସନ ଏଭଳି ପଦକ୍ଷେପ ନେଉଛନ୍ତି। ଏଭଳି ଭୋଟର ତାଲିକା ସଂଶୋଧନକୁ ତୁରନ୍ତ ବାତିଲ କରିବା ପାଇଁ ସେମାନେ ଦାବି କରିଛନ୍ତି। ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡକୁ ପରିଚୟପତ୍ର ରୂପେ ଗ୍ରହଣ କରିବା ଲାଗି ସୁପ୍ରିମ କୋର୍ଟଙ୍କ ପରାମର୍ଶକୁ କମିସନ ପ୍ରତ୍ୟାଖ୍ୟାନ କରିଥିବାରୁ ଏହା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। କମିସନଙ୍କ ଏଭଳି ପଦକ୍ଷେପ ବିରୋଧରେ ବିହାର ରାଜଧାନୀ ପାଟନାରେ ଆଜି ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଦିଲ୍ଲୀରେ ମଧ୍ୟ ସଂସଦ ଅଚଳ ରହିଛି।

ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନକୁ ନେଇ ଶାସକ ଜେଡିୟୁରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଏନେଇ ଦଳୀୟ ସାଂସଦ ଗିରିଧାରୀ ଯାଦବ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ କମିସନଙ୍କ ଏଭଳି ପ୍ରକ୍ରିୟା ଯୋଗୁଁ




ଲକ୍ଷ ଲକ୍ଷ ବୈଧ ଭୋଟର ସେମାନଙ୍କ ମତାଧିକାରରୁ ବଞ୍ଚିତ ହେଇଯିବେ। ତେବେ ତାଙ୍କର ଏଭଳି ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଜେଡିୟୁ। ଏହାସତ୍ତ୍ୱେ ସେ କମିସନ ବିରୋଧରେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି ଯାଦବ।

ଆଜି ସଂସଦ ବାହାରେ ବିକ୍ଷୋଭ ଓ ଧାରଣା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭୋଟ ଲୁଟ୍ ପାଇଁ ଏହା ଆଉ ଏକ ଚାଲ୍। ସେ ଅଭିଯୋଗ କରିଛନ୍ତି ଯେ କମିସନ କର୍ଣ୍ଣାଟକରେ ମଧ୍ୟ ଭୋଟ ଚୋରି କରିବା ସହ ଅନୈତିକ ଉପାୟ ଅବଲମ୍ବନ କରିଥିଲେ। ଭୋଟର ତାଲିକା ରିଭିଜନ ନାମରେ ହଜାର ହଜାର ନକଲି ଭୋଟରଙ୍କୁ ସାମିଲ କରାଯାଇଛି। କର୍ଣ୍ଣାଟକରେ ଗୋଟିଏ ଆସନରେ ଜାଲିଆତି କରିଛନ୍ତି କମିସନ। ଆମ ପାଖରେ ଏ ନେଇ ୧୦୦ ପ୍ରତିଶତ ପ୍ରମାଣ ରହିଛି। ଗୋଟିଏ ନିର୍ବାଚନ ମଣ୍ଡଳୀରେ ୫୦, ୬୦ ଓ ୬୫ ବର୍ଷର ହଜାର ହଜାର ଭୋଟରଙ୍କୁ ସୂଚୀରେ ସାମିଲ କରାଯାଇଛି ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ସୂଚୀରୁ ଅନୈତିକ ଉପାୟରେ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଗୋଟିଏ ନିର୍ବାଚନମଣ୍ଡଳୀରେ ଏଭଳି ଜାଲିଆତି ହୋଇଥିବାର ଆମେ ପ୍ରମାଣ ପାଇଛୁ। ତେଣୁ ପ୍ରତ୍ୟେକ ଆସନରେ ଏଭଳି ଜାଲିଆତି କରାଯାଇଥିବ ବୋଲି ମୋର ବିଶ୍ୱାସ ହେଉଛି। ମହାରାଷ୍ଟ୍ର ଓ ହରିଆଣାରେ ମଧ୍ୟ ଏଭଳି ଜାଲିଆତି କରାଯାଇଥିବା ସେ କହିଛନ୍ତି।

# ଏବେ ଚାଷୀଙ୍କୁ ଇ-କେୱାଇସି ଯନ୍ତ୍ରଣା

**ପଞ୍ଜିକରଣରୁ ଆରମ୍ଭ ହେଲାଣି ଅବ୍ୟବସ୍ଥା**

ଭୁବନେଶ୍ୱର, ୨୪।୭ (ସମିସ): ଗତ ୧୯ ତାରିଖରୁ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ ହୋଇଯାଇଛି। ଚାଷୀମାନେ ପାକ୍ସ, ଲ୍ୟାମ୍ପସ୍, ସମବାୟ ସମିତି ଜରିଆରେ ପଞ୍ଜିକରଣ କରୁଛନ୍ତି। ମାତ୍ର ଚଳିତବର୍ଷ ପଞ୍ଜିକରଣ ବେଳେ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଥିବା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ପଞ୍ଚାୟତରେ ଇଣ୍ଟରନେଟ୍ ସମସ୍ୟା ରହୁଛି। ତେଣୁ ଇ-କେୱାଇସି କରିବାରେ ବିଳମ୍ବ ହେଉଛି। ଚାଷୀମାନେ ଚାଷବାସ ଛାଡ଼ି ପଞ୍ଜିକରଣ ପାଇଁ ଆସୁଥିବା ଯୋଗୁଁ ସେମାନଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଗୋଟିଏପଟେ ଅନିୟମିତ ବର୍ଷା ଯୋଗୁଁ ଧାନ ବୁଣିବା ଓ ତଳି ରୋଇବାରେ ବିଳମ୍ବ ହେଉଥିବାବେଳେ ଏବେ ପଞ୍ଜିକରଣ ପାଇଁ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ଚଳିତବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଓ ଏହାମଧ୍ୟରୁ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିବାବେଳେ ଆଗାମୀ ମାସେ ଧରି ଏହି ପଞ୍ଜିକରଣ ଚାଲୁ ରହିବ। ପୂର୍ବରୁ ପଞ୍ଜିକରଣ ପାଇଁ କେବଳ ଜମିର ପ୍ରମାଣ ପତ୍ର, ଆଧାର କାର୍ଡ ଆଦି ଦିଆଯାଇ କରାଯାଉଥିଲା; ତେଣୁ ସହଜରେ ହୋଇଯାଉଥିଲା। ଚଳିତଥର ଏସବୁ ସହ ଇ-କେୱାଇସି ବାଧ୍ୟତାମୂଳକ ଥିବାରୁ ପଞ୍ଜିକରଣରେ ସମସ୍ୟା ହେଉଛି। ଗ୍ରାମାଞ୍ଚଳରେ ବର୍ଷା ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଏଥିସହ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ସମସ୍ୟା ଲାଗି ରହିଛି। ତେଣୁ ଜଣେ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ୧୫ରୁ ୨୦ ମିନିଟ୍ ସମୟ ଲାଗୁଛି। ଗୋଟିଏ ଦିନ ଭିତରେ ଅତି ବେଶୀରେ ୧୦ରୁ ୧୨ ଜଣ ଚାଷୀଙ୍କର ପଞ୍ଜିକରଣ ହୋଇପାରୁଛି। ହେଲେ ପ୍ରତିଦିନ ଶତାଧିକ ସଂଖ୍ୟାରେ ଚାଷୀ କାମଧନ୍ଦା ଛାଡ଼ି ଆସୁଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁଁ ସମବାୟ ସମିତି ଦୁଆରେ ବସି ବସି ଫେରୁଛନ୍ତି। ପୂର୍ବରୁ ଚାଷୀମାନେ ଧାନ ବିକ୍ରିବେଳେ ମଧ୍ୟ ସମସ୍ୟା ଭୋଗୁଥିଲେ। ଦିନ ଦିନ ଧରି ବିକ୍ରି କରିବା ପାଇଁ ସମବାୟ ବାରଣ୍ଡରେ ପଡ଼ି ରହୁଥିଲେ। ଏବେ ପଞ୍ଜିକରଣ ପାଇଁ ଏଭଳି ସମସ୍ୟା ହେବାରୁ ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାକୁ ନାପସନ୍ଦ କରିବା ଆରମ୍ଭ କରିଦେଲେଣି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ସରକାର ଉଦ୍ଦେଶ୍ୟମୂଳକ ଚାଷୀ ଧାନ ବିକ୍ରି ନ କରୁ ବୋଲି ସରକାର ଚାହୁଁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

ଚାଷୀ ଅମରେନ୍ଦ୍ର ବରାଳ କହିଛନ୍ତି ଯେ ଚଳିତବର୍ଷ ଶୀଘ୍ର ମୌସୁମୀ ଆସିଲା; ହେଲେ ଧାନ ବିହନ ମିଳିବାରେ ବିଳମ୍ବ ହେଲା। ବିହନ ମିଳିଲାବେଳକୁ ବର୍ଷା କମିଗଲା। ଏବେ ବି ବର୍ଷାରେ ଅନିୟମିତତା ଲାଗି ରହିଛି। ତେଣୁ ଚାଷ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି। ରୁଆ ବେଉଷଣ ବେଳେ ଯଦି ଆମେ ପଞ୍ଜିକରଣ ପାଇଁ ଧାଡ଼ିରେ ଛିଡ଼ା ହେବୁ, ତେବେ ଚାଷ କେତେବେଳେ କରିବୁ। ଆମେ ଧାନ ବିକ୍ରି କରିବା ସମୟରେ ଇ-କେୱାଇସି କରୁଛୁ। ଏବେ ଏହାର କ'ଣ ଆବଶ୍ୟକତା ଅଛି। ସରକାର ଗାଁ ଗାଁ ବୁଲି କ୍ୟାମ୍ପ କରି ବିଲ ମୁଣ୍ଡରେ ପଞ୍ଜିକରଣ କରନ୍ତୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସମବାୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଧାନର ସହାୟକ ମୂଲ୍ୟ ବୃଦ୍ଧି ହେବା ଯୋଗୁଁ କିଛି ନକଲି ଚାଷୀ ପଞ୍ଜିକରଣ କରି ବାହାର ରାଜ୍ୟରୁ ଧାନ ଆଣି ବିକ୍ରି କରୁଛନ୍ତି। ତେଣୁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଯେଉଁଠାରେ ସମସ୍ୟା ହେଉଛି, ଆମେ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରୁଛୁ। ଆବଶ୍ୟକ ପଡ଼ିଲେ, ପଞ୍ଜିକରଣ ଅବଧି ବୃଦ୍ଧି କରିବା ନେଇ ମଧ୍ୟ ଆଲୋଚନା କରାଯିବ।

# ଲଘୁଚାପ ଘନୀଭୂତ; ସାରା ରାଜ୍ୟରେ ବର୍ଷା

ଭୁବନେଶ୍ୱର,୨୪।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ବୁଧବାର ଅପରାହ୍ଣଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଗୁରୁବାର ଦିନ ତମାମ ଅନେକ ସ୍ଥାନରେ ବର୍ଷା ହୋଇଛି। ନବରଙ୍ଗପୁର ଝରିଗାଁରେ ସର୍ବାଧିକ ୧୩୧.୪ ମିମି ବର୍ଷା ହୋଇଥିବା ବେଳେ ଅନୁଗୋଳ ଆଠମଲ୍ଲିକରେ ୧୧୦.୯, ଦେଓଗାଁର ରେମାଲ ୧୦୬.୦ ଓ କଟକର ବାଙ୍କିରେ ୧୦୨.୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ଅବପାତରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ରହିଛି। ତେଣୁ ଧୀରେ ଧୀରେ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବା ସହ ରାଜ୍ୟରେ ପ୍ରାୟ ୨୮ ତାରିଖ ଯାଏ ବର୍ଷା ସମ୍ଭାବନା ନେଇ ଆକଳନ କରାଯାଇଛି। ଏମିତି କି ଏହି ସମୟରେ ରାଜ୍ୟର କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର କହିଛି। ୨୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରରେ ପ୍ରବଳରୁ ଅତିପ୍ରବଳ ଓ ସ୍ଥାନେ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାକି ୧୮ ଜିଲ୍ଲାକୁ ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ବର୍ଷାର ପ୍ରଭାବ ଅଧିକ ରହିବାକୁ ଥିବାରୁ ସହରାଞ୍ଚଳଗୁଡ଼ିକରେ ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ସ୍ଥିତି ସହ ଅଚାନକ ଟ୍ରାଫିକ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ସହ ସାରା ରାଜ୍ୟରେ ୨୮ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ବର୍ଷା ସମୟରେ ଓଦା କାନ୍ଥ ପଡ଼ିଯିବା, ତଳିଆ ଅଞ୍ଚଳ ବୁଡ଼ିବା, ଅଣ୍ଡରଗ୍ରାଉଣ୍ଡ ରାସ୍ତାରେ ପାଣି ଜମିବା ଭଳି ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଏହାସହ ରାଜ୍ୟରେ ପ୍ରବଳ ବର୍ଷା ସହ ଉପର ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଲଘୁଚାପ ଯୋଗୁଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ସମୁଦ୍ର ମଧ୍ୟରେ ପବନର ବେଗ ୪୦ ରୁ ୫୦ କିମି ରହିବାର ଆଶଙ୍କା ରହିଛି। ସେହିପରି ୨୬ ତାରିଖରେ ସୁନ୍ଦରଗଡରେ ପ୍ରବଳରୁ ଅତି ପ୍ରବଳବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ପୁଲିସ ଏସ୍‌ଆଇ ନିଯୁକ୍ତି ବୟସ ସୀମା ୩ବର୍ଷ କୋହଳ

କଟକ,୨୪।୭ (ସମିସ): ପୁଲିସ୍ ସବ୍-ଇନ୍ସପେକ୍ଟର (ଏସଆଇ) ନିଯୁକ୍ତି ପାଇଁ ଧାର୍ଯ୍ୟ ସର୍ବୋଚ୍ଚ ବୟସ ସୀମାକୁ ୩ବର୍ଷ କୋହଳ କରାଯାଇଛି। ଏନେଇ ଆଜି ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଅଦାଲତରେ ମାମଲା ରୁଜୁ କରିଥିବା ଆବେଦନକାରୀମାନଙ୍କ ପାଇଁ ଏହା ଲାଗୁ ହେବ ବୋଲି ଶୁଣାଣି ବେଳେ ଏହା ସ୍ପଷ୍ଟ ହୋଇଥିବା ବେଳେ ଏ ସମ୍ପର୍କିତ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପୁପୁନ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଜାନୁଆରି ୧୭ରେ ଗୃହ ବିଭାଗ ଅଧୀନରେ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍, ଏସ୍‌ଆଇ (ଆର୍ମଡ), ଷ୍ଟେସନ୍ ଅଫିସର୍ (ଅଗ୍ନିଶମ ବିଭାଗ) ଓ ସହକାରୀ ଜେଲର୍ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଆବେଦନର ସର୍ବନିମ୍ନ ବୟସ ସୀମା ୨୧ବର୍ଷ ଥିଲା ବେଳେ ସର୍ବୋଚ୍ଚ ବୟସସୀମା ୨୫ଧାର୍ଯ୍ୟ ହୋଇଥିଲା। ଏସ୍‌ସି-ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ଅଧିକ ୫ବର୍ଷ ବୟସସୀମା ଧାର୍ଯ୍ୟ ହୋଇଥିଲା। ତେବେ ସାଧାରଣ ବର୍ଗର ପ୍ରାର୍ଥୀମାନେ ସର୍ବୋଚ୍ଚ ବୟସ ସୀମାକୁ ନେଇ ଆପତ୍ତି ଉଠାଇଥିଲେ। ଯେହେତୁ ୨୦୧୮-୧୯ ପରଠାରୁ ଆଉ ପୁଲିସ ବିଭାଗରେ ଏସଆଇ ନିଯୁକ୍ତି ହୋଇନଥିଲା; ତେଣୁ ୭ ବର୍ଷ ଧରି ଅପେକ୍ଷା କରିଥିବା ପ୍ରାର୍ଥୀମାନେ ମାତ୍ର ୨୫ ବର୍ଷର ସର୍ବୋଚ୍ଚ ବୟସସୀମା ଧାର୍ଯ୍ୟ ପାଇଁ ନିଯୁକ୍ତି ଆବେଦନରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଥିଲା। ଖାଲି ପଡୁଥିବା ପଦବୀରେ ସରକାର ପ୍ରତିବର୍ଷ ନିଯୁକ୍ତି ନକରି ଏକକାଳୀନ ୭ବର୍ଷ ବ୍ୟବଧାନରେ ୯୩୩ଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଦ୍ୱାରା ଅନେକ ନିଯୁକ୍ତି ଆଶାୟୀ ଆବେଦନରୁ ବଞ୍ଚିତ ହେବେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହାଇକୋର୍ଟ ମଧ୍ୟ ଆବେଦନକାରୀମାନଙ୍କୁ ଆବେଦନ ପାଇଁ ଅନୁମତି ପ୍ରଦାନ କରିବା ସହ ନିଯୁକ୍ତି ଫଳ ଅଦାଲତଙ୍କ ଅନୁମତି ବିନା ପ୍ରକାଶ କରାଯିବ ନାହିଁ ପୂର୍ବରୁ ଏକ ଅନ୍ତରୀଣ ଆଦେଶ ଜାରି କରିଥିଲେ। ଏବେ ମାମଲାରେ ପୂର୍ଣ୍ଣଚ୍ଛେଦ ପରେ ନିଯୁକ୍ତି ପାଇଁ ବାଟ ଫିଟିଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମଦନ ମୋହନ ଦାସ ମାମଲା ପରିଚାଳନା କରୁଥିଲେ।

# ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ, ୨୪।୭ (ସମିସ): ଭିଜିଲାନ୍ସ ମାମଲାରେ ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ



ତାଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀ ଚକମାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ସେ ଅଦାଲତଙ୍କ ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତରେ ସହଯୋଗ କରିବା ସହ ତଦନ୍ତକାରୀ ଅଧିକାରୀଙ୍କ ଆବଶ୍ୟକତା ଅନୁସାରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ମାମଲାରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକମା ଜଣେ କ୍ରସର୍ ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ତାଙ୍କର ଜାମିନ ଆବେଦନ ଖାରଜ ହେବା ପରେ ଗତ ଜୁନ ୧୯ରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଆଦିବାସୀ ମହାସଂଘ**

# ଆଦିବାସୀଙ୍କ ବିକାଶକୁ ସର୍ବାଧିକ ପ୍ରାଥମିକତା: ମୋହନ

ଭୁବନେଶ୍ୱର,୨୪।୭ (ସମିସ): ଗୁରବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା ଆଦିବାସୀ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟିଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା ସହ ପ୍ରସ୍ତାବ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ



ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି। ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

# ବଜ୍ରପାତରେ ମାଆ-ପୁଅ ମୃତ

ଝାରସୁଗୁଡ଼ା,୨୪।୭ (ସମିସ): ଝାରସୁଗୁଡ଼ା ସହରସ୍ଥିତ ଶ୍ରୀୟା ବଗିଚା ନିକଟରେ ବ୍ରଜପାତରେ ମା'-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଶ୍ରୀୟା ବଗିଚା ଅଞ୍ଚଳର ପୁନମ ଦେବୀ (୩୫) ଓ ତାଙ୍କ ପୁଅ ଶିବରାଜ ସା'(୧୨)। ସୂଚନାନୁସାରେ ପୁନମ୍ ଆଜି ସଂଧ୍ୟାରେ ସ୍ୱାମୀ ଓ ପୁଅଙ୍କ ସହ ଝାରସୁଗୁଡ଼ାରୁ ଶ୍ରୀୟା ବଗିଚାକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ସେମାନେ ଶ୍ରୀୟା ବଗିଚାର ରେଲୱେ କ୍ରସିଂ ନିକଟରେ ଅଟକି ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ପୁନମ ଓ ଶିବରାଜ ଉକ୍ତ ସ୍ଥାନରେ ଟଳିପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ୮ ବିରୋଧୀ ଦଳ

ଭୁବନେଶ୍ୱର,୨୪।୭ (ସମିସ): ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ବିରୋଧୀ ହିଂସା ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ୮ଟି ସମଭାବାପନ୍ନ ଦଳ। ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ନ୍ୟାୟ ଦାବି କରି କଂଗ୍ରେସ ସମେତ ରାଜ୍ୟର ୮ଟି ବିରୋଧୀଦଳ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ମହିଳାଙ୍କୁ

**ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଦାବି**

ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରିବା ସହ ମହିଳାଙ୍କ ବିରୋଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି।

ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧ୍ୟକ୍ଷା ନିଯୁକ୍ତି, ପଡ଼ି ରହିଥିବା ମହିଳା ହିଂସା ସଂକ୍ରାନ୍ତ ୧୧,୦୦୦ରୁ



ଅଧିକ ଅଭିଯୋଗର ତୁରନ୍ତ ସମାଧାନ, ମହିଳା ପୁଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ, ମହିଳାଙ୍କ ବିରୋଧରେ ହେଉଥିବା ଅପରାଧିକ ମାମଲା ୬ ମାସ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଦାବି ହୋଇଛି। ପୁଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ଦେବା ସହ କମ୍ୟୁନିଟି ପୁଲିସ୍ ବ୍ୟବସ୍ଥା ପ୍ରଚଳନ, ମହିଳାଙ୍କୁ ଦକ୍ଷତା ବିକାଶ ଓ ରୋଜଗାର ଯୋଗାଇ ଅର୍ଥନୈତିକ ଭାବେ ସଶକ୍ତ ଏବଂ ସ୍ୱାବଲମ୍ବନ କରିବାକୁ ଦାବି ହୋଇଛି। ପୁଲିସ ଷ୍ଟେସନରେ ଦୁଷ୍କର୍ମ ଏବଂ ଯୌନ ଅପରାଧ ରେକର୍ଡ ପାଇଁ ସ୍ୱତନ୍ତ୍ର ସେଲ୍ ଓ ଅନଲାଇନ ଏଫଆଇଆର ବ୍ୟବସ୍ଥା ଆରମ୍ଭ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇ ରାଜ୍ୟ ସହ ସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମଏଲ)-ଲିବେରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସାମିଲ ହୋଇଥିଲେ।

**■ ଆଇଏଏସସ୍ତରରେ ଅଦଳବଦଳ**

# ୯ ଉପଖଣ୍ଡରେ ନୂଆ ଉପଜିଲ୍ଲାପାଳ

ଭୁବନେଶ୍ୱର,୨୪।୭ (ସମିସ): ରାଜ୍ୟ ସରକାର ଗୁରୁବାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଅଦଳବଦଳରେ ମୋଟ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି ଓ ତନ୍ମଧ୍ୟରେ ୨୦୨୩ ବ୍ୟାଚର ୯ ଜଣ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତି ଅନୁସାରେ ଆଇଏଏସ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଥବା ବେଳେ ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏଏସ ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ସମର୍ଥ ବର୍ମାଙ୍କୁ ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଭାବେ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ତାଲିମରୁ ଫେରିଥିବା ୨୦୨୩ ବ୍ୟାଚର ୮ଜଣ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ ଉପଜିଲ୍ଲାପାଳ, ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଞ୍ଚପୀର-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍‌ନି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ ମାଲବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

**■ ଏସ୍‌ସିବି ଏମ୍‌ଆର୍‌ଆଇ ମେସିନ୍ ଅଚଳ**

# ନିରାଶ ଫେରିଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କଟକ, ୨୪।୭ (ସମିସ): ବଡ଼ ମେଡିକାଲରେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରିଲା ନାହିଁ। ସର୍ଜରୀ ଜନିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ସେ ଏସ୍‌ସିବି ଆସିଥିଲେ। ଏମ୍‌ଆର୍‌ଆଇ କରିବା ନିମନ୍ତେ ଏଠାରେ ଡାକ୍ତର ପରାମର୍ଶ ଦେଲେ, ମାତ୍ର ଏସ୍‌ସିବିର ଆଞ୍ଚଳିକ ନିଦାନ କେନ୍ଦ୍ର (ଆରଡିସି)ରେ ସଂସ୍ଥାପିତ ଏମଆରଆଇ ମେସିନ୍ କିଛି ଦିନ ହେବ ଅଚଳ ହୋଇ ପଡ଼ିଥିବା କୁହାଯାଇଥିଲା। ଏଣୁ ପ୍ରୋଟୋକଲ୍ ଭିତରେ ଏମଆରଆଇ କରାଇବା ନିମନ୍ତେ ତାଙ୍କୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚପିଜିଆଇସି)କୁ ନେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ମଚାରୀଙ୍କ ଭିତରେ ଆଲୋଚନା ଜୋର ଧରିଛି। ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଯେଉଁଠାରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି, ସେଠାରେ ସାଧାରଣଲୋକଙ୍କ ଅବସ୍ଥା କ'ଣ ହେଉଥିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି କିଛି ସ୍ୱାସ୍ଥ୍ୟ ସମସ୍ୟା ନେଇ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସୁରକ୍ଷାବଳୟ ଭିତରେ କଟକ ବଡ଼ ମେଡିକାଲକୁ ଆସିଥିଲେ। ବରିଷ୍ଠ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରେ ଏମ୍‌ଆରଆଇ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ହେଲେ ବଡ଼ ମେଡିକାଲର ଏମ୍‌ଆର୍‌ଆଇ ମେସିନ ଅଚଳ ଥିବା ହେତୁ ତାଙ୍କୁ ଏଏଚ୍‌ପିଜିଆଇସିକୁ ନେବାକୁ ପଡ଼ିଥିଲା। ସେଠାରେ ପିପିପି ମୋଡ୍‌ରେ ଚାଲିଥିବା ଏମଆରଆଇ କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ତ୍ତୃପକ୍ଷ ଭିନ୍ନ ମତ ଦେଇଛନ୍ତି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏମ୍‌ଆର୍‌ଆଇ ମେସିନ ଅଚଳ ଥିବା କଥା ପୂର୍ବରୁ ଅବଗତ ଥିଲୁ। ଏଣୁ, ଏଏଚପିଜିଆଇସିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପୂର୍ବରୁ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା। ହେଲେ ତାଙ୍କୁ ତରବରିଆ ଭାବେ ଏଏଚ୍‌ପିଜିଆଇସି ନିଆଯାଇଥିଲା ବୋଲି କିଛି କର୍ମଚାରୀ ଆଲୋଚନା ପ୍ରସଙ୍ଗରେ ଜଣାଇଛନ୍ତି।

**ଗଠନ ହୋଇପାରିଲାନି ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ**

# ୮ ବର୍ଷ ହେଲା ଅଟକି ରହିଛି ପୁରସ୍କାର

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୁରସ୍କାରକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାକାରଙ୍କୁ ଉତ୍ସାହିତ କରିବାକୁ ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହିତ ଏକାଡେମୀରେ ପୁରସ୍କାର ବି ଅଟକି ରହିଛି। ଓଡ଼ିଆ ଅସ୍ମିତାକୁ ଆଧାର କରି ନୂଆ ସରକାର ଗଠନ ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଅନେକ ଆଶା ରହିଥିବା ବେଳେ କାର୍ଯ୍ୟ ଶୂନ୍। ନୂଆ ସରକାର ନିକଟରେ ବର୍ଷପୂର୍ତ୍ତି ପାଳନ କରିଛନ୍ତି। ହେଲେ ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗର ପୁରସ୍କାର ଏବେ ବାଟବଣା ହୋଇଛି। କାର୍ଯ୍ୟ ତ୍ୱରାନ୍ୱିତ ବଦଳରେ ସ୍ଥାଣୁ ପାଲଟିଛି ସଂସ୍କୃତି ବିଭାଗ। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଭାଙ୍ଗିବାକୁ ୨ବର୍ଷ ବିତିଯାଇଛି; କିନ୍ତୁ ଏଯାଏଁ ପୁନର୍ଗଠନ ହୋଇପାରି ନାହିଁ ପରିଷଦ। ଫଳରେ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଅଟକି ରହିଛି। ଏମିତିକି ଶେଷଥର ପାଇଁ ୨୦୧୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୭ବର୍ଷ ଧରି ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇପାରି ନାହିଁ। ଯାହାକୁ ନେଇ ସାହିତ୍ୟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକାଡେମୀ ଆସନ୍ତାକାଲି ତା'ର ୬୮ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏକାଡେମୀ ପରିଷଦର ପୁନର୍ଗଠନ ହୋଇ ନ ଥିବା ନେଇ ସାହିତ୍ୟିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୩ ମସିହା ଜୁନ୍ ମାସରେ ପୂର୍ବ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷପଦ ଗଠନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇ ମଧ୍ୟ ଆଗେଇ ପାରିଲା ନାହିଁ। ସଭାପତି, ଉପସଭାପତି ପଦ ଫାଙ୍କା ରହିଛି। ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଖାଲିପଡ଼ିଥିବା ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ କେବେ ପୂରଣ ହେବ, ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ନିକଟରେ ନାହିଁ। ଖୁବ୍‌ଶୀଘ୍ର ସାଧାରଣ ପରିଷଦ ଗଠନ ଓ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀକ୍ଷା ବୈଠକରେ ନିର୍ଦ୍ଦେଶ

**ଆଜି ସାହିତ୍ୟ ଏକାଡେମୀର ୬୮ତମ ପ୍ରତିଷ୍ଠା ଦିବସ**

ଦେଇଥିଲେ ମଧ୍ୟ ସେ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ତାହାର ଉତ୍ତର ବିଭାଗୀୟ ଅଧିକାରୀ ଦେଇପାରୁ ନାହାନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀର ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସାଧାରଣ ପରିଷଦର ସଦସ୍ୟମାନେ ନାମ ସୁପାରିସ କରିଥା'ନ୍ତି। ଏହାପରେ ଆସିଥିବା ପ୍ରସ୍ତାବ ଉପରେ କାର୍ଯ୍ୟକାରୀ କମିଟିରେ ଆଲୋଚନା କରାଯାଇ ଶେଷରେ ସାଧାରଣ ପରିଷଦ ବୈଠକ ଡକାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ତେଣୁ ସାଧାରଣ ପରିଷଦ ନ ଥିବାରୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ପାରୁନାହିଁ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୭ରୁ ପୁରସ୍କାର ଦିଆଯାଇ ନ ଥିବା ସହ ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ନାହିଁ। ସେହିପରି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩ରୁ ଦିଆଯାଇନାହିଁ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏକାଡେମୀର ସର୍ବୋଚ୍ଚ ପୁରସ୍କାର ପାଇଁ କାର୍ଯ୍ୟପନ୍ଥା ଆରମ୍ଭ ହେବା ସହ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବା ସହ ମାନବସମ୍ବଳ ପୂରଣ ଦିଗରେ ନିଷ୍ପତ୍ତି ନିଆଯିବାକୁ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି।

# ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା,୨୪।୭ (ସମିସ): ରାଜ୍ୟର ବିଜେପି ସରକାର ମହିଳା, ଶିଶୁ ନଖୋଜ ଓ ନାରୀ ନିର୍ଯାତନା ବିଷୟରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଛି। ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀ ଅସୁରକ୍ଷିତ। ଏହାର ଜ୍ୱଳନ୍ତ ଉଦାହରଣ ଏଫଏମ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି। ଅଧ୍ୟାପକଙ୍କ ଲୋଲୁପ ଦୃଷ୍ଟିରୁ ବଞ୍ଚିବା, ନାରୀ ଜାତିର ସମ୍ମାନ ରକ୍ଷା କରିବା ପାଇଁ କଲେଜ ପରିସରରେ ଆତ୍ମାହୁତି ଦେଲେ। ଆଜି ତାଙ୍କ ଏକାଦଶାହରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ ଦାସଙ୍କ ସଭାପତିତ୍ୱରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଓ ଶତାଧିକ କର୍ମୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଓ ସିପ୍ରା ମଲ୍ଲିକ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସତ୍ପ୍ରିୟା ପଣ୍ଡା, ମତ୍ସ୍ୟଜୀବୀ କଂଗ୍ରେସ ବିଭାଗର ପୂର୍ବତନ ରାଜ୍ୟ ଅଧ୍ୟକ୍ଷ ହଳଧର ସେଠୀ, ବରିଷ୍ଠ କଂଗ୍ରେସ ନେତା ଫକିର ଖଟୁଆ, ଜିଲ୍ଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲ, ଯୁବ ନେତା ଉମେଶ ପାତ୍ରୀ, ରଶ୍ମିରଞ୍ଜନ ରାଉତରାୟ, ସୁମନ୍ତ ରାଉତ, ହିମାଂଶୁ ନନ୍ଦ, ଚିତରଞ୍ଜନ ଡରାଇ, ଉଦୟଭାନୁ ପଣ୍ଡିଆରୀ, ଡେରାବିଶି ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଆଳି ଓ ରାଜକନିକା ବ୍ଲକ କଂଗ୍ରେସ କମିଟି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ ବିଭିନ୍ନ କଲେଜରେ ନିରବ ପ୍ରାର୍ଥନା କରାଯାଇଛି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ଅର୍ଦ୍ଧନଗ୍ନ ଫଟୋ ଉତ୍ତୋଳନ ଘଟଣାରେ ଜଣେ ଗିରଫ



ରାଜକନିକା,୨୪।୭ (ସମିସ): ଏସ୍‌ଏଚ୍‌ଜି ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ଅର୍ଦ୍ଧନଗ୍ନ ଫଟୋ ଓ ଭିଡିଓ ଉତ୍ତୋଳନ ଘଟଣାରେ ଅଭିଯୁକ୍ତ ନେମାଳ ଥାନା ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ପ୍ରଭାକର ସାମଲଙ୍କ ପୁଅ ସୌମ୍ୟରଞ୍ଜନ ସାମଲ ଓରଫ୍ ମଣ୍ଟୁ (୨୪)କୁ ଗୁରୁବାର ତାଙ୍କ ଘରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ତାଙ୍କ ଘରେ ଚଢ଼ଉ କରି ଫୋନକୁ ଟ୍ରାକ୍ କରି ଆସାମୀଙ୍କୁ ଧରିଥିବା ରାଜକନିକା ପୁଲିସ୍ ସୂଚନା ଦେଇଛି। ରାଜକନିକା ଅଞ୍ଚଳର ଏକ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ଟ୍ରେନିଂ ଦେବା ଆଳରେ ସମ୍ବେଦନଶୀଳ ସ୍ଥାନରେ ଯେତେଟି ରେଖା ଚିହ୍ନ ଥିବ, ସେହି ମହିଳାଙ୍କୁ ଚିହ୍ନ ପିଛା ୧ ହଜାର ଟଙ୍କା ମିଳିବ କହି ଅନଲାଇନରେ ଅର୍ଦ୍ଧନଗ୍ନ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ଅଭିଯୋଗ ଆଣି ଜୁନ୍ ୪ ତାରିଖରେ ରାଜକନିକା ଥାନା ଅଞ୍ଚଳର ଏକ ଏସ୍‌ଏଚ୍‌ଜି ଗ୍ରୁପ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସୌମ୍ୟରଞ୍ଜନଙ୍କୁ ଗିରଫ କରାଯାଇଛି।

# ଆଳି କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ଆଳି, ୨୪।୭ (ସମିସ): ଆଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଓ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ସହିତ ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ, ଅକ୍ଷୟ ଦାସ, ବିଜୟ ନାୟକ, ହରି ବିଶ୍ୱାଳ, ହବେଶ ପଲାଇ, ଚିରଞ୍ଜିବୀ ପଲାଇ, ରଜନୀକାନ୍ତ ସାହୁ, ଅରୁଣ ମଲିକ, ଅନାମ ମଲିକ, ମାନସ ପାଣ୍ଡବ, ବିଜୟ ସାମଲ, ସୁନାକର ମଲିକ, ଯୁବନେତା ରାକେଶ ଦାସ, ଅଶ୍ୱିନୀ ବେହେରା ଓ ଛାତ୍ରନେତା ଅଭିଷେକ ରାଉତଙ୍କ ସହିତ ବହୁତ ଛାତ୍ର ଯୋଗ ଦେଇଥିଲେ।

# ଶାରଦା ଏକାଡ଼େମୀରେ 'ପୂଜ୍ୟପୂଜା'ର ବିଦ୍ୟାଳୟ କାର୍ଯ୍ୟକ୍ରମ



ଡେରାବିଶ, ୨୪।୭ (ସମିସ): ଡେରାବିଶ ବ୍ଲକ୍ ଶିକ୍ଷା ସର୍କଲ ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ଛକନାସ୍ଥ ଶାରଦା ଏକାଡେମୀରେ ଆଜି ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ଯୋଗଦେଇଥିଲେ। ଶ୍ରୀ ମିଶ୍ର ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା ଜୀବନରେ ଭଲମଣିଷ ହୋଇପାରିବେ ବୋଲି କହିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଳର ପଞ୍ଚସଖା ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ଓ ସତ୍ୟବାଦୀର ପଞ୍ଚସଖା ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରିଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହରଙ୍କ ସାହିତ୍ୟ ଓ ଜୀବନଦର୍ଶନ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ମିଶ୍ର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବରାଳଙ୍କୁ 'ଏଣୁଶ୍ଚ ତେଣୁଶ୍ଚ' ପୁସ୍ତକ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ କପିଳ ଚରଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଗାଈ ମୃତ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୪।୭ (ସମିସ): ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ପାଇଁ ଗୋଟିଏ ଗାଈର ଜୀବନ ଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଧୋୟାଅଞ୍ଚଳର ଜଗନ୍ନାଥପୁର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ନରେଶ ରାଉତଙ୍କ ଗାଈ ଆଜି ସକାଳୁ ଚରିବାକୁ ଯାଇଥିବାବେଳେ ସେହି ଗ୍ରାମର ଖଗେଶ୍ୱର୍ ଭଦ୍ରଙ୍କ ଘର ପଛ ପଟରେ ଯାଇଥିବା ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବାରୁ ଗାଈଟି ତାର ସଂସ୍ପର୍ଶରେ ଆସି ତଳେ କଚାଡି ହୋଇ ପଡି ଛଟପଟ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଗାଈକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ସଂଯୋଗ କଟିବା ପରେ ଗ୍ରାମବାସୀଙ୍କ ସହାୟତାରେ ଗାଈକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖଗେଶ୍ୱର ଭଦ୍ରଙ୍କ ଘର ପଛପଟେ ଯାଇଥିବା ବିଦ୍ୟୁତ ତାର ଦୁର୍ବଳ ଅବସ୍ଥାରେ ଥିଲେ ହେଁ ବିଦ୍ୟୁତ ବିଭାଗ ଏହି ତାରକୁ ବଦଳାଇବା କିମ୍ବା ମରାମତି ନ କରିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନରେଶ ଜଣେ ଗରିବ ଶ୍ରେଣୀୟ ଲୋକ ହୋଇଥିବାରୁ ଦୁଧିଆଳୀ ଗାଈ ପାଳି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କୁ କ୍ଷତିପୂରଣ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କଲଭର୍ଟ ଭୁଶୁଡ଼ି ଗିରିସାହି ଓ ବ୍ରାହ୍ମଣସାହିକୁ ଯୋଗାଯୋଗ ବିଚ୍ଛିନ୍ନ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୪।୭ (ସମିସ): ଅଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଗିରିସାହି ଓ ବ୍ରାହ୍ମଣସାହିକୁ ସଂଯୋଗ କରୁଥିବା କଲଭର୍ଟର ସାଇଡ ୱାଲ ଗତକାଲି ବିଳମ୍ବିତ ରାତିରେ ଧସିଯିବା ପରେ ଗୁରୁବାର ସକାଳଠାରୁ ଯାତାୟାତ ବନ୍ଦ ହୋଇଯାଇଛି। ୩୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ୧୫ ଫୁଟ ଲମ୍ବର ଏହି କଲଭର୍ଟଟି ଚଳିତ



ବନ୍ୟା ପୂର୍ବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ଏହାର ମରାମତି ଓ ପୁନଃନିର୍ମାଣ ପାଇଁ ବାରମ୍ବାର ଦାବି ପରେ ମଧ୍ୟ କର୍ତ୍ତୃପକ୍ଷ ଅବହେଳା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୧ ସପ୍ତାହ ଧରି ବନ୍ୟା ଲାଗି ରହିବାରୁ ବନ୍ୟାଜଳର ପ୍ରଖରସ୍ରୋତରେ ସାଇଡୱାଲ ଧସି ପଡ଼ିଲା। ଫଳରେ ଅଣ୍ଡରା ପଞ୍ଚାୟତର ୬ ନମ୍ବର ୱାର୍ଡର ଅଧିବାସୀ ଯାତାୟାତ କ୍ଷେତ୍ରରେ ଅସୁବିଧା ଭୋଗ କରିବା ସହିତ ୬ନଂ ୱାର୍ଡ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଅଣ୍ଡରା ସ୍କୁଲରେ ଅଧ୍ୟୟନ କରୁଥିବା ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଏହି ପଞ୍ଚାୟତ କଲଭର୍ଟକୁ ତୁରନ୍ତ ଜାଫରି ଓ ବାଲିବସ୍ତା ଦେଇ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ୩ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବା ଘଟଣା

# ଡେପୁଟେସନ୍‌ରେ ତିନି ବିଦ୍ୟାଳୟକୁ ଗଲେ ଦୁଇ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ



'ସକାଳ' ପ୍ରଭାବ

ପଞ୍ଚୁପାଣ୍ଡବ,୨୪।୭ (ସମିସ):

ଡେରାବିଶ ବ୍ଲକ୍ ଅନ୍ତର୍ଗତ ତିନୋଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବା ଘଟଣାରେ ଡେରାବିଶ ଶିକ୍ଷା ବିଭାଗ ପକ୍ଷରୁ ୩ଟି ବିଦ୍ୟାଳୟକୁ ୨ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେସନରେ ପଠାଇଥିବା ଜଣାପଡ଼ିଛି। ୩ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବା ଖବର ମଙ୍ଗଳବାର 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ଅଧିକାରୀ ତିନୋଟି ବିଦ୍ୟାଳୟକୁ ତିନିଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଡେପୁଟେସନରେ ପଠାଇଛନ୍ତି।

ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଉର୍ମିଳା ସାହୁଙ୍କୁ ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟକୁ ପଠାଯାଇଛି। ସେହିପରି ସାନ୍ତାଳସାହି ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଦୀପ କୁମାର ବେହେରାଙ୍କୁ ଡେରାକେଶପୁର ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ମୁଣ୍ଡିଲୋ ପ୍ରାଥମିକ ବିଦ୍ୟାଳୟରେ ଥିବା ଜ୍ୟୋତିରଞ୍ଜନ ପାତ୍ରଙ୍କୁ ବାରୋଇଲୋ ତରଜଙ୍ଗା ବିଦ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଭଗବତୀ କ୍ଲଷ୍ଟରର ସିଆରସିସି ମାମୁନି ସିଂ କହିଛନ୍ତି। ସରକାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନେକ ଯୋଜନା କରୁଥିବାବେଳେ ଏଥିପାଇଁ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଦ୍ୟାଳୟ ଗୃହର ଉନ୍ନତି, ପିଲାଙ୍କୁ ମଧ୍ୟାହ୍ନଭୋଜନ, ମାଗଣାରେ ପୋଷାକ ଓ ବିଭିନ୍ନ ପ୍ରକାରର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଥିବା ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନ ଅଧିକାରୀଙ୍କୁ ଜଣାଇଥିଲେ। ଏହି ଘଟଣା 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ଦାବି ପୂରଣ ହୋଇଥିବା ଅଞ୍ଚଳବାସୀ କହିଛନ୍ତି।

ରାଏତୁଣ୍ଡି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମିଶ୍ର ପାଠ ପଢ଼ାଉଥିବା ଦେଖିବାକୁ ମିଳୁଥିଲା। ବିଦ୍ୟାଳୟରେ ଥିବା ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ମଲ୍ଲିକ ଗତ କିଛିଦିନ ତଳେ ଆତ୍ମହତ୍ୟା କରିଥିଲେ। ସେହିପରି ରଘୁଦେଇପୁର ପଞ୍ଚାୟତର ଡେରାକେଶପୁର ପ୍ରାଥମିକ ବିଦ୍ୟାଳୟରେ ୨୦ ଜଣ ପିଲାଙ୍କୁ ନେଇ ଶିକ୍ଷୟିତ୍ରୀ ରଞ୍ଜିତା ଦତ୍ତ ପାଠ ପଢ଼ାଉଥିଲେ। ଏହି ବିଦ୍ୟାଳୟରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସେକ ଅବଦୁଲ ହସରତ ଗତ ଗ୍ରୀଷ୍ମ ଛୁଟିରୁ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିଲା। ଏହି କ୍ଲଷ୍ଟରର ବରେଇଲୋ ତରଜଙ୍ଗା ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷୟିତ୍ରୀ ମମତା ସାହୁ ପଢ଼ାଉଥିଲେ। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଚ୍ଛୁତାନନ୍ଦ ସେଠୀ ଗତ ଜୁନ ମାସରେ ଅବସର ନେଇଥିବା ଜଣାପଡ଼ିଥିଲ। ଏସବୁ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବାରୁ ବିଭିନ୍ନ ପ୍ରକାରର କାଗଜପତ୍ର କାମ ସହ ଅଫିସ କାମ କରିବାକୁ ପଡୁଛି। ଏଥିପାଇଁ ପିଲାଙ୍କୁ ପଢ଼ାଇବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ଏହି ବିଦ୍ୟାଳୟକୁ ଡେପୁଟେସନରେ ଶିକ୍ଷକ ପଠାଯାଇଥିବାବେଳେ ସ୍ଥାୟୀ ଶିକ୍ଷକ ଭାବେ କେବେ ପୂରଣ ହେବ, ଏ ବିଷୟରେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ନୂଆ ଶିକ୍ଷକ ନିଯୁକ୍ତି ନ ଥିବାରୁ ଏମିତି ସମସ୍ୟା ହେଉଥିବା କହିଛନ୍ତି।

# କାରଗିଲ୍ ବିଜୟ ଦିବସରେ ବିଜେଡିର ମେଗା ରକ୍ତଦାନ ଶିବିର




କେନ୍ଦ୍ରାପଡ଼ା,୨୪।୭ (ସମିସ): ଆସନ୍ତା ୨୬ ତାରିଖରେ କେନ୍ଦ୍ରାପଡ଼ା ବିଜେଡି ପକ୍ଷରୁ ମେଗା ରକ୍ତଦାନ ଶିବିର ମ୍ୟୁନିସିପାଲିଟି ଟାଉନ ହଲ୍‌ଠାରେ ଆୟୋଜନ କରାଯିବ। ଆଜି ଏ ନେଇ ଏକ ପ୍ରସ୍ତୁତି ବୈଠକ ଗରାପୁର ବିଜେଡି କାର୍ଯ୍ୟାଳୟରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସମସ୍ତ ନେତୃମଣ୍ଡଳୀ ଓ ଜନପ୍ରତିନିଧି ପୂର୍ଣ୍ଣ ସହଯୋଗ କରି ରକ୍ତଦାନ ଶିବିରକୁ ସଫଳ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରିୟ ନେତା ନବୀନ ବାବୁ ଏହାକୁ ଏକ ଗଣଅଭିଯାନରେ ପରିଣତ କରି ହଜାର ହଜାର ଲୋକଙ୍କ ଜୀବନ ରକ୍ଷାର ପଥ ପରିଷ୍କାର କରିଥିବାରୁ ଶ୍ରୀ ବେହେରା ନବୀନ ପଟ୍ଟନାୟକଙ୍କୁ ସାଧୁଭାବ ଜଣାଇବା ସହ ଏହି ରକ୍ତଦାନର ମହାନ ପରମ୍ପରାକୁ ଆଗକୁ ନେବାକୁ ଜୁଲାଇ ୨୬ ଶିବିର ଏକ ପ୍ରୟାସ ବୋଲି କହିଥିଲେ। ପ୍ରତ୍ୟେକ ଉତ୍ସାହୀ ସମାଜସେବୀ ବିଜେଡିର ଏହି ରକ୍ତଦାନ ଶିବିରରେ ସାମିଲ ହୋଇ ରକ୍ତଦାନ କରିବାକୁ ନିବେଦନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଶିବପ୍ରସାଦ ଭୋଳ, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ସେକ ଚନ୍ଦନ, ସରପଞ୍ଚ ପ୍ରଭାତ ଉଡ଼ାନ ସିଂ, ଚିତ୍ତରଞ୍ଜନ ଜେନା, ପ୍ରଦୀପ୍ତ କୁମାର ସୂତାର, ଶରତ ସାମଲ, ହିରଣ୍ୟ ପଣ୍ଡା, ସବିର ହୁସେନ, ଜୟନ୍ତ ଜେନା, ଦାମୋଦର ଜେନା, ନାରାୟଣ ପରିଡା, ଜ୍ୟୋତିରଞ୍ଜନ ପ୍ରଧାନ, ଅଭିଷେକ ବିଶ୍ୱାଳ, କିସାନ ରାଉତ, ମୁକ୍ତାର ଅଲ୍ଲୀ, ଜ୍ଞାନରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ରାଜନଗର,୨୪।୭ (ସମିସ): ରାଜନଗର ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ମଧୁପୁର ଗାଁରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ଘନଶ୍ୟାମ ପ୍ରଧାନ ଧାନତଳିରେ ପୋକ ଲାଗିଥିବାରୁ ବିଲରେ ପକାଇବା ପାଇଁ ଔଷଧ ଆଣିଥିଲେ। ଘରେ ପାରିବାରିକ କଳହ ପରେ ତାଙ୍କ ପତ୍ନୀ ସଂଯୁକ୍ତା ପ୍ରଧାନ (୪୬ ବର୍ଷ) ବିଲରେ ପକାଇବାକୁ ସ୍ୱାମୀ ଆଣିଥିବା ବିଷ ପିଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଶବ ଜବତ କରି ତଦନ୍ତ କରୁଥିବା ଜଣାପଡ଼ିଛି।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି




ରାଜନଗର,୨୪।୭ (ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ନେତା ପ୍ରଶାନ୍ତ ରାଉତଙ୍କ ପରାମର୍ଶକ୍ରମେ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଛାତ୍ର କଂଗ୍ରେସ ପକ୍ଷରୁ ସମସ୍ତ ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ସୌରଭ ଜେନା ଓ ପ୍ରିୟରଞ୍ଜନ ରାଉତଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ନେହାଶିଷ ଜେନା, ଭିକା ସେଠୀ, ଅଭିରାମ ରାଉତ, ଜୟପ୍ରକାଶ ରାଉତ, ବାଦଲ ଜେନା, ଶୈଳେଶ ସ୍ୱାଇଁ, ସଂଜୟ ସାହୁ, ମନୀଷା ପ୍ରଧାନ, ମୋନାଲିସା ମଲ୍ଲିକ, ସ୍ୱାଗତିକା ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ସଦାନନ୍ଦପୁର ହାଟ ନଳକୂପ ଅଚଳ



ପଞ୍ଚୁପାଣ୍ଡବ,୨୪।୭ (ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ହାଟରେ ଥିବା ନଳକୂପ ଅଚଳ ହୋଇ ପଡ଼ିଛି। ସରକାରଙ୍କ ପକ୍ଷରୁ ଏହି ନଳକୂପର ଏକ ଉଚ୍ଚ ଢଳେଇ ପିଣ୍ଡି କରିବା ପାଇଁ ଯୋଜନା ହୋଇଥିଲା। ଏହି କାମ କରିବା ପାଇଁ ଠିକାଦାର ନଳକୂପକୁ ଖୋଲି ଚାରିପାଖ ଢଳେଇ କରିଛନ୍ତି। କାମ ଶେଷ ନ କରି ମାସଧିକ ଧରି ପକାଇ ରଖିଥିବା ଦେଖିବାକୁ ମିଳୁଛି। ଏହି ନଳକୂପଟି ହାଟ ପଡ଼ିଆରେ ଥିବାରୁ ହାଟକୁ ଆସୁଥିବା ବେପାରୀ ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଠିକାଦାରଙ୍କୁ ପଚାରିବାରୁ ସେ କହିଛନ୍ତି, କାମ ପାଇଁ ବାଲି ପଡ଼ିଥିଲା। ବାଲିକୁ କେହି ଚୋରି କରି ନେଇଥିବାରୁ କାମ ବନ୍ଦ ରହିଛି। ଏ ନଳକୂପକୁ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ୟବସାୟୀଙ୍କ ୨ ଲକ୍ଷ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ



ଆଳି, ୨୪।୭ (ସମିସ): ବ୍ୟବସାୟୀ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ଫେରୁଥିବାବେଳେ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଆଜି ଦିନ ପ୍ରାୟ ୧୦ଟା ୪୫ ମିନିଟ୍ ସମୟରେ ଷ୍ଟେଟ ବ୍ୟାଙ୍କ ଆଳି ଶାଖାରୁ ଆଳି ଥାନା ଅନ୍ତର୍ଗତ ଖଦୋଳ ଗ୍ରାମର ପୀତାମ୍ବର ଦାସ ୨ଲକ୍ଷ ଟଙ୍କା ଉଠାଇ ସାଇକଲ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ନିଆଳ ଗ୍ରାମ ରାସ୍ତାରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ପୀତାମ୍ବର ଆଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତନାଘନା ଆରମ୍ଭ କରିଥିବା ଜଣାପଡିଛି।

# ସିଦ୍ଧମହାପୁରୁଷ ବିଦ୍ୟାଳୟରେ ବନମହୋତ୍ସବ, ସମ୍ବର୍ଦ୍ଧନା ଉତ୍ସବ



ମାର୍ଶାଘାଇ,୨୪।୭ (ସମିସ): ମାର୍ଶାଘାଇ ବ୍ଲକ କୁହୁଡ଼ି ସିଦ୍ଧମହାପୁରୁଷ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଧୀରେନ ପରିଜାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ମୁଖ୍ୟବକ୍ତା ମାର୍ଶାଘାଇ ବ୍ଲକ ଇକୋ କ୍ଲବ ସଂଯୋଜକ ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଭଗବାନ ସାହୁ, ଗରଜଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, ମଣିନାଗେଶ୍ୱର ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଦୈତାରୀ ପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇକୋ କ୍ଲବ ଶିକ୍ଷକ ସର୍ବେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୃକ୍ଷରୋପଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜ୍ୟୋତିରଂଜନ ଚୌଧୁରୀ, ଶରତ ନାୟକ, ନବଘନ ନାୟକ, ରମେଶ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଣତୀ ସାହୁ, ସସ୍ମିତା ସାହୁ, ଶିକ୍ଷକ ଶୁଭଦୀପ୍ତ ପାତ୍ର, ଶୁଭ୍ରାଂଶୁ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ରାଜକିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ଦେଉନି ଗ୍ରାମ୍ୟ ଉନ୍ନୟନ ବିଭାଗ

# ସୂଚନା କର୍ମୀଙ୍କୁ ଛୁଟି ଦିନରେ ଡାକିଲେ ପ୍ରଥମ ଅପିଲ କର୍ତ୍ତୃପକ୍ଷ

ପଟ୍ଟାମୁଣ୍ଡାଇ/ମାଳିପୁର,୨୪।୭ (ସମିସ):

ସମ୍ପ୍ରତି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଗ୍ରାମ୍ୟ ଉନ୍ନୟନ ବିଭାଗର କେନ୍ଦ୍ରାପଡ଼ା ଡିଭିଜନ-୨ ବିରୁଦ୍ଧରେ ଆସିଛି। ଏପରିକି ତଥ୍ୟ ପ୍ରଦାନର ଅବଧି ଶେଷ ହେବା ପରେ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିବା ସୂଚନା କର୍ମୀଙ୍କୁ ତଥ୍ୟ ପ୍ରଦାନ ନ କରି ଛୁଟି ଦିନରେ କାର୍ଯ୍ୟାଳୟକୁ ଡାକିବା ଘଟଣା ବିଭାଗର ମନ୍ଦ ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ଦିନକୁ ଦିନ ସୀମା ଟପି ଚାଲିଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ମାଳିପୁରଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୬ କି.ମି ୧୦୦ମି ରାସ୍ତା ନିର୍ମାଣ ପାଇଁ ୬ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ରାସ୍ତା ନିର୍ମାଣ ସାରିବାକୁ କରାଯାଇଥିବା ଅବଧି ସରିବାର ଅନେକ ଦିନ ବିତିଗଲା ପରେ ମଧ୍ୟ ଏଷ୍ଟିମେଟ ହିସାବରେ ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ କରାଯାଇ ନ ଥିବା ପରିଲକ୍ଷିତ ହୋଇଥିଲା। ରାସ୍ତା କାମରେ ଦୁର୍ନୀତି ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ରମାକାନ୍ତ ଦାଶ ରାସ୍ତା ସମ୍ବନ୍ଧୀୟ ତଥ୍ୟ ପାଇଁ ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ମେ' ୧୬ ତାରିଖରେ ଆବେଦନ କରିଥିଲେ। କିନ୍ତୁ ଧାର୍ଯ୍ୟ ତାରିଖ ମଧ୍ୟରେ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ କୌଣସି ତଥ୍ୟ ପ୍ରଦାନ କରି ନ ଥିଲେ। ଧାର୍ଯ୍ୟ ତାରିଖ ବିତିଗଲା ପରେ ରମାକାନ୍ତ ପୁନର୍ବାର ବିଭାଗୀୟ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରିଥିଲେ। ପୁନର୍ବାର ମଧ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରା ନ ଯାଇ ରାମାକାନ୍ତଙ୍କୁ ଆପୋଷ ଆଲୋଚନା ପାଇଁ ଫୋନ ଯୋଗେ ଅଫିସକୁ ଡକାଯାଇଥିଲା। କିନ୍ତୁ ରମାକାନ୍ତ ଲିଖିତ ତଥ୍ୟ ପ୍ରଦାନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ରାମାକାନ୍ତଙ୍କୁ ତଥ୍ୟ ପ୍ରଦାନ କରା ନ ଯାଇ ଚଳିତ ମାସ ୧୬ ତାରିଖରେ ବିଭାଗ ପକ୍ଷରୁ ରମାକାନ୍ତଙ୍କୁ ଲେଖାଯାଇଥିବା ଏକ ଚିଠିକୁ ୧୮।୭।୨୦୨୫ରେ ଡାକରେ ପୋଷ୍ଟ କରାଯାଇଥିଲା। ରମାକାନ୍ତ ଚିଠି ଖୋଲି ଦେଖିବାରୁ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ରମାକାନ୍ତଙ୍କୁ ୨୦।୭।୨୦୨୫ ଅର୍ଥାତ ଛୁଟିଦିନ ଥିବା ରବିବାର ମଧ୍ୟାହ୍ନ ୧୨ଟାରେ ଡିଭିଜନ ଅଫିସରେ ପହଞ୍ଚିବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ରମାକାନ୍ତ ତଥ୍ୟ ମାଗିଥିବାବେଳେ କାର୍ଯ୍ୟାଳୟ ପକ୍ଷରୁ ଓଲଟି ତାଙ୍କୁ ସମସ୍ତ ତଥ୍ୟ ପ୍ରମାଣ ନେଇ ଅଫିସରେ ପହଞ୍ଚିବାକୁ ଲେଖାଯାଇଥିବା ପଢି ରମାକାନ୍ତ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କିଛି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ଛୁଟି ଦିନରେ ଅଫିସ ଡକାଇଥିବା ଭାବି ରମାକାନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ କେନ୍ଦ୍ରାପଡା ଡିଭିଜନ କାର୍ଯ୍ୟାଳୟକୁ ଯାଇ ନ ଥିଲେ। ଠିକାଦାରଙ୍କ ଦ୍ୱାରା କରାୟତ୍ତ ହୋଇ ବିଭାଗୀୟ କର୍ତ୍ତୃପକ୍ଷ ଛୁଟି ଦିନରେ ତାଙ୍କୁ ଡକାଇଥିବାରୁ ଏହାଏକ ଷଡଯନ୍ତ୍ର ବୋଲି ସୂଚନା କର୍ମୀ ରମାକାନ୍ତ ଅଭିଯୋଗ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମଲୋଚନ ସେଠୀ
ଆବିର୍ଭାବ - ୦୧/୦୬/୧୯୩୧
ତିରୋଧାନ - ୧୫/୦୭/୨୦୨୫
ଗ୍ରାମ - ଚମ୍ପାବଣୀ ପାଟଣା,
ପଞ୍ଚାୟତ - ଅନଳିଆ, ଭୋଗରାଇ
ବାପା...
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ ସଦାସର୍ବଦା ଆମ ସହିତ ରହିଥାଉ। ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର- ପ୍ରଫୁଲ୍ଲ ସେଠୀ ପ୍ରଦୀପ ସେଠୀ ପରେଶ ସେଠୀ ପ୍ରଶାନ୍ତ ସେଠୀ ବୋହୂ- ରୀନାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ,ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ ରବିନ୍ଦ୍ର,ବଲାଇ, ରବିନ୍ଦ୍ର,ଶତୀସ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

କଣିହାଁ, ୨୪।୭(ସମିସ): ଗୁରୁବାର ସକାଳ ୭ଟାରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ସଂସାମରା ଗ୍ରାମ ନିକଟରେ ଭାରସ୍ୟାମ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଳସମା ଗ୍ରାମର ଚକ୍ରଧର ବଗାର (୩୦)। ପୁଲିସ ସୂଚନା ଅନୁଯାୟୀ, ଚକ୍ରଧର ସଂସାମରା ଗ୍ରାମରେ ତାଙ୍କ ସାଙ୍ଗକୁ ଛାଡ଼ି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପୁଲିସ ମୃତଦେହ ଜବତ କରି ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ୧୨୫୦ ଲିଟର ଡିଜେଲ, ପିକ୍‌ଅପ୍ ଭ୍ୟାନ ଜବତ




ଛେଣ୍ଡିପଦା, ୨୪।୭(ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅଞ୍ଚଳରୁ ବେଆଇନ ଡିଜେଲ ବୋଝେଇ ପିକଅପ ଭ୍ୟାନ ସହ ୧୨୫୦ ଲିଟର ଡିଜେଲ ଜବତ କରିଛି ପୁଲିସ। ବେଆଇନ ଡିଜେଲ ବୋଝେଇ ହୋଇ ଏକ ଗାଡ଼ି ଜରପଡ଼ାରୁ ବଇଣ୍ଡା ଯାଉଥିବା ଖବର ପାଇ ପୁଲିସ ପିଛା କରିଥିଲା। ଜାତୀୟ ରାଜପଥ କଡ଼ରେ ଥିବା ଏକ ମିଠା ଦୋକାନରେ ପିକଅପ ଭ୍ୟାନ ଛିଡ଼ା ହୋଇଥିବା ଦେଖି ପୁଲିସ ସେଠାରେ ଅଟକିଥିଲା। ପୁଲିସ ଗାଡିକୁ ଦେଖି ଚାଳକ ଦୌଡ଼ି ପଳାଇଥିଲେ। ପୁଲିସକୁ ସନ୍ଦେହ ହେବାରୁ ଉକ୍ତ ପିକଅପ ଭ୍ୟାନକୁ ଯାଞ୍ଚ କରିଥିଲା। ଗାଡ଼ିରେ ୨୫ଟି ଜାରକିନରେ ୫୦ ଲିଟର ଲେଖାଏଁ ଡିଜେଲ ଥିବା ଦେଖିବାକୁ ମିଳିଥିଲା। ପୁଲିସ ପିକଅପ ଭ୍ୟାନ ସମେତ ଗାଡ଼ିରେ ଥିବା ଡିଜେଲ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ବଇଣ୍ଡା, ୨୪।୭(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଗୁରୁବାର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଆଠମଲ୍ଲିକ ବିଡିଓ ଟିଟନସ ମହାନନ୍ଦିଆ, ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ଠାକୁରଗଡ଼ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଗ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ବଣ୍ଟନ କରିଥିଲେ।

## ଘରୁ ଚୋରି ଅଭିଯୋଗ

ବଇଣ୍ଡା, ୨୪।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଖରଗଡ଼ବାହାଳ ଅଞ୍ଚଳର ରତ୍ନାକର ସାହୁଙ୍କ ଘରୁ ତାଲା ଭାଙ୍ଗି ସୁନାଗହଣା ସହ ଟଙ୍କା ଚୋରି ହୋଇଥିବା ରତ୍ନାକରଙ୍କ ସ୍ତ୍ରୀ ରେଣୁବାଳା ସାହୁ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ରତ୍ନାକର ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାରେ ଚିକିତ୍ସାଧୀନ ଥିବା ବେଳେ ରେଣୁବାଳା ମଧ୍ୟ ତାଙ୍କ ସେବାଯତ୍ନ ପାଇଁ ସେଠାରେ ରହିଛନ୍ତି। ଘରେ କେହି ନ ଥିବା ବେଳେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ୨୦ ଭରି ସୁନା, ୧୦ ଭରି ରୁପା ସହ ୧୫ ହଜାର ଟଙ୍କା ଚୋରିକରି ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ୨ ମନ୍ଦିରରୁ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ୍

ଢେଙ୍କାନାଳ, ୨୪।୭(ସମିସ)



ଟାଉନ ଥାନା ଅନ୍ତର୍ଗତ ବାଜିଚୌକସ୍ଥିତ ମାଆ ବାଟମଙ୍ଗଳା ଏବଂ ମାଆ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ସହ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ବାଜିଚୌକ ଓଭରବ୍ରିଜ ନିକଟରେ ରହିଛି ମାଆ ବାଟ ମଙ୍ଗଳାଙ୍କ ମନ୍ଦିର ରହିଛି। ବୁଧବାର ରାତିରେ ଦୁର୍ବୃତ୍ତମାନେ ପାଚେରି ଡେଇଁ ମନ୍ଦିର ଗ୍ରୀଲ କାଟିବା ପରେ ଭିତରେ ପଶିଥିଲେ। ମାଆଙ୍କ ସୁନା ଅଳଙ୍କାର ଯଥା କାନପୁଲ, ହାର ସହ ରୁପାର ମୁକୁଟ ଚୋରି କରି ନେଇଛନ୍ତି। ସେହିପରି ହୁଣ୍ଡି ଭାଙ୍ଗି ଟଙ୍କା ଲୁଟିନେଇଛନ୍ତି। ଅନୁରୂପ ଭାବେ ବାଜିଚୌକ ମୁଖ୍ୟରାସ୍ତାରେ ଥିବା ମାଆ ବ୍ରାହ୍ମଣୀଦେବୀ ମନ୍ଦିରରେ ପଶି ମାଆଙ୍କ ରାଣୀହାର ସହ କାନଫୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। କଟରରେ ମନ୍ଦିର ଗେଟ୍ ତାଲା ଏବଂ ଭିତର ତାଲା କାଟି ଚୋରି କରିଥିବା ଜଣାପଡ଼ିଛି। ଲୁଟ୍ ହୋଇଥିବା ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଗୁରୁବାର ଭୋର୍ ସମୟରେ ପୂଜକମାନେ ମନ୍ଦିରକୁ ଆସି ଚୋରି ହୋଇଥିବା ଜାଣିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି।

ସହର ମୁଖ୍ୟ ରାସ୍ତାରେ ଥିବା ମନ୍ଦିରରୁ ଚୋରି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବା ବେଳେ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଢିଲା ପୁଲିସ ପାଟ୍ରୋଲିଂ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ସହରରେ ଅପରାଧ ବଢ଼ି ଚାଲିଥିବା ଆଲୋଚନା ହେଉଛି। ଦିନକୁ ଦିନ ସହରରେ ନିଶା କାରବାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପୁଲିସର ନିଷ୍କ୍ରିୟତା ଯୋଗୁଁ ଗାଁରୁ ସହର ସବୁଠାରେ ନିଶାଦ୍ରବ ବ୍ୟବାସାୟ ଖୁଲମଖୁଲା ଚାଲିଛି। ବ୍ରାଉନ୍‌ସୁଗରଠାରୁ ଆରମ୍ଭ କରି ଦେଶୀ ବିଦେଶୀ ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟ କାରବାର ଅପାଧରେ ଚାଲିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। ସନ୍ଧ୍ୟା ହେବା ମାତ୍ରେ ସହରର ଗଳିକନ୍ଦି ସହ ଶୂନଶାନ ରାସ୍ତା ପାଲଟିଛି ନିଶାଦ୍ରବ୍ୟ ବ୍ୟବସାୟର ପେଣ୍ଠସ୍ଥଳୀ। ଏହାର ଶିକାର ହେଉଛନ୍ତି କିଶୋର ତଥା ଯୁବପିଢ଼ି। ସହରର କଣ୍ଟାନାଳୀ ବାଇପାସ୍, କଲେଜ ଛକ, ଷ୍ଟାଡିୟମ୍ ସନ୍ନିକଟ, ଶିମିଳିଆ ଓଭରବ୍ରିଜ୍ ତଳ, ଭଗବାନପୁର, ରାମେଶ୍ୱର, ବାଜିଚୌକ, ହାଟରୋଡ୍, ମହିଷାପାଟ ବାଇପାସ୍, କୁଞ୍ଜକାନ୍ତ ପୋଖରୀ ସନ୍ନିକଟ ଆଦି ଅଞ୍ଚଳ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିଶା କାବବାର ଓ ପୁଲିସର ନିଷ୍କ୍ରିୟତା ଯୋଗୁଁ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜିଲ୍ଲାର ୪ ବିଦ୍ୟାଳୟରେ ଯୁକ୍ତଦୁଇ ପାଠ୍ୟକ୍ରମ

ଅନୁଗୋଳ, ୨୪।୭(ସମିସ): ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯୁକ୍ତଦୁଇ ପାଠ୍ୟକ୍ରମ ଖୋଲିବା ପାଇଁ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରଶାସନିକ ଅଧିକାରୀଙ୍କଠାରୁ ନିର୍ବାଚିତ ପ୍ରତିନିଧିଙ୍କୁ ଦାବିପତ୍ର ଦେଇଆସୁଥିଲେ। ତେବେ ୨୦୨୫-୨୬ ବର୍ଷରେ ଉଚ୍ଚଶିକ୍ଷା ବିଭାଗର ପ୍ରୋଜେକ୍ଟ ଆପ୍ରୁଭ ବୋର୍ଡ ରାଜ୍ୟର ଅନେକ ବିଦ୍ୟାଳୟରେ ଯୁକ୍ତଦୁଇ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥି ମଧ୍ୟରେ ଅନୁଗୋଳ ଜିଲ୍ଲାର ୪ ବିଦ୍ୟାଳୟରେ ଯୁକ୍ତଦୁଇ ଶିକ୍ଷା ପ୍ରଦାନ ପାଇଁ ଅନୁମୋଦନ ମିଳିଛି। ଅନୁଗୋଳ ବ୍ଲକ ଟାଇଁସି ପଞ୍ଚାୟତରେ ଥିବା ଦୀନବନ୍ଧୁ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷରୁ ଯୁକ୍ତଦୁଇ ପାଠ୍ୟକ୍ରମ ଆରମ୍ଭ ପାଇଁ ଅନୁମୋଦନ ମିଳିଛି। ଟାଇଁସି ଅଞ୍ଚଳ ବଣ ଜଙ୍ଗଲ ଘେରା ହୋଇଥିବା ବେଳେ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ବାସ କରୁଥିବା ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ଏହା ଏକ ବରଦାନ ସଦୃଶ ହୋଇଛି। ସେହିପରି ବଅଁରପାଳ ବ୍ଲକ ବଡ଼କେରଜାଙ୍ଗ ଉଚ୍ଚ ବିଦ୍ୟାଳୟରେ ଯୁକ୍ତଦୁଇ ଶିକ୍ଷା ଆରମ୍ଭ ହେବା ଖବର ନେଇ ଅଞ୍ଚଳବାସୀ ସରକାର ଓ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ତାଳଚେର ଗୁରୁଜାଙ୍ଗ ଓ କଣିହାଁ ବ୍ଲକ ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଅନୁଗୋଳ, ତାଳଚେର, ବଅଁରପାଳ ବ୍ଲକର ଏହି ୩ ବିଦ୍ୟାଳୟରେ ଯୁକ୍ତଦୁଇ କଳା ପ୍ରାଠ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ କଣିହାଁରେ ବିଜ୍ଞାନ ବିଭାଗ ଖୋଲିବ। ଏନେଇ ସମସ୍ତ ଅଞ୍ଚଳର ଅଧିବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

■ କନ୍‌ଷ୍ଟେବଲ ନିଯୁକ୍ତି ବେଳେ ମୃତ୍ୟୁ ଘଟଣା

## ପୁଲିସ ଡିଜିଙ୍କୁ ରିପୋର୍ଟ ତଲବ କଲେ ଓଏଚ୍‌ଆରସି

ଭୁବନେଶ୍ୱର, ୨୪।୭(ସମିସ): କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ଦୌଡ଼ ପ୍ରତିଯୋଗିତାରେ ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ହେବା ଘଟଣାରେ ରାଜ୍ୟ ମାବାଧିକାର ଆୟୋଗ (ଓଏଚ୍‌ଆରସି) ଡିଜିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଅଗଷ୍ଟ ୨୧ତାରିଖ ସୁଦ୍ଧା ରିପୋର୍ଟ ତଦନ୍ତ ରିପୋର୍ଟ ପଦାନ କରିବାକୁ କୁହାଯାଇଛ। ୨୦୧୭ ମସିହା ଜାନୁଆରୀ ୨୨ ତାରିଖରେ କଟକଠାରେ ନବମ ରିଜର୍ଭ ବାଟାଲିୟନ୍ କନେଷ୍ଟବଳ ନିଯୁକ୍ତି ପ୍ରକ୍ରିୟାରେ ଦୌଡ଼ ପ୍ରତିଯୋଗିତା ହେଉଥିଲା। ଏଥିରେ ଢେଙ୍କାନାଳ ଜିଲ୍ଲା ମେରାମୁଣ୍ଡଳୀ ଅଞ୍ଚଳର ମୁରଲୀଧର ସାହୁଙ୍କ ୨୧ବର୍ଷର ଏକମାତ୍ର ପୁଅ ହରେକୃଷ୍ଣ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶାରୀରିକ ପରୀକ୍ଷା, ରଣି ଚଢ଼ା ମେଡିକାଲ ଟେଷ୍ଟ ଆଦିରେ ଉତ୍ତୀର୍ଣ୍ଣ ହେବା ପରେ ସେ ୧୫୦୦ ମିଟର ଦୌଡ଼ରେ ଭାଗ ନେଇଥିଲେ। ସେହି ସମୟରେ କୌଣସି କାରଣରୁ ସେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାର୍ଥୀଙ୍କ ପାଇଁ ଯଥେଷ୍ଟ ଚିକିତ୍ସାର ଅସୁବିଧା ଆଦି କାରଣରୁ ପୁଅର ମୃତ୍ୟ ହୋଇଛି ବୋଲି ପିତା ମୁରଲୀଧର ରାଜ୍ୟ ମାନବିକ ଅଧିକାର କମିଶନରେ ୨୦୧୭ ମେ' ୧୮ ରେ ଅଭିଯୋଗ ଦାଖଲ କରିଥିଲେ। କମିସଙ୍କ ପକ୍ଷରୁ ଢେଙ୍କାନାଳ ଏସପିଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଆଦି ମଗାଯାଇଥିଲା। ଏଥିରେ ପୁଲିସ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ପୁଲିସ ରିପୋର୍ଟ ଓ ଫରେନସିକ ଲାବୋରୋଟାରି ପୋର୍ଟ ଆଦି ମଗା ଯାଇଥିଲା। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଆଜିର ଶୁଣାଣି ବେଳେ ପୁଲିସ ଡିଜିଙ୍କ ପକ୍ଷରୁ ସେ ସମ୍ପର୍କରେ ରିପୋର୍ଟ ମଗାଯିବ ପାଇଁ ଆବେଦନକାରୀ ମୁରଲୀଧରଙ୍କ ପକ୍ଷରୁ କମିଶନଙ୍କୁ ଅନୁରୋଧ କରାଯାଇଥିଲା। ଏହି ମାମଲାର ଉପଯୁକ୍ତ ତଦନ୍ତ ପାଇଁ ତାଙ୍କ ରିପୋର୍ଟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଡିଜିପିଙ୍କୁ ଆସନ୍ତା ଅଗଷ୍ଟ ୨୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କମିଶନର ସଦସ୍ୟ ଅସୀମ ଅମିତାଭ ଦାଶଙ୍କ ଜଣିକିଆ ଖଣ୍ଡପୀଠ ପକ୍ଷରୁ ଏହି ରିପୋର୍ଟ ତଲବ କରାଯାଇଛି।

## ସାପ କାମୁଡ଼ାରେ ଜଣେ ମୃତ

କିଶୋରନଗର, ୨୪।୭(ସମିସ): କିଶୋରନଗର ବ୍ଲକ ଉରୁକୁଳା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶରତ ନନ୍ଦ (୫୫)। ବୁଧବାର ରାତିରେ ଶରତ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା।

## ବଜ୍ରପାତରେ ଚାଷୀ ମୃତ

ଛେଣ୍ଡିପଦା, ୨୪।୭(ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଙ୍କରେଇ ହରିଜନ ସାହିର ଯାତ୍ରା ନାଏକଙ୍କ ପୁଅ ପଙ୍କଜ ନାଏକ। ପଙ୍କଜ ପଞ୍ଚାୟତ ଅଫିସ ପଛପାଖରେ ଥିବା ନିଜ ବିଲରେ ପାଣି ମଡ଼ାଇ ଘରକୁ ଫେରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

କାମାକ୍ଷାନଗର, ୨୪।୭(ସମିସ): କଙ୍କଡ଼ାହାଡ଼ ଥାନା ଘୁଟୁରିଗାଁରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଘୁଟୁରିଗାଁର ବିକ୍ରମ ଦେହୁରୀ (୨୫)। ସେହି ଗ୍ରାମର ତ୍ରିଲୋଚନ ଦେହୁରୀ (୧୯)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ବିକ୍ରମ ଓ ତ୍ରିଲୋଚନ ଅପରାହ୍ନରେ ଗାଁ ନିକଟ ଦଣ୍ଡାଧର ଡ୍ୟାମକୁ ମାଛ ମାରିବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ ବଜ୍ରପାତ ହେବାରୁ ଉଭୟ ପାଣିରେ ପଡ଼ିଯାଇଥିଲେ। ସ୍ଥାନୀୟ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ବିକ୍ରମଙ୍କୁ ମୃତ ଘୋଷଣା କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କିଶୋରନଗର, ୨୪।୭(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତିଳେଶ୍ୱରସ୍ଥିତ ଶ୍ରୀରାମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପ୍ରଥମ ବର୍ଷ କଳା ବିଭାଗ ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ବିଜ୍ଞାନ ବିଭାଗ ଅଧ୍ୟାପକ ବାଲ୍ମୀକି ମୁଖି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପପୁନ ସାହୁ, ସତ୍ୟବ୍ରତ ପ୍ରଧାନ, ଅଧ୍ୟାପିକା ପୂଜା ପ୍ରଧାନ, ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟଜିତ ସାହୁ ଅଧ୍ୟକ୍ଷତା କରିଥିଲେ। ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଡାକ୍ତରଖାନାରେ ନାଗ, ଲୋକେ ଆତଙ୍କିତ

ଅନୁଗୋଳ, ୨୪।୭(ସମିସ): ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ରହିଥିବା ଟ୍ରମା କେୟାର ସେଣ୍ଟର ନିକଟରେ ଲୋକେ ଧାଡ଼ିରେ ଠିଆ ହୋଇଥିବା ବେଳେ ଏକ ନାଗସାପକୁ ଦେଇ ହଠାତ ଏଣେତେଣେ ଦୌଡ଼ିଥିଲେ। ସାପଟି ପାଖରେ ଥିବା ବୁଦାରୁ ବାହାରି ଡାକ୍ତରଖାନା ଭିତରରେ ପଶିଯାଇଥିଲା। ଫଳରେ ଲୋକେ ଆତଙ୍କିତ ହୋଇଯାଇଥିଲେ। ଔଷଧ ନେବା ପାଇଁ ଧାଡ଼ିରେ ଠିଆ ହୋଇଥିବା ଲୋକ ପଳାୟନ କରିଥିଲେ।

## ପୁଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ



ଅନୁଗୋଳ, ୨୪।୭(ସମିସ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ପୁଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ମହିଳାଙ୍କ ସୁରକ୍ଷା, ଲିଙ୍ଗ ନିରୂପଣକୁ ସମ୍ପୂର୍ଣ୍ଣ ନିଷେଧ କରିବା, ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସୁରକ୍ଷା, ସଡ଼କ ଦୁର୍ଘଟଣାରେ ସହାୟତା କରୁଥିବା ଗୁଡ୍ ସମାରିଟାନମାନଙ୍କୁ ପ୍ରୋତ୍ସାହିତ କରିବା, ସରକାରୀ ଜମି ଜବରଦଖଲମୁକ୍ତ କରିବା, ଲୋକଙ୍କ ଅଭିଯୋଗଗୁଡ଼ିକର ତୁରନ୍ତ ଫଇସଲା କରିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ରାଜୀବ ଲୋଚନ ପଣ୍ଡା, ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ପବ୍ଲିକ ପ୍ରୋସିକ୍ୟୁଟର ପ୍ରଶାନ୍ତ କୁମାର ମଲ୍ଲିକ, ପୁଲିସ ଅଧିକାରୀ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ବଇଣ୍ଡା ଓ ଅଙ୍ଗପଡ଼ା କଲେଜରେ ପ୍ରବେଶ ଉତ୍ସବ

ବଇଣ୍ଡା, ୨୪।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଓ ଅଙ୍ଗପଡ଼ା କଲେଜରେ ଗୁରୁବାର ଯୁକ୍ତଦୁଇ ବିଜ୍ଞାନ ଓ କଳାର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଇଣ୍ଡା କଲେଜରେ ଅଧ୍ୟକ୍ଷ କାଳନ୍ଦୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅସିତ୍ କୁମାର ଜେନା, ନିରଞ୍ଜନ ଦାସ, ଅଞ୍ଜନ କୁମାର ପ୍ରଧାନ, ଶୁଭ୍ରଶଶୀ ପ୍ରଧାନ, ସୁମିତ୍ରା ସ୍ୱାଇଁ, ଚନ୍ଦ୍ରଶେଖର ସିଂହ, ଡ. ରାଜେନ୍ଦ୍ର ଭୁଏ, ରାଜେଶ ବାଘ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ମନଦେଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ନିୟମ ମାନି ପାଠ ପଢ଼ିବା ପାଇଁ କହିଥିଲେ। ଅଙ୍ଗପଡ଼ା କଲେଜରେ ଅଧ୍ୟାପକ ପ୍ରଶାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଳରାମ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସର୍ବାଧିକ ନମ୍ବର ରଖିଥିବା ମାନସ୍ୱିନୀ ରଣା, ଆଶିଷ ପ୍ରଧାନ, ଶ୍ୱେତପଦ୍ମା ଝାଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିପଦସଙ୍କୁଳ ଶ୍ରେଣୀଗୃହ; ପଡ଼ିଆରେ ପଢୁଛନ୍ତି ପିଲା

ଗଁଦିଆ, ୨୪।୭(ସମିସ)



ଗଁଦିଆ ବ୍ଲକରେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। କାଷ୍ଠିପାଳ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀଗୃହ ଥିଲେ ମଧ୍ୟ ତାହା ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ପିଲାଏ ଖୋଲା ପଡ଼ିଆରେ ପାଠ ପଢୁଥିବା ଦେଖିବାକୁ ମିଳୁଛି। ନୂଆ କାଷ୍ଠିପାଳ ଓ ଶ୍ରୀମନ୍ତପୁର ଗ୍ରାମରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକେ ବାସ କରନ୍ତି। ଆଦିବାସୀ ବହୁଳ ଏହି ୨ ଗ୍ରାମରେ ଶିକ୍ଷାର ବିକାଶ ପାଇଁ ୧୯୯୯ରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ୫ଟି ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲା। ବିଦ୍ୟାଳୟରେ ମୋଟ ୬୦ ପିଲା ପାଠ ପଢ଼ନ୍ତି। ଏମାନଙ୍କ ପାଇଁ ୨ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ତେବେ ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକ ବାହାରକୁ ଚକଚକ ଦିଶୁଥିବା ବେଳେ କେଉଁ ଘର କାନ୍ଥ ଫାଟିଛି ତ କେଉଁ ଘରର ଛାତରୁ ଖଣ୍ଡ ଖଣ୍ଡ ହୋଇ ସିମେଣ୍ଟ ଖସୁଛି। ଫଳରେ ଏଠାରେ ଅଧ୍ୟୟନରତ ପିଲାମାନେ ଅସୁରକ୍ଷିତ ମନେକରି ଖୋଲା ପଡ଼ିଆରେ ପାଠ ପଢୁଛନ୍ତି। ଶ୍ରେଣୀଗୃହଗୁଡ଼ିକୁ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)


**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ସକାଳ THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ତାହା ଜଣେ ମଧ୍ୟ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ।

-ମହାତ୍ମା ଗାନ୍ଧୀ

## ଏନ୍‌ସିଇଆର୍‌ଟି ବିବାଦ

ଶିକ୍ଷାର ମୂଳାଧାର ରୂପେ ପରିଚିତ ଓ ବିବେଚିତ ବିଦ୍ୟାଳୟ ଶିକ୍ଷା ପାଇଁ ସର୍ବଭାରତୀୟସ୍ତରରେ ପ୍ରଚଳିତ ଏନ୍‌ସିଇଆରଟି ପାଠ୍ୟପୁସ୍ତକର ବିଷୟବସ୍ତୁକୁ ନେଇ ପୁଣି ଥରେ ବିବାଦ ଉଠିଛି। ସଦ୍ୟତମ ଅଭିଯୋଗ ଅନୁଯାୟୀ ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ବହିର ପ୍ରଥମ ଭାଗରେ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଥିବା ବେଳେ ଓଡ଼ିଶାର ପାଇକ ବିଦ୍ରୋହ ବାଦ୍ ପଡ଼ିଛି। ଏହାକୁ ନେଇ ବିବାଦ ଉଠିବା ପରେ ଦ୍ୱିତୀୟ ଭାଗରେ ସ୍ଥାନିତ କରାଯିବ ବୋଲି ଏନ୍‌ସିଇଆରଟି ଘୋଷଣା କରିଛି। ବିବାଦ ଉଠିବା ପରେ କିମ୍ବା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଓଡ଼ିଶାର ପାଇକ ବିଦ୍ରୋହକୁ ସାମାଜିକ ବିଜ୍ଞାନର ଦ୍ୱିତୀୟ ଭାଗରେ ସ୍ଥାନିତ କରାଯାଇଛି ତାହା ଅବଶ୍ୟ ଜଣାପଡ଼ିନାହିଁ। ତା'ସହିତ ମୋଗଲ୍ ସାମ୍ରାଜ୍ୟର କେତେକ ଚରିତ୍ର ଓ ଘଟଣାକ୍ରମର ଉପସ୍ଥାପନା ମଧ୍ୟ ବିତର୍କିତ ହୋଇପଡ଼ିଛି। ଏଭଳି ବାରମ୍ବାର ପାଠ୍ୟକ୍ରମର ବିଷୟବସ୍ତୁ ପରିବର୍ତ୍ତନ ଦ୍ୱାରା ଦେଶର ସ୍ୱନାମଧନ୍ୟ ଅନୁଷ୍ଠାନ ଅଯଥା ଅପବାଦ ମୁଣ୍ଡାଉଛି।

ଏହାପୂର୍ବରୁ ମଧ୍ୟ ବିଗତ ବର୍ଷମାନଙ୍କରେ ଏନ୍‌ସିଇଆରଟି ଦଶମଶ୍ରେଣୀ ପାଠ୍ୟପୁସ୍ତକରୁ ଡାରୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯାଇଥିବାରୁ ଆପତ୍ତି ଉଠିଥିଲା। ଇଂରାଜୀ ମାଧ୍ୟମ ଶିକ୍ଷାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ଓ ଗଣିତ ପାଠ୍ୟପୁସ୍ତକର ନାମକରଣ ଭାରତୀୟ ନୃତ୍ୟ, ସଙ୍ଗୀତ, ସଂସ୍କୃତି ଓ ପରମ୍ପରା ଆଧାରିତ ହେବାରୁ କେତେକ ମହଲ ଆପତ୍ତି ଉଠାଇଥିଲେ। ସେହିପରି ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ଓ ଇତିହାସ ବହିରୁ କେତେକ ନାମ ଓ ବିଷୟକୁ ବାଛି ବାଛି ବାଦ୍ ଦିଆଯାଇଥିବା ଏବଂ ନୂଆ ନାମ ଓ ଅଧ୍ୟାୟ ସାମିଲ୍ କରାଯାଇଥିବା ଅଭିଯୋଗ ମଧ୍ୟ ଆସିଥିଲା। ବିଶେଷକରି ମୋଗଲ୍ ଶାସନ କାଳର କେତେକ ନାମ ଓ ଘଟଣାବଳୀର ବର୍ଣ୍ଣନା ଶୈଳୀ ଓ ଉପସ୍ଥାପନାକୁ ନେଇ କେତେକ ମହଲ ଆପତ୍ତି ଉଠାଇଥିଲେ।

କେତେକ ଶିକ୍ଷାବିତ୍‌ଙ୍କ ମତରେ ପାଠ୍ୟକ୍ରମ ବିଷୟବସ୍ତୁ ଚୟନ ସମୟରେ ସେ କ୍ଷେତ୍ରରେ ଅଭିଜ୍ଞତା, ଦକ୍ଷତା ଓ ଦୂରଦର୍ଶିତା ଥିବା ବିଶେଷଜ୍ଞ କିମ୍ବା ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ଲୋଡ଼ାଯାଉନାହିଁ। ଯାହାଫଳରେ ଏଭଳି ବିବାଦ ଉଠୁଛି। ବର୍ତ୍ତମାନ ଭାରତ ବିଶ୍ୱଗୁରୁ ଦୌଡ଼ରେ ଅଛି। ତେଣୁ ଦେଶର ଛାତ୍ରଛାତ୍ରୀମାନେ ଯୁଗୋପଯୋଗୀ ଶିକ୍ଷା ସହିତ ଭାରତୀୟ ସଂସ୍କୃତିର ମୂଳଧାରକୁ ଆହରଣ କରିବା ଉଚିତ। ଏ କ୍ଷେତ୍ରରେ ଜ୍ଞାନ-ବିଜ୍ଞାନ ସନ୍ନିବେଶିତ ଶିକ୍ଷା ହିଁ ବିଶ୍ୱ ଦରବାରରେ ଭାରତକୁ ଯଥାଯଥ ଉପସ୍ଥାପନ କରିବାରେ ସହାୟକ ହେବ। ତେଣୁ ଇତିହାସକୁ ଅବିକଳ ଉପସ୍ଥାପନା ବଦଳରେ ତର୍ଜମା ଭିତ୍ତିକ ହେବା ଆବଶ୍ୟକ।

କେତେକାଂଶରେ ଶିକ୍ଷାବିତ୍‌ମାନଙ୍କ ମତ ଓ ମନ୍ତବ୍ୟ ଗ୍ରହଣଯୋଗ୍ୟ। କିନ୍ତୁ ପାଠ୍ୟକ୍ରମ ଦୀର୍ଘ ବର୍ଷ ଧରି ଅପରିବର୍ତ୍ତିତ ରହିଲେ ସେଥିରେ ଅଭିନବତା ଓ ଗତିଶୀଳତା ହ୍ରାସ ପାଏ। ତେଣୁ ପାଠ୍ୟପୁସ୍ତକର ପାଠ୍ୟକ୍ରମ ପରିବର୍ତ୍ତନ ଜରୁରୀ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ରୂପେ ପିଲାମାନଙ୍କର ଜ୍ଞାନକୋଷରୁ ବାଦ୍ ନ ପଡ଼େ ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ଆଜିର ଶିକ୍ଷା ହେଉଛି ନିଯୁକ୍ତି ଭିତ୍ତିକ। ତେଣୁ ଅଯଥା ପିଲାମାନଙ୍କୁ ଭାରାକ୍ରାନ୍ତ ନ କରି ଆବଶ୍ୟକ ଓ ଉଚିତ ପାଠ୍ୟକ୍ରମ ସାମିଲ୍ ହେବା ଜରୁରୀ। ଏହାସହିତ ଜାତୀୟସ୍ତର ପ୍ରବେଶିକା ପରୀକ୍ଷାଗୁଡ଼ିକ ମଧ୍ୟ ପାଠ୍ୟକ୍ରମ ଆଧାରିତ ନ ହେଲେ ବିଦ୍ୟାଳୟ ପାଠ୍ୟ ବା ଶିକ୍ଷା ପ୍ରୟୋଗାତ୍ମକ ବା ଉପକାରୀ ହୋଇପାରିବ ନାହିଁ।

ପାଠ୍ୟକ୍ରମରେ ଯଦି ବାରମ୍ବାର ପରିବର୍ତ୍ତନ ହୁଏ ତେବେ ଶିକ୍ଷାଦାନରେ ମଧ୍ୟ ବାଧା ସୃଷ୍ଟି ହେବା ନିଶ୍ଚିତ। କାରଣ ଆମ ବିଦ୍ୟାଳୟମାନଙ୍କରେ ଶିକ୍ଷକ ତାଲିମ୍ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ ନାହିଁ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ପାଠ ପଢ଼ି ପିଲାଙ୍କୁ ପଢ଼ାଇବା ପାଇଁ ପ୍ରସ୍ତୁତ ହେବା ବେଳକୁ ବର୍ଷର ଅଧେ ସମୟ ଚାଲିଯାଇଥିବ। ତେଣୁ ପିଲାମାନଙ୍କୁ ମଧ୍ୟ ଅଧୁରା ଶିକ୍ଷା ମିଳିବ। ସାଧାରଣତଃ ଖରାଛୁଟିରେ ନିଷ୍ଠାପର ଶିକ୍ଷକ/ଶିକ୍ଷୟିତ୍ରୀମାନେ ନିଜେ ପାଠ ସହିତ ଅଭ୍ୟସ୍ତ ହୁଅନ୍ତି, ଯାହା ସ୍କୁଲ୍ ଖୋଲିବା ମାତ୍ରକେ ସାବଲୀଳ ଭାବେ ଶିକ୍ଷାଦାନ ସହଜ ହୁଏ। ଏବେ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ ହେଉଥିବା ନୋ ଡିଟେନସନ୍ ପଲିସି ଉଠାଇବାକୁ ଯୋଜନା କରୁଛନ୍ତି। ସେଥିରେ ପୁଣି ନୂଆ ଶିକ୍ଷାନୀତି ଲାଗୁ ହୋଇଛି। ଏଭଳି ସମୟରେ ପାଠ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ହେଲେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ପ୍ରଭାବିତ ହେବେ।

ଆଜିର ସମୟର ଆବଶ୍ୟକତା ହେଉଛି ବିଜ୍ଞାନଭିତ୍ତିକ ଦୃଷ୍ଟିକୋଣ ଓ ବୈଷୟିକ ଆଭିମୁଖ୍ୟକୁ ଅଗ୍ରାଧିକାର ଦେଇ ଆମ ପିଲାଙ୍କୁ ଉପଯୁକ୍ତ ଭାବେ ଗଢ଼ିତୋଳିବା। ଏଥିରେ ସଂସ୍କୃତି, ଐତିହ୍ୟ, ଇତିହାସ, ଧର୍ମଧାରଣା, ସଂସ୍କାର ଓ ଦେଶପ୍ରେମ ତଥ୍ୟ ରହିଲେ ଅପରାଧ ହେବ ନାହିଁ। କିନ୍ତୁ ସମାନ୍ତରାଳ ଭାବେ ଭାରତର ଧର୍ମନିରପେକ୍ଷତା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ଏହା ହିଁ ହେବ ବିଶ୍ୱଗୁରୁ ହେବାର ଦକ୍ଷତା ଓ ଯୋଗ୍ୟତା।

## ଅନ୍ଧବିଶ୍ୱାସର ନୂଆ ଏନ୍ତୁଡ଼ିଶାଳ

ଡକ୍ଟର ଅବଶ ପରିଡ଼ା

ପ୍ରତିଦିନ ଆମେ ସାମାଜିକ ଗଣମାଧ୍ୟମରେ ଅନେକ ଦେବଦେବୀଙ୍କ ଫଟୋ ସହ କିଛି ବାର୍ତ୍ତା ପାଇବା ଏକ ସାଧାରଣ ଘଟଣା ହୋଇଗଲାଣି। ସେହିସବୁ ବାର୍ତ୍ତାରେ ଲେଖାଥାଏ ଯେ ଏହି ଫୋଟୋକୁ ତୁରନ୍ତ ସେୟାର କରନ୍ତୁ, ଦିନଟି ଭଲରେ କଟିବ, ଭାଗ୍ୟ ବଦଳିବ ଏବଂ ଧନର ବର୍ଷା ହେବ। ଏପରିକି ସୋମବାର, ମଙ୍ଗଳବାର ଓ ଶନିବାର ଦିନମାନଙ୍କରେ କିଛି ନିର୍ଦ୍ଦିଷ୍ଟ ଫଟୋ ପ୍ରାୟ ସମସ୍ତ ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର ହେଉଛି। ସେଥିରେ ଦାବି କରାଯାଉଛି ଯେ ଏହି ଫଟୋ ସବୁ ବିରଳ, ଅନେକ ବର୍ଷ ପୂର୍ବର ଏବଂ ଏହାକୁ ଅଣଦେଖା ଆମ ଉପରେ ବିପତ୍ତି ଆଣିପାରେ।

ଏବେ ସାମାଜିକ ଗଣମାଧ୍ୟମ ବା ଡିଜିଟାଲ୍ ପ୍ଲାଟ୍‌ଫର୍ମ ପାଲଟିଛି ଆଧୁନିକ ଅନ୍ଧବିଶ୍ୱାସର ନୂଆ ଠିକଣା। ପରମ୍ପରା ସହିତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ସୃଷ୍ଟି କରିଛି ଏହି ନୂତନ ଭାବଧାରା। ଏଠାରେ ଭାରତୀୟ ସାମାଜିକ ଗଣମାଧ୍ୟମର କିଛି ଲୋକପ୍ରିୟ ଅନ୍ଧବିଶ୍ୱାସର ଉଦାହରଣ ନେବା। 'ଆଜି ରାତିରେ ରାହୁ-କେତୁ ଛାଇ ଯୋଗୁଁ ଚନ୍ଦ୍ର ଲାଲ ହୋଇଯିବ। ରାତି ୮ଟା ପରେ ଖାଆନ୍ତୁ ନାହିଁ। ପ୍ରିୟଜନଙ୍କ ସହିତ ସେୟାର କରନ୍ତୁ।' ଏହାବ୍ୟତୀତ 'ଯଦି ରାତି ତିନିଟା ରୁ ଚାରିଟା ଭିତରେ ନିଦ ଭାଙ୍ଗୁଛି ତେବେ ଦୈବୀଶକ୍ତି ଆପଣଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛନ୍ତି କିମ୍ବା ଯଦି ଆପଣଙ୍କ ଛାଇ ଆଜି ବିକୃତ ଲାଗୁଛି ତେବେ ଘରୁ ବାହାରନ୍ତୁ ନାହିଁ।' ଆଶ୍ଚର୍ଯ୍ୟର କଥା ଯେ ଏଭଳି ବ୍ୟାଖ୍ୟାନ ଯୁବବର୍ଗ ମଧ୍ୟରେ ବେଶ୍ ଲୋକପ୍ରିୟ। ଜାଣତରେ କିମ୍ବା ଅଜାଣତରେ ଏସବୁ ଆମର ଅବଚେତନ ମନକୁ ବିଶ୍ଳେଷଣ ଓ ଆତ୍ମନିରୀକ୍ଷଣ କରିବାକୁ ବାଧ୍ୟ କରୁଛି।

ଏଠାରେ ଜାଣି ରଖିବାକୁ ହେବ ଯେ ସାମାଜିକ ଗଣମାଧ୍ୟମ ଉଭୟ ଅନ୍ଧବିଶ୍ୱାସର ପ୍ରସାର ଏବଂ ସୁଦୃଢ଼ୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିସାରିଲାଣି। ସତ୍ୟ, ପରମ୍ପରା, ପୌରାଣିକ କାହାଣୀ ଏବଂ ସୂଚନା ଆଢୁଆଳରେ ଫେସବୁକ ଓ ହ୍ୱାଟ୍ସଆପରେ ଅନ୍ଧବିଶ୍ୱାସର ବ୍ୟାପକ ପ୍ରସାର ହେଉଛି। ଏହି ଧାରା ବିଶ୍ୱବ୍ୟାପୀ ଏବଂ ସମାଜଶାସ୍ତ୍ରୀଙ୍କ ପାଇଁ ଏକ ଚିନ୍ତାର ବିଷୟ। ସାମାଜିକ ଗଣମାଧ୍ୟମ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଜନସାଧାରଣଙ୍କ ମଧ୍ୟରେ କିପରି ପାରମ୍ପରିକ ଏବଂ ନୂତନ ଅନ୍ଧବିଶ୍ୱାସ ବୃଦ୍ଧି କରୁଛି ସେ ସମ୍ବନ୍ଧୀୟ ଅନେକ ଅଧ୍ୟୟନ ହେଉଛି। ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ସାମାଜିକ ଗଣମାଧ୍ୟମ ଅନ୍ଧବିଶ୍ୱାସକୁ ବହୁସଂଖ୍ୟକଙ୍କ ପାଖରେ ଶୀଘ୍ର ପହଞ୍ଚାଇବାରେ ସକ୍ଷମ। ସୌଭାଗ୍ୟ କିମ୍ବା ଅଶୁଭ ଲକ୍ଷଣ ଭଳି ଅନ୍ଧବିଶ୍ୱାସ ସମ୍ବନ୍ଧୀୟ ବ୍ୟାଖ୍ୟାନଗୁଡ଼ିକୁ ବାରମ୍ବାର ପୁନଃପ୍ରେରଣ ବା ପୁନଃପ୍ରଚାର ଏବଂ ପସନ୍ଦ(ଲାଇକ୍) ଦ୍ୱାରା ଅସ୍ପଷ୍ଟ କିମ୍ବା ଆଞ୍ଚଳିକ ଅନ୍ଧବିଶ୍ୱାସ ମଧ୍ୟ କିଛି ଘଣ୍ଟା ଭିତରେ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିପାରୁଛି। ଏଠାରେ ଏକ ଉଦାହରଣ ନେବା। 'ସଂଖ୍ୟା ତେର ଅଶୁଭ। ଏହାକୁ ଏଡ଼ାଇବାକୁ ଚେଷ୍ଟା କର' ହେଉଛି କୌଣସି ସଂସ୍କୃତିରେ ଉତ୍ପନ୍ନ ଏକ ଅନ୍ଧବିଶ୍ୱାସ। କିନ୍ତୁ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ଅନୁମୋଦନ ଏବଂ ପ୍ରଚାର ଦ୍ୱାରା ବିଶ୍ୱସ୍ତରରେ ତେର ସଂଖ୍ୟା ଅଶୁଭ ପାଲଟିଛି।

ସାମାଜିକ ଗଣମାଧ୍ୟମ ପରସ୍ପର ସହିତ ଜଡ଼ିତ। ତେଣୁ ଅନ୍ଧବିଶ୍ୱାସର ପାରସ୍ପରିକ ସାଂସ୍କୃତିକ ଆଦାନପ୍ରଦାନକୁ ଏବେ ସହଜ କରିଦେଉଛି। ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ଥିବା ଅଭ୍ୟାସଗୁଡ଼ିକ ବର୍ତ୍ତମାନ ସାରା ବିଶ୍ୱରେ ଉପଲବ୍ଧ, ଯାହା ନୂତନ ଅନ୍ଧବିଶ୍ୱାସୀ ଆଚରଣର ସଂକରୀକରଣ ବୋଲି କୁହାଯାଇପାରେ। ବିଶ୍ୱାସ ଓ ଅଭ୍ୟାସ ଦ୍ୱାରା ଇଣ୍ଟରନେଟ୍‌ରେ ସକ୍ରିୟ ଥିବା କିଛି ଉତ୍ସର୍ଗୀକୃତ ଗୋଷ୍ଠୀ ପ୍ରରୋଚିତ। ସେହିସବୁ ଗୋଷ୍ଠୀ ଦ୍ୱାରା ପ୍ରଚାରିତ ଅନ୍ଧବିଶ୍ୱାସର ବୈଧତା ଏବଂ ସମର୍ଥନ ପାଇବା ନିମନ୍ତେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନଙ୍କ ସାହାଯ୍ୟ ନିତାନ୍ତ ଜରୁରୀ। ବ୍ୟବହାରକାରୀଙ୍କ ବୈଧତା ପରେ ଅନ୍ଧବିଶ୍ୱାସ ଆମ ବିଶ୍ୱାସ ସହ ଧୀରେ ଧୀରେ ଯୋଡ଼ି ହୋଇଯାଉଛି।

ଆରମ୍ଭରୁ ଆମେ ଶୃଙ୍ଖଳ ବାର୍ତ୍ତା ବା ଚେନ୍ ମେସେଜ୍ କଥା ହୋଇଥିଲେ, ଯେଉଁଠି ଆଶୀର୍ବାଦ ପାଇଁ 'ପୋଷ୍ଟକୁ ଶେୟାର'(ବ୍ୟାଖ୍ୟାନର ପୁନଃପ୍ରେରଣ) କରିବା ପାଇଁ କୁହାଯାଏ। ଏବେ ଡିଜିଟାଲ୍ ଲକ୍ଷଣ ଓ ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ କଥା ଆଲୋଚନା କରିବା। ପୁନରାବୃତ୍ତି ସଂଖ୍ୟା, ଯଥା, ୧୧: ୧୧ ମିନିଟ କିମ୍ବା ୭୭୭୭ ସଂଖ୍ୟା ଇତ୍ୟାଦି ସାମାଜିକ ଗଣମାଧ୍ୟମରେ ବେଶ ଲୋକପ୍ରିୟ। ଏହି ସଂଖ୍ୟା ସହିତ ଆମର ଜୀବନର ସମସ୍ୟା ଓ ସମାଧାନ ଯୋଡ଼ି ହୋଇଛି ବୋଲି ଡିଜିଟାଲ ଲୋକକଥା ସୂଚନା ଦିଏ। ସେହିପରି ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ ହେଉଛି ବୈଜ୍ଞାନିକ ଆଧାରର ଘୋର ଅଭାବ ଥିବା 'ଭାଇରାଲ୍ ସ୍ୱାସ୍ଥ୍ୟ ଟିପ୍ସ'। ଏଠାରେ ରୋଗରୁ ରକ୍ଷା ପାଇବା ପାଇଁ ଅପ୍ରମାଣିତ ପ୍ରତିକାର କିମ୍ବା ପୂଜାପାଠର ଗୁରୁତ୍ୱକୁ ଉଲ୍ଲେଖ କରାଯାଏ। ଭାରତରେ କିଛି ପ୍ରଚଳିତ ସ୍ୱାସ୍ଥ୍ୟ ଟିପ୍ସ ହେଉଛି 'ଲେମ୍ବୁକୁ ଫୁଟାଇ ପିଅନ୍ତୁ, କର୍କଟ ରୋଗ ଭଲ ହେବ' ଏବଂ 'ରସୁଣ ଓ ହଳଦୀକୁ ୭ ଦିନ ପର୍ଯ୍ୟନ୍ତ ପାଦରେ ଘଷନ୍ତୁ, ମଧୁମେହ ଭଲ ହୋଇଯିବ।' 'ଜୀବନ ବଞ୍ଚାଇବା ପାଇଁ ଏହାକୁ ଫରୱାର୍ଡ଼(ବାରମ୍ବାର ପ୍ରସାର) କରିଚାଲନ୍ତୁ।'

ସାମାଜିକ ଗଣମାଧ୍ୟମରେ କ୍ରମବର୍ଦ୍ଧିଷ୍ଣୁ ଅନ୍ଧବିଶ୍ୱାସ ପାଇଁ ଅନେକ କାରଣ ଦାୟୀ। ପ୍ରଥମଟି ହେଉଛି ସୂଚନା ପ୍ରସାରର ଶୀଘ୍ରତା। ସତ ମିଛର ଯାଞ୍ଚ ସାମାଜିକ ଗଣମାଧ୍ୟମରେ ନଥାଏ। ତେଣୁ ଅନ୍ଧବିଶ୍ୱାସର ପ୍ରଚଳନ ଏବଂ ଦୃଶ୍ୟମାନତା ଏଠି ଆପେ ଆପେ ବଢ଼େ। ଭୁଲ ସୂଚନା ଓ ଅନ୍ଧବିଶ୍ୱାସ ଦ୍ୱାରା ସାମାଜିକ ଗଣମାଧ୍ୟରେ ଭଲ ବ୍ୟବସାୟ ହୁଏ ବୋଲି ଅନେକ ବିଶେଷଜ୍ଞ ମତ ରଖନ୍ତି। ଅନ୍ୟ ଏକ ଦିଗରେ ଲୋକପ୍ରିୟତା ବୃଦ୍ଧି ନିର୍ଣ୍ଣୟ କରିବାରେ ସାମାଜିକ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେଣୁ ଆମେ ଯେଉଁ ଅନ୍ଧବିଶ୍ୱାସପୂର୍ଣ୍ଣ ଧାରା ଦେଖୁଛେ ସେସବୁ ସାମାଜିକ ଗଣମାଧ୍ୟମର ପ୍ରାୟୋଜିତ ଲୋକପ୍ରିୟ ସଂସ୍କୃତି କହିଲେ କିଛି ଭୁଲ ହେବନାହିଁ। ଗଣମାଧ୍ୟମ, ଟେଲିଭିଜନ ଚ୍ୟାନେଲ ଓ ଓଟିଟି ରେ ପ୍ରାୟତଃ ଅନ୍ଧବିଶ୍ୱାସ ଉପରେ କେନ୍ଦ୍ରିତ ଅନେକ କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। ଏସବୁ କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ପ୍ରତି ବିଶ୍ୱାସ ଓ ବୈଧତା ମଧ୍ୟ ବୃଦ୍ଧି ପାଉଛି।

ଭାରତରେ ଅନ୍ଧବିଶ୍ୱାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ଭାବରେ ବିବେଚନା କରାଯାଏ। ତେଣୁ ଆଶଙ୍କା ହେଉଛି ଯେ ସାମାଜିକ ଗଣମାଧ୍ୟମରେ ଏସବୁର ପ୍ରସାର ଆମ ଭବିଷ୍ୟତ ପାଇଁ ବିପଦ ନହେଉ। ଗଣମାଧ୍ୟମ ଦ୍ୱାରା ବୃଦ୍ଧି ପାଉଥିବା ବ୍ୟାପକ ଅନ୍ଧବିଶ୍ୱାସ ଜନସାଧାରଣଙ୍କ ପାଇଁ ସାମାଜିକ କ୍ଷତି, ସାମାଜିକ କଳଙ୍କ, ଶୋଷଣ ଓ ହିଂସାର ପ୍ରମୁଖ କାରଣ। ସଠିକ ସୂଚନା ପ୍ରଦାନ କରିବା ହେଉଛି ଉଭୟ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଦାୟିତ୍ୱ। କିନ୍ତୁ ନୈତିକ ତ୍ରୁଟି ଏବଂ ଅନ୍ଧବିଶ୍ୱାସର ନିୟନ୍ତ୍ରଣହୀନ ପ୍ରଚାର ଏକ ବୃହତ ସାମାଜିକ ଅବ୍ୟବସ୍ଥା କାରଣ ହୋଇପାରେ ବୋଲି କେହି ଚିନ୍ତା କରୁନାହାନ୍ତି। ସଠିକତା ଅପେକ୍ଷା ମନୋରଞ୍ଜନକୁ ପ୍ରାଥମିକତା ଏବଂ ଅଯୌକ୍ତିକ ବିଶ୍ୱାସର ପ୍ରୋତ୍ସାହନ ଅନେକ ସାମାଜିକ କୁଅଭ୍ୟାସ ଓ ହତ୍ୟାକାଣ୍ଡରେ ପ୍ରତିଫଳିତ।

ଅନ୍ୟ ଏକ ମହଲର ଦାବି ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଅନ୍ଧବିଶ୍ୱାସ ବଜାୟ ରହିବାର କାରଣ ହେଉଛି ଯେ ଏହା ବ୍ୟକ୍ତିର ମାନସିକ ଏବଂ ସାମାଜିକ ଆବଶ୍ୟକତା ପୂରଣ କରେ। ଅନ୍ଧବିଶ୍ୱାସ ହେଉଛି ଏକ ପ୍ରକାରର ଭାବନା। ବ୍ୟକ୍ତିର ଅପ୍ରତ୍ୟାଶିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଏକ ଉପାୟ। ସେଭଳି ଅନେକ ଯୁକ୍ତି କରନ୍ତି ଯେ ଏସବୁ ଅନ୍ଧବିଶ୍ୱାସ ନୁହେଁ, ବରଂ ସାମାଜିକ ଗଣମାଧ୍ୟମରେ ଏକପ୍ରକାରର ସାମାଜିକ ବନ୍ଧନ ଓ ଲୋକକଥା। ସମସାମୟିକ ସମାଜରେ ଅନ୍ଧବିଶ୍ୱାସର ପ୍ରସାର ଏବଂ ସ୍ୱାଭାବିକୀକରଣ ପାଇଁ ସାମାଜିକ ଗଣମାଧ୍ୟମ ଏକ ଉତ୍‌ପ୍ରେରକ ଭାବରେ କାର୍ଯ୍ୟ କରୁଛି। ଏହାର ସମାଧାନ ପାଇଁ ସାମାଜିକ ବହିଷ୍କାର ଭୟ ଏବଂ 'ଯଦି ଏହା ସତ୍ୟ ହୁଏ ତେବେ କ'ଣ ହେବ?' ମାନସିକତାରୁ ଦୂରତା ସହିତ ଗଣମାଧ୍ୟମ ସାକ୍ଷରତା, ନୈତିକତା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଅତ୍ୟନ୍ତ ଆବଶ୍ୟକ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଅକ୍ଷୁଣ୍ଣ ରହୁ ବଞ୍ଚିବାର ଅଧିକାର

ରାକେଶ ପଣ୍ଡା

ଭାରତର ଭୌଗୋଳିକ ସ୍ଥିତି ବିବିଧ ବନ୍ୟପ୍ରାଣୀମାନଙ୍କୁ ଏକ ପ୍ରାକୃତିକ, ସୁନ୍ଦର ଓ ନିରାପଦ ଆଶ୍ରୟ ବା ବାସସ୍ଥାନ ପ୍ରଦାନ କରିଥାଏ। ପଶ୍ଚିମବଙ୍ଗର ଶକ୍ତିଶାଳୀ ବାଘଠାରୁ ଆରମ୍ଭ କରି ଆସାମର ଏକଶୃଙ୍ଗୀ ଗଣ୍ଡା ପର୍ଯ୍ୟନ୍ତ, ଭାରତର ଜଙ୍ଗଲ ଜୀବନର ତାଳ ସହିତ ଗୁଞ୍ଜରିତ ହୁଏ। କିନ୍ତୁ ଏହି ଜଙ୍ଗଲ ସ୍ୱରର ତାଳ ଆଜି ବିପଦରେ ରହିଛି। ନିକଟରେ ପୂର୍ବ-ମଧ୍ୟ ରେଳବାଇ ଅନ୍ତର୍ଗତ ରାଞ୍ଚି କୋରଡମା ମାର୍ଗର ବରକାକାନା ଓ ହଜାରିବାଗ ଷ୍ଟେସନ ମଧ୍ୟରେ ରେଳଲାଇନ ଉପରେ ଏକ ହାତୀ ପ୍ରସବ କରିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପାଇଁ ଉକ୍ତ ମାର୍ଗ ଦେଇ ଯାଉଥିବା ଗୋଟିଏ ମାଲବାହୀ ଟ୍ରେନ ଦୁଇ ଘଣ୍ଟା ଧରି ଅଟକି ରହିଥିଲା। ପ୍ରଶ୍ନ ହେଉଛି ଗୋଟିଏ ଜଙ୍ଗଲୀ ହାତୀର ଚଳାଚଳ ଏବଂ ପ୍ରସବ ନିମନ୍ତେ ଏକ ମାନବବସତି ତଥା ଗ୍ରାମ ନିକଟରେ ରହିଥିବା ରେଳଧାରଣା ଏକ ବାସ୍ତବ ଓ ସୁରକ୍ଷିତ ସ୍ଥାନ କି ? କେଉଁ କାରଣରୁ ଗୋଟିଏ ଗର୍ଭିଣୀ ହାତୀ ନିଜର ପ୍ରାକୃତିକ ପରିବେଶ ଛାଡ଼ି ଜନବସତି ମୁହାଁ ହୋଇଥିଲା ? ବିଶ୍ୱସ୍ତରରେ ଜଙ୍ଗଲ କ୍ଷୟ ଧୀରେ ଧୀରେ ଏହି ମୂଲ୍ୟବାନ ବାସସ୍ଥାନଗୁଡ଼ିକୁ ଲୋପ କରୁଛି, ଯାହାକୁ ପ୍ରାୟତଃ ନିରବତାର ଶବ୍ଦ କୁହାଯାଏ। ଜଙ୍ଗଲ କାଟିବା ହେଉଛି ବର୍ତ୍ତମାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସମସ୍ୟା ମଧ୍ୟରୁ ଗୋଟିଏ। ଯେତେବେଳେ ପ୍ରାକୃତିକ ଭାବରେ ଗଛ ଥିବା ଜମିକୁ ମାନବ ଚାହିଦା ଅନୁଯାୟୀ କିଛି ସେବା ପ୍ରଦାନ କରିବା ନିମନ୍ତେ ପରିବର୍ତ୍ତନ କରାଯାଏ, ସେତେବେଳେ ଗଛ



କାଟିବାକୁ ପଡ଼େ ଏବଂ ଜଙ୍ଗଲ କ୍ଷୟ ଘଟେ। ଏହାର ମୁଖ୍ୟ କାରକଗୁଡ଼ିକ ହେଲା ଶିଳ୍ପ ପ୍ରତିଷ୍ଠା, ରାସ୍ତା ନିର୍ମାଣ, ଡ୍ୟାମ୍ ଏବଂ ସହରାଞ୍ଚଳ ପ୍ରସାରଣ ଭଳି ଭିତ୍ତିଭୂମିର ବିକାଶ, କୃଷି ପ୍ରସାରଣ ନିମନ୍ତେ ଜମିକୁ କୃଷି କ୍ଷେତ୍ରରେ ଏକୀକୃତ କରିବା, କାଠ କାଟିବା, ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ସମାୟୋଜନ କରିବା ପାଇଁ ଭିତ୍ତିଭୂମି ବିକାଶ, ଖଣି ଖନନ, ଜଳବାୟୁ ପରିବର୍ତ୍ତନ। ଏହାଛଡ଼ା ଝଡ଼, ଘୂର୍ଣ୍ଣିବାତ୍ୟା କିମ୍ବା କୀଟପତଙ୍ଗ ଆକ୍ରମଣ ଭଳି ପ୍ରାକୃତିକ ବିଭ୍ରାଟ ମଧ୍ୟ ଜଙ୍ଗଲ କ୍ଷୟର ଅନ୍ୟତମ କାରକ ଅଟନ୍ତି। ଦୁର୍ଭାଗ୍ୟବଶତଃ, ଉକ୍ତ କାରକଗୁଡ଼ିକ ଜଙ୍ଗଲ ଜୀବମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ କରାଉଛି।

ଅବାଧରେ ଗଛ କାଟିବା ଫଳରେ ୧୯୯୦ ରୁ ୨୦୧୫ ପର୍ଯ୍ୟନ୍ତ ବିଶ୍ୱ ଜଙ୍ଗଲ ପରିସରର ୩.୧୬ ପ୍ରତିଶତ ହ୍ରାସ ଘଟିଛି। ଏକ ରିପୋର୍ଟ ଅନୁସାରେ, ୨୦୧୫ ରୁ ୨୦୨୦ ମଧ୍ୟରେ ଭାରତ ପ୍ରାୟ ୬,୬୮, ୪୦୦ ହେକ୍ଟର ଜଙ୍ଗଲ ହରାଇଛି, ଯାହା ସେହି ସମୟ ମଧ୍ୟରେ ବିଶ୍ୱସ୍ତରରେ ଦ୍ୱିତୀୟ ସର୍ବାଧିକ ଜଙ୍ଗଲ କ୍ଷୟ। ବିଶ୍ୱସ୍ତରରେ ପ୍ରତିବର୍ଷ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏକ ରିପୋର୍ଟରେ କୁହାଯାଇଛି ଯେ ମଣିଷ ପ୍ରତିବର୍ଷ ଦେଢ଼ କୋଟିରୁ ଅଧିକ ଗଛ କାଟିଥାଏ। ଜାତିସଂଘର 'ଖାଦ୍ୟ ଓ କୃଷି ସଂଗଠନ' ଆକଳନ କରିଛି ଯେ ମଣିଷ ନିଜର ବିଭିନ୍ନ ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ୧୯୯୦ ମସିହା ପରଠାରୁ ୪୨୦ ନିୟୁତ ହେକ୍ଟର ଜଙ୍ଗଲ ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପରିବର୍ତ୍ତନ କରିଛି। ଭାରତରେ ବନ କ୍ଷୟ ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଜଙ୍ଗଲୀ ଜୀବ ପ୍ରାଣ ହରାଉଛନ୍ତି ଏବଂ ଅନେକ ବିସ୍ଥାପିତ ହେଉଛନ୍ତି। ଏହାଫଳରେ ଦେଶରେ ବାଘ, ଗଣ୍ଡା, ହାତୀ, ହରିଣ, ବାରହା, ଠେକୁଆ ଆଦି ଅନ୍ୟ ବିଭିନ୍ନ ପ୍ରକାରର ପ୍ରାଣୀ ପ୍ରଜାତିକୁ ନକରାତ୍ମକ ଭାବରେ ପ୍ରଭାବିତ କରୁଛି। ଏହାଛଡ଼ା, ବାଦୁଡ଼ି, କପୋତ ଓ କାଉ ଭଳି ପକ୍ଷୀ ବିରଳ ହେବାରେ ଲାଗିଛନ୍ତି। ବିଭିନ୍ନ ପକ୍ଷୀ ଓ ସରୀସୃପ ଭଳି କିଛି ପ୍ରଜାତି ମଧ୍ୟ ବାସସ୍ଥାନ କ୍ଷତି ଯୋଗୁଁ ବିପଦରେ ଅଛନ୍ତି।

ବନ୍ୟପ୍ରାଣୀମାନଙ୍କର ପ୍ରାକୃତିକ ବାସସ୍ଥାନ ସଙ୍କୁଚିତ ହେବା ଫଳରେ ବନ୍ୟପ୍ରାଣୀ ଦୈନନ୍ଦିନ ଖାଦ୍ୟର ଅଭାବକୁ ମେଣ୍ଟାଇବାକୁ ଏବଂ ଆଶ୍ରୟ ପାଇଁ ମାନବ ବସତି ମଧ୍ୟକୁ ପ୍ରବେଶ କରିବା ସହ କେତେକ କ୍ଷେତ୍ରରେ ଆକ୍ରମଣ ମଧ୍ୟ କରିଥା'ନ୍ତି। ଏପରିକି କେତେକ ସମୟରେ ସେମାନେ ସହର ଭିତରକୁ ପ୍ରବେଶ କରିବାର ନଜରକୁ ଆସୁଛି। ଯାହାକି ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରିଥାଏ। ପ୍ରତିଶୋଧ ସ୍ୱରୂପ, ମଣିଷ ଶିକାର କିମ୍ବା ବନ୍ୟପ୍ରାଣୀଙ୍କୁ ଧରିବାକୁ ଚେଷ୍ଟା କରିଥାଏ, ଯାହା ଏହି ପ୍ରଜାତିମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଆହୁରି ତୀବ୍ର କରିଥାଏ। ଉଭୟଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ସଂଘର୍ଷ ବିଭିନ୍ନ ରୂପରେ ପ୍ରକାଶିତ ହୁଏ। ଯେପରିକି ଫସଲ କ୍ଷତି, ପଶୁ ଶିକାର, ସମ୍ପତ୍ତି କ୍ଷତି। ଏପରିକି ଉଭୟ ଜଙ୍ଗଲୀ ପଶୁ ଓ ମଣିଷଙ୍କ ସାମାଜିକ ଓ ପ୍ରାକୃତିକ ଅଧିକାର ବିପଦରେ ପଡ଼ିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ। କେନ୍ଦ୍ର ସରକାରଙ୍କ ଦ୍ୱାରା ଡିସେମ୍ବର, ୨୦୨୩ ରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୨ରେ ଦେଶରେ ପଶୁ ଆକ୍ରମଣ ଯୋଗୁଁ ୧, ୫୧୦ ଜଣଙ୍କ ମୃତ୍ୟୁ ହୋଇଛି।

ଏ ଧରାପୃଷ୍ଠରେ, ଈଶ୍ୱର ପ୍ରଦାନ କରିଥିବା ପ୍ରତିଟି ଜୀବର ବଞ୍ଚିବାର ସ୍ୱତନ୍ତ୍ର ଅଧିକାର କେବେ, କୌଣସି ପରିସ୍ଥିତିରେ ମଧ୍ୟ କ୍ଷୁଣ୍ଣ ହେବା ଉଚିତ ନୁହେଁ। ଏହା କେବଳ ସରକାର ନୁହେଁ, ସମାଜରେ ବାସ କରୁଥିବା ପ୍ରତ୍ୟେକ ମଣିଷଙ୍କ ପାଇଁ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ଓ ଆହ୍ୱାନ। କିପରି ଦେଶରେ ବାକିଥିବା ଜଙ୍ଗଲ ଆଉ ନଷ୍ଟ ନହୁଏ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ। ଏହାଛଡ଼ା ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବନ୍ୟ ପ୍ରାଣୀଙ୍କ ଜୀବନ ନିର୍ବାହ ନିମନ୍ତେ ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବା ଜରୁରୀ, ଯେପରି ଉଭୟ ମଣିଷ ଓ ବନ୍ୟପ୍ରାଣୀ କେହି କାହାର ଜୀବନ ଶୈଳୀ, ଜୀବନ ନିର୍ବାହ ଓ ବଞ୍ଚିବାର ଅଧିକାର ଆଦିରେ ହସ୍ତକ୍ଷେପ କରିବେ ନାହିଁ। ଉଭୟଙ୍କ ନିମନ୍ତେ ଉଦ୍ଦିଷ୍ଟ ପରିବେଶ ଓ ସ୍ଥାନରେ ସେମାନେ ଶାନ୍ତି, ଖୁସି ଓ ନିରାପଦର ସହ ଜୀବନ ଯାପନ କରିବେ। ଏଥିଲାଗି କିନ୍ତୁ ସରକାର ଓ ଜନତା ସଚେତନ ହେବା ସହ ଜରୁରୀ ପଦକ୍ଷେପ ମାନ ନିଷ୍ଠା ଓ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ବନ୍ଧାଲୋ(କଟକ), ମୋ: ୯୩୩୭୮୯୭୬୫୦

## ରାବଣ ମନ୍ଦିର

ଓଜସ୍ୱିନୀ

**ବିଚିତ୍ର ବିଶ୍ୱାସ**

ଦେବଭୂମି ଭାରତରେ ତେତ୍ରିଶକୋଟି ଦେବଦେବୀଙ୍କ ଅନେକ ଭବ୍ୟ ମନ୍ଦିର ରହିଛି। ପ୍ରତ୍ୟେକ ମନ୍ଦିର ନିଜସ୍ୱ ନିର୍ମାଣ ଶୈଳୀ, ସ୍ଥାନୀୟ ପରମ୍ପରା, ସଂସ୍କୃତି, ଧର୍ମୀୟ ବିଶ୍ୱାସ, ଅଲୌକିକତା, ପୂଜାବିଧି, ପୌରାଣିକ ଆଖ୍ୟାନ, କିମ୍ବଦନ୍ତୀ ଓ ଲୋକକଥା ଆଧାରରେ ସ୍ୱତନ୍ତ୍ର। କିନ୍ତୁ ସବୁରି ମୂଳରେ ରହିଛି ବିଶ୍ୱାସ। ଏହା ସକାରାତ୍ମକ କିମ୍ବା ନକାରାତ୍ମକ ହୋଇପାରେ। ଏହିକ୍ରମରେ ଭାରତରେ ଏମିତି କିଛି ମନ୍ଦିର ଅଛି, ଯେଉଁଠି ଅସୁର, ଦାନବ, ରାକ୍ଷସ-ରାକ୍ଷସୀଙ୍କୁ ମଧ୍ୟ ପୂଜା କରାଯାଉଛି। ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଏମାନେ ଈଶ୍ୱର ଭାବେ ପୂଜା ପାଉଛନ୍ତି। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ସମାଜ, ସଂସ୍କୃତି ଓ ପରମ୍ପରାରେ ଖଳନାୟକ ଭାବମୂର୍ତ୍ତି ସମ୍ପନ୍ନ ଚରିତ୍ରମାନଙ୍କୁ ଈଶ୍ୱର ଆସନ ଦେବା ପଛରେ ରହିଛି ଏକ ତୀବ୍ର ବିରୋଧାଭାସ। ଯେଉଁମାନେ ଭାଗ୍ୟ ଓ ଭଗବାନଙ୍କ ଉପରୁ ସମ୍ପୂର୍ଣ୍ଣ ଆସ୍ଥା ହରାଇଥା'ନ୍ତି ସେମାନଙ୍କ ଚେତନାରେ କାଳକ୍ରମେ ଖଳନାୟକ ଚରିତ୍ରମାନଙ୍କ ପ୍ରତି ଅନୁରକ୍ତି ସୃଷ୍ଟି ହୁଏ। ହେତୁବାଦୀମାନଙ୍କ ମତରେ ଗୋଟିଏ ଚରିତ୍ରକୁ ନାୟକ ଭାବେ ଉପସ୍ଥାପନା କରିବା ପାଇଁ ଅନ୍ୟଜଣଙ୍କୁ ଖଳନାୟକ ଭାବେ ଚିତ୍ରଣ କରାଯାଏ। କିନ୍ତୁ ସେହି ଖଳନାୟକ ଚରିତ୍ର ଭିତରେ ମଧ୍ୟ ଅନେକ ଐଶ୍ୱରୀୟ ଗୁଣ ରହିଛି। ସେହି ଗୁଣଗୁଡ଼ିକୁ ଆବିଷ୍କାର କରିପାରିଥିବା ବ୍ୟକ୍ତିମାନେ ମଧ୍ୟ ପ୍ରଶଂସାର ପାତ୍ର। ଆଉ କିଛି ମତବାଦୀଙ୍କ ମତରେ ଯଦି ତୁମେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ ତେବେ ନକାରାତ୍ମକ ଶକ୍ତିର ଅବସ୍ଥିତିକୁ ସ୍ୱୀକାର କରିବାକୁ ବାଧ୍ୟ। କାରଣ ଦୁଇ ବିପରୀତ ଧର୍ମୀ ଚରିତ୍ରର ସମ୍ମିଶ୍ରଣରେ ହିଁ ସଂସାରର ସମତୁଲତା ରକ୍ଷା ହୁଏ। ଏଭଳି କେତେକ ସ୍ୱତନ୍ତ୍ର ବା ଭିନ୍ନ ବିଚାର ଆଧାରରେ ଗଢ଼ି ଉଠିଛି ଅନେକ ମନ୍ଦିର ଓ ଉପାସନା, ଯାହା ଈଶ୍ୱରବିଶ୍ୱାସୀଙ୍କ ଦୃଷ୍ଟିରେ ବିଚିତ୍ର ଲାଗେ। ଏହି ସ୍ତମ୍ଭରେ ଆମେ ଭାରତରେ ପ୍ରତିଷ୍ଠିତ ସେଭଳି କିଛି 'ବିଚିତ୍ର ବିଶ୍ୱାସ' ଆଧାରିତ ମନ୍ଦିର ସମ୍ପର୍କରେ ଆଲୋଚନା କରିବା।

ରାମାୟଣରେ ମୁଖ୍ୟ ଖଳନାୟକ ରୂପେ ଚିତ୍ରିତ ଅସୁରରାଜା ରାବଣର କୁଶପୁତ୍ତଳିକା ପ୍ରତିବର୍ଷ ଦଶହରାରେ ପୋଡ଼ିବାର ଅଲିଖିତ ପରମ୍ପରା ଅନେକ ବର୍ଷ ଧରି ଜାରି ରହିଛି, ଯାହା ରାବଣପୋଡ଼ି ନାମରେ ବିଦିତ। କିନ୍ତୁ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସତ ଯେ ଭାରତର ଅନେକ ସ୍ଥାନରେ ଅସୁରରାଜ ରାବଣଙ୍କ ଏକାଧିକ ମନ୍ଦିର ରହିଛି, ଯାହା ମଧ୍ୟରୁ ମୁଖ୍ୟତଃ ଦୁଇଟି ମନ୍ଦିର ପ୍ରସିଦ୍ଧ। ଗୋଟିଏ ହେଉଛି ରାଜସ୍ଥାନର ଯୋଧପୁରସ୍ଥିତ ମେହରାନଗଡ଼ କିଲ୍ଲା ନିକଟରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିର ଏବଂ ଅନ୍ୟଟି ସେହି ରାଜ୍ୟର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର।

ଯୋଧପୁରର ମନ୍ଦୋର୍‌ଠାରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିରରେ ରାବଣ ଓ ମନ୍ଦୋଦରୀଙ୍କର ଶିବଙ୍କୁ ଆରାଧନା କରୁଥିବା ମୁଦ୍ରାରେ ଦୁଇଟି ବିଶାଳକାୟ ପ୍ରତିମା ରହିଛି। ମନ୍ଦୋଦରୀଙ୍କ ପିତା ମୟାସୁର ଏହି ସ୍ଥାନର ନିର୍ମାଣ କରିଥିବାରୁ ସ୍ଥାନର ନାମାନୁସାରେ ରାବଣଙ୍କ ପତ୍ନୀଙ୍କ ନାମ ମନ୍ଦୋଦରୀ ହୋଇଛି। ମନ୍ଦୋର ର ନିର୍ମାଣ କାହିଁକି ଓ କିପରି ହେଲା, ତାହାକୁ ନେଇ ପୌରାଣିକ କାହାଣୀ ମଧ୍ୟ ଅଛି। ମନ୍ଦୋର୍ ରାବଣଙ୍କ ଶ୍ୱଶୁରାଳୟ ଭାବେ ପରିଚିତ। ଯେଉଁ ସ୍ଥାନରେ ରାବଣ ଓ ମନ୍ଦୋଦରୀଙ୍କ ବିବାହ ସମ୍ପନ୍ନ ହୋଇଥିଲା, ତାହା ଆଜି ମଧ୍ୟ ସେଠାରେ ଅଛି, ଯାହାକୁ ସ୍ଥାନୀୟ ଭାଷାରେ 'ରାବଣ କି ଚମ୍ବରି' ବୋଲି କୁହାଯାଉଛି। ଏଠାରେ ଗୋଧା ଗୋତ୍ରର ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ବ୍ରାହ୍ମଣମାନେ ନିଜକୁ ରାବଣଙ୍କ ବଂଶଜ ବୋଲି ମାନନ୍ତି ଏବଂ ବିବାହ ସମୟରେ ସେମାନେ ଏଠାକୁ ଆସି ସ୍ଥାୟୀ ବସତି ସ୍ଥାପନା କରିଥିଲେ ବୋଲି କିମ୍ବଦନ୍ତୀ ଅଛି। ତେଣୁ ସେମାନେ ଦଶହରା ଦିନ ରାବଣଙ୍କ ଦହନ ଦେଖିବାକୁ ଯାଆନ୍ତି ନାହିଁ, ବରଂ ସେହିଦିନ ସେମାନେ ରାବଣଙ୍କ ପାଇଁ ଶୋକପାଳନ ପୂର୍ବକ ଅନ୍ନପାକ ତ୍ୟାଗ କରିବା ସହିତ ସନ୍ଧ୍ୟା ସମୟରେ ସ୍ନାନ କରି ନିଜର ଉପବୀତ ପରିବର୍ତ୍ତନ କରିବା ପରେ ରାବଣଙ୍କ ଦର୍ଶନ କରିଥା'ନ୍ତି। ଏହାପରେ ରାବଣଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରାଯାଏ। ଏହାକୁ ସେମାନେ ପ୍ରସାଦ ଭାବେ ସେବନ କରିଥା'ନ୍ତି। ଅସୁରରାଜ ରାବଣ ମହାନ ସଙ୍ଗୀତଜ୍ଞ ଓ ବେଦଜ୍ଞ ପଣ୍ଡିତ ଥିଲେ। ତେଣୁ ସଙ୍ଗୀତ ଓ ବେଦ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ଏହି ମନ୍ଦିରକୁ ଆସି ରାବଣଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ହତ୍ୟା ଉଦ୍ୟମ କରି ନବବଧୂ ଗିରଫ

## ସ୍ୱାମୀଙ୍କୁ କୂଅକୁ ଠେଲି ଇଟା ଫିଙ୍ଗିଲା, ବାଉଁଶ ଖେଞ୍ଚିଲା

ବେଲଗୁଣ୍ଠା, ୨୪।୭ (ସମିସ): ମାତ୍ର ମାସେ ତଳେ ବିବାହ ହୋଇଥିଲା। କିନ୍ତୁ ବିବାହ ପରଠାରୁ ନବଦମ୍ପତିଙ୍କ ଭିତରେ କିଛି ବି ଠିକ୍ ନଥିଲା। ନୂଆବୋହୂର ହାବଭାବ, ଲକ୍ଷଣ ଶ୍ୱଶୁରଘର ଲୋକଙ୍କ ଦେହରେ ଯାଉନଥିଲା। ବିଶେଷକରି ଘଣ୍ଟାଘଣ୍ଟା ଧରି ଫୋନ୍‌ରେ ଗପିବାକୁ ସ୍ୱାମୀ ନାପସନ୍ଦ କରିଥିଲେ। ଏଥିପାଇଁ ଥରେ, ଦି'ଥର ସ୍ତ୍ରୀକୁ ତାଗିଦ୍ ବି କରିଥିଲେ। ବାସ୍ ଏତିକିରେ ନୂଆ ବୋହୂ ଭିତରେଭିତରେ ରାଗି ନିଆଁବାଣ। ତାଗିଦ୍ କରୁଥିବା ସ୍ୱାମୀଙ୍କୁ ସବୁଦିନ ପାଇଁ ବାଟରୁ ହଟାଇବା ପାଇଁ ରଚିଥିଲେ ଷଡ଼୍‌ଯନ୍ତ୍ର। ଶୌଚ ଯିବା ବାହାନାରେ ରାତିଅଧିଆ ସ୍ୱାମୀଙ୍କୁ ବାହାରକୁ ଡାକିବା ପରେ କୂଅ ଭିତରକୁ ଠେଲିଦେଲା। ଖାଲି ସେତିକି ନୁହେଁ, ଉପରୁ ଇଟା ଫିଙ୍ଗିବା ସହ ଏକ ବାଉଁଶରେ ଖେଞ୍ଚିଥିଲା। ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ସୁତୁମୁସର ଗ୍ରାମରେ ଘଟିଥିବା ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ସୌଭାଗ୍ୟବଶତଃ ସ୍ୱାମୀଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ, ଗ୍ରାମର ଅମୂଲ୍ୟ ଦଳାଇ (୨୯)। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତ ନୂଆବୋହୂ ବର୍ଷା ପ୍ରଧାନଙ୍କୁ ହତ୍ୟା ଷଡ଼୍‌ଯନ୍ତ୍ରରେ ଗିରଫ କରି କୋର୍ଟଚାଲାଣ କରିଛି।



ସୂଚନାନୁଯାୟୀ, ସୁତୁମୁସର ଗ୍ରାମର ଗଣେଶ ଦଳାଇ(୬୦)ଙ୍କ ପୁଅ ଅମୂଲ୍ୟଙ୍କୁ ମାସେ ତଳେ ସୋରଡ଼ା ଥାନା ଅନ୍ତର୍ଗତ ଲାଠିପଡ଼ା ନିକଟସ୍ଥ ଗୁଡ଼ିପଲ୍ଲୀ ଗ୍ରାମର ଆକୁଳ ପ୍ରଧାନଙ୍କ ଝିଅ ବର୍ଷାଙ୍କୁ ବିବାହ କରିଥିଲେ। ବିବାହ ପରେ ବର୍ଷା ବହୁ ସମୟରେ ଫୋନ୍‌ରେ ବ୍ୟସ୍ତ ରହୁଥିଲେ। ଏହାକୁ ନେଇ ଅମୂଲ୍ୟ ତାଙ୍କୁ ତାଗିଦ୍ ମଧ କରିଥିଲେ। ତେବେ ଏଥିରେ ରାଗିଯାଇ ବର୍ଷା ପ୍ରତିଶୋଧପରାୟଣ ହୋଇଉଠିଥିଲେ। ଅମୂଲ୍ୟଙ୍କ ଜୀବନ ନେବାକୁ ଯୋଜନା କରିଥିଲେ। ଗତ ୨୧ତାରିଖ ସୋମବାର ରାତିରେ ଗଣେଶଙ୍କ ପରିବାର ଖାଇପିଇ ଶୋଇବା ପରେ ରାତି ୧୨ଟାରେ ବର୍ଷା ଶୌଚ ହେବାକୁ ସ୍ୱାମୀ ଅମୂଲ୍ୟକୁ ଘର ପଛପଟକୁ ଡାକି ନେଇଥିଲା। ସେଠାରେ ତାଙ୍କୁ ଜୀବନରୁ ମାରିଦେବାକୁ ଏକ କୂଅ ଭିତରକୁ ଠେଲି ଦେଇଥିଲା। ଅମୂଲ୍ୟ ଚିତ୍କାର କରିବାରୁ ବର୍ଷା ଅମୂଲ୍ୟ ଉପରକୁ ଇଟାଖଣ୍ଡ ଫୋପାଡ଼ିବା ସହ ବାଉଁଶରେ ଖେଞ୍ଚିଥିଲା। ଅମୂଲ୍ୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇ କୂଅର ପାଣି ମଧ ଲାଲ ହୋଇଯାଇଥିଲା। ସେହି ସମୟରେ ଗଣେଶ ଅମୂଲ୍ୟକୁ ଡାକିବା ସହ ବାହାରକୁ ଆସିଯିବାରୁ ବର୍ଷା ଘର ଭିତରକୁ ଚାଲିଯାଇଥିଲା।

ଅମୂଲ୍ୟଙ୍କ ଚିତ୍କାର ଶୁଣି ଗଣେଶ କୂଅ ନିକଟକୁ ଯାଇ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପରେ ଭଞ୍ଜନଗର ଏବଂ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଗଣେଶଙ୍କ ଅଭିଯୋଗକୁ ଭିତ୍ତି କରି ବେଲଗୁଣ୍ଠା ଥାନାରେ ୩୭୬/୨୫ରେ ଏକ ମାମଲା ରୁଜୁ କରିବା ସହ ଏସ୍‌ଆଇ ଅଭୟ କୁମାର ପ୍ରଧାନ ଘଟଣାର ତଦନ୍ତକାରୀ ଅଧିକାରୀ ରୂପେ ଅମୂଲ୍ୟର ବୟାନ ରେକର୍ଡ କରିଥିଲେ। ବର୍ଷାକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚୀନ୍ ସୀମାରେ...

ମସ୍କୋରୁ ୬,୦୦୦ କିମି ଦୂରରେ ଅବସ୍ଥିତ। ବିମାନରେ ୫ ଶିଶୁଙ୍କ ସମେତ ୪୩ ଜଣ ଯାତ୍ରୀ ଓ ୬ ବିମାନ କର୍ମଚାରୀ ଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ୧୯୬୭ରେ ସେତେବେଳର ସୋଭିଏତ ୟୁନିୟନ ଛୋଟ ଅଞ୍ଚଳରେ ଉଡାଇବା ପାଇଁ ଏହି ବିମାନ (ଏଏନ୍-୨୪) ତିଆରି କରିଥିଲା। ସେତେବେଳେ ଏଥିରେ ୩୨ଟି ସିଟ୍ ଥିଲା। ଗତବର୍ଷ ମଧ ଅମୁର ଅଞ୍ଚଳରେ ବିମାନ ଦୁର୍ଘଟଣା ହୋଇଥିଲା।

### ଅନୀଲ ଅମ୍ବାନୀଙ୍କ...

ବ୍ୟାଙ୍କରୁ ପ୍ରାପ୍ତ ଟଙ୍କା ବେଆଇନ ଭାବରେ କମ୍ପାନୀର ପ୍ରମୋଟର ଏବଂ ଅନ୍ୟ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ୨୦୧୭ରୁ ୨୦୧୯ ମଧରେ ଋଣ ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ଆର୍‌ଏଏଜିଏ କମ୍ପାନୀଗୁଡ଼ିକୁ ଋଣ ମଞ୍ଜୁର କରାଯାଇଥିଲା। ବ୍ୟାଙ୍କର ୩ ହଜାର କୋଟି ଟଙ୍କାର ଋଣମାଫ୍ ପାଇଁ ବଡ଼ ଧରଣର ଜାଲିଆତି ହୋଇଥିଲା।

### ସ୍ପଷ୍ଟ କରନ୍ତୁ...

ନବୀନ ପୁଣି କହିଛନ୍ତି ଯେ ମହାନଦୀ କେବଳ ଏକ ନଦୀ ନୁହେଁ, ଏହା ଓଡ଼ିଶାର ଆତ୍ମା। ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବାର ଆବଶ୍ୟକତା ରହିଛି। ୨୦୧୮ ମସିହା ଜାନୁଆରୀ ୨୩ ତାରିଖରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଜେଡିର ନିରନ୍ତର ପ୍ରୟାସ ଏବଂ ପ୍ରବଳ ଜନସାଧାରଣଙ୍କ ଚାପ କାରଣରୁ ସେତେବେଳେ କେନ୍ଦ୍ର କ୍ୟାବିନେଟ ଟ୍ରିବ୍ୟୁନାଲ ଗଠନ କରିବାକୁ ଅନୁମୋଦନ ଦେଇଥିଲେ। ଏହାପରେ ୨୦୧୮ ମାର୍ଚ୍ଚ ୧୨ ତାରିଖରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବାକୁ ଯାଇ ସରକାରୀ ଭାବେ ଟ୍ରିବ୍ୟୁନାଲର ଗଠନ କରିଥିଲେ। ଏତେ ପରିଶ୍ରମରେ ଓଡ଼ିଶା ଜାରି ରଖିଥିବା ଏହି ଆଇନଗତ ଲଢ଼େଇ ଏବେ ଯେ ଦୁର୍ବଳ ହେବାରେ ଲାଗିଛି, ସେନେଇ ଏବେ ସାଧାରଣରେ ଚିନ୍ତା ବୃଦ୍ଧି ପାଇଲାଣି। ଛତିଶଗଡ଼ ସହ କେଉଁ ପ୍ରକାର ପାରସ୍ପରିକ ବୁଝାମଣା ହେବାକୁ ଯାଉଛି ସେନେଇ ରାଜ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି କିମ୍ବା ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି। ରାଜ୍ୟ ସରକାର କଣ ଆଇନଗତ ଦିଗକୁ ପରିତ୍ୟାଗ କରିଛନ୍ତି? ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାୟ ଦାବିକୁ କଣ ବନ୍ଦ ଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ପ୍ରଶ୍ନ କରିବା ସହ ରାଜ୍ୟ ସରକାରଙ୍କଠାରୁ ଏହାର ତତ୍କାଳ ଏବଂ ପାରଦର୍ଶୀ ଉତ୍ତର ଆଶା କରିଛନ୍ତି।

### ବିହାର ଭୋଟର ତାଲିକା...

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରାଯାଇଥିଲା। ସମସ୍ତ କାର୍ଯ୍ୟ ବନ୍ଦ କରି ବିହାର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସଂଜୟ ସିଂହ, ରଣଜିତ ରଞ୍ଜନ ଓ ଅଖିଳେଶ ପ୍ରସାଦ ସିଂହ ପ୍ରମୁଖ ମୁଲତବୀ ନୋଟିସ ଦେଇଥିଲେ। ମାତ୍ର ନିୟମ ୨୬୭ ଅନୁଯାୟୀ ଏହିସବୁ ନୋଟିସକୁ ଅଧ୍ୟକ୍ଷ ଖାରଜ କରିଦେବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଲୋକସଭାରେ ପ୍ରଥମେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିରୋଧୀ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ହୋହାଲ୍ଲା କରିଥିଲେ। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ଦୁଇଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ କରାଯାଇଥିଲା। ସେହିଭଳି ରାଜ୍ୟସଭାକୁ ପ୍ରଥମେ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଦୁଇଟା ପରେ ଗୃହ କାର୍ଯ୍ୟ ଚାଲିଥିବା ବେଳେ କଂଗ୍ରେସ ଓ ଟିଏମ୍‌ସି ସାଂସଦଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିବା ସହିତ ଅଧ୍ୟକ୍ଷଙ୍କ ଆସନକୁ ଯାଇ କାର୍ଯ୍ୟରେ ବାଧା ଦେଇଥିଲେ। ଶେଷରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

ଏହାପରେ ସଂସଦ ବାହାରେ ବିରୋଧୀ ସଭ୍ୟମାନେ ପ୍ଲାକାର୍ଡ ଧରି ସରକାର ଓ ନିର୍ବାଚନ କମିସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଦୀର୍ଘ ସମୟ ଧରି ଧାରଣା ଦେଇଥିବା ଦେଖାଯାଇଥିଲା। ଇତିମଧ୍ୟରେ ଜଣାପଡ଼ିଛି ଯେ ସରକାର ବିହାର ପ୍ରସଙ୍ଗରେ ଆଲୋଚନା କରିବାକୁ ନାରାଜ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ବିହାରରେ ଭୋଟର ତାଲିକା ସଂଶୋଧନ ଦାୟିତ୍ୱ ହେଉଛି ନିର୍ବାଚନ କମିସନଙ୍କର। ଏହି କାମରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିପାରିବେ ନାହିଁ।

### ଭାରତୀୟଙ୍କୁ ଚାକିରି...

ଯୋଗୁଁ ଅନେକ ଆମେରିକୀୟ ଅବହେଳିତ ଅନୁଭବ କରୁଛନ୍ତି। ରାଷ୍ଟ୍ରପତି ଦାବି କରିଛନ୍ତି ଯେ କିଛି ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତା ବ୍ୟବହାର କରି ଲାଭ କରିଛନ୍ତି। କିନ୍ତୁ, ଦେଶ ବାହାରେ ବହୁ ପରିମାଣରେ ନିବେଶ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ତିନୋଟି ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମଧ ସ୍ୱାକ୍ଷର କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଆମେରିକାରେ ଏଆଇ ବିକାଶକୁ ପ୍ରୋତ୍ସାହିତ କରିବା। ଏହାସହିତ, ଏଆଇ ଉପକରଣଗୁଡ଼ିକୁ ରାଜନୈତିକ ଭାବରେ ନିରପେକ୍ଷ କରିବା। ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକୁ ବିଦେଶରେ, ବିଶେଷକରି ଭାରତରେ ଚାକିରି ନ ଦେବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ତାଙ୍କର 'ଆମେରିକା ପ୍ରଥମ' ନୀତିର ଏକ ବିସ୍ତାର। ଏହା ଭାରତର ଆଇଟି କ୍ଷେତ୍ର ଏବଂ ବୃତ୍ତିଗତମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଟ୍ରମ୍ପଙ୍କ ଏହି ଆଦେଶ ଭାରତୀୟ ଆଇଟି ଏବଂ ଆଉଟସୋର୍ସିଂ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ। ଅପରପକ୍ଷେ ଭାରତୀୟ ଆଇଟି କ୍ଷେତ୍ରର ଏକ ବଡ଼ ଅଂଶ ଆମେରିକୀୟ ବଜାର ଉପରେ ନିର୍ଭରଶୀଳ। ଯଦି ଆମେରିକୀୟ କମ୍ପାନୀଗୁଡ଼ିକ ଭାରତରେ କମ୍ ନିଯୁକ୍ତି ଦିଅନ୍ତି, ତେବେ ନୂତନ ନିଯୁକ୍ତି ହ୍ରାସ ପାଇପାରେ। ଫ୍ରେଶର୍ସ ଏବଂ ପ୍ରବେଶ-ସ୍ତରୀୟ (ଏଣ୍ଟ୍ରି ଲେବଲ) ଚାକିରି ବିପଦରେ ପଡ଼ିପାରେ। କ୍ୟାମ୍ପସ୍ ପ୍ଲେସମେଣ୍ଟ ଏବଂ ଇଣ୍ଟର୍ନସିପ୍ ଅଫରରେ ବିଳମ୍ବ ହେବାର ସମ୍ଭାବନା ଅଛି। ନାସ୍‌କମ୍ ଆକଳନ ଅନୁଯାୟୀ, ଯଦି ଆମେରିକୀୟ ଆଉଟସୋର୍ସିଂରେ ୧୦-୧୫% ହ୍ରାସ ହୁଏ, ତେବେ ଆଗାମୀ ଦୁଇ ବର୍ଷ ମଧରେ ଭାରତରେ ୫ ଲକ୍ଷରୁ ଅଧିକ ଲୋକ ଚାକିରି ହରାଇପାରନ୍ତି।

ଟ୍ରମ୍ପଙ୍କ ଅନୁସାରେ, କିଛି ବଡ଼ ଟେକ୍ କମ୍ପାନୀ ଆମେରିକାର ସ୍ୱାଧୀନତାର ଫାଇଦା ଉଠାଇଛନ୍ତି। ସେମାନେ ଚୀନରେ କାରଖାନା ନିର୍ମାଣ କଲେ, ଭାରତୀୟ ଶ୍ରମିକଙ୍କୁ ଚାକିରି ଦେଲେ। ଆୟାରଲ୍ୟାଣ୍ଡରେ ସେମାନଙ୍କର ଲାଭ ଲୁଚାଇଦେଲେ। ଟ୍ରମ୍ପ କହିଛନ୍ତି, 'ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଧୀନରେ ସେହି ଦିନ ଏବେ ଶେଷ।' ସେ ଏହା ମଧ କହିଥିଲେ ଯେ ଏଆଇ ଦୌଡ଼ ଜିତିବା ପାଇଁ, ସିଲିକନ ଭ୍ୟାଲି ଏବଂ ବାହାରେ ଦେଶପ୍ରେମର ଏକ ନୂତନ ଭାବନା ଏବଂ ଜାତୀୟ ନିଷ୍ଠାର ଆବଶ୍ୟକତା ପଡ଼ିବ। ସେ ଆମେରିକୀୟ କମ୍ପାନୀଗୁଡ଼ିକୁ ଆମେରିକାକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରିଛନ୍ତି। ଟ୍ରମ୍ପଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ହେଉଛି ସେହି କମ୍ପାନୀଗୁଡ଼ିକ ପାଇଁ ଯେଉଁମାନେ ଏଆଇ ବିକାଶ ପାଇଁ ଫେଡେରାଲ୍ ପାଣ୍ଠି ପାଆନ୍ତି। ଏହି କମ୍ପାନୀଗୁଡ଼ିକୁ ଏବେ ରାଜନୈତିକ ଭାବରେ ନିରପେକ୍ଷ ଏଆଇ ଉପକରଣ ତିଆରି କରିବାକୁ ପଡିବ। ଏହି ନୂତନ ନିୟମଗୁଡ଼ିକ ସରକାରୀ ଏଜେନ୍ସିଗୁଡ଼ିକ ଦ୍ୱାରା ବ୍ୟବହୃତ ଏଆଇ ସିଷ୍ଟମଗୁଡ଼ିକରେ ମଧ ପ୍ରଯୁଜ୍ୟ ହେବ।

### ଦୁଷ୍କର୍ମପୀଡ଼ିତା ନାବାଳିକା...

ଉପରେ ଗ୍ରାମର ଦୁଇ ଭାଇଙ୍କ ଖରାପ ନଜର ଥିଲା। ସେମାନେ ନାବାଳିକାକୁ ଦୁଷ୍କର୍ମ କରିଛନ୍ତି। ଫଳରେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହୋଇଥିବା ନେଇ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୁଲିସ୍ ଅଭିଯୁକ୍ତ ଦୁଇ ଭାଇ ଭାଗ୍ୟଧର ଦାସ ଓ ଗୁଲିଆ ଦାସଙ୍କୁ ଗିରଫ କରି ତନାଘନା ଚଳାଇଛି। ଏହାସହ ନାବାଳିକାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କର ମଧ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଛି। ତେବେ, ଏହି ଘଟଣାରେ କେବଳ ଏହି ଦୁଇ ଭାଇ ସମ୍ପୃକ୍ତ ନା ଆଉ କିଏ ଅଛନ୍ତି, ପୁଲିସ ତଦନ୍ତ ଚଳାଇଛି।

### ବିକ୍ରିହେବ ୮...

ସେହିପରି କେନ୍ଦ୍ର ସରକାର ୫ଟି ବ୍ୟାଙ୍କରେ ନିଜର ଅଂଶଧନ ହ୍ରାସ କରିବାକୁ ବିଚାର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ସୁଦ୍ଧା ଆଇଡିବିଆଇ ବ୍ୟାଙ୍କ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି), ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କରୁ ମଧ ସରକାର ନିଜର ଅଂଶଧନ ପ୍ରତ୍ୟାହାର କରିବେ ବୋଲି ସୂଚନା ମିଳିଛି। ଏହି ବ୍ୟାଙ୍କଗୁଡ଼ିକରୁ ସରକାରୀ ଅଂଶଧନ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯିବ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଓ ଏଲ୍‌ଆଇସିକୁ ୫୦,୦୦୦ କୋଟି ଟଙ୍କା ମିଳିବ। ଏହି ବ୍ୟାଙ୍କରେ ସରକାର ଓ ଏଲ୍‌ଆଇସିର ମୋଟ ୯୪ ପ୍ରତିଶତ ଅଂଶଧନ ରହିଛି। ଏବେ ଆଇଡିବିଆଇ ବ୍ୟାଙ୍କରୁ ସରକାର ନିଜର ୬୦.୭୨ ପ୍ରତିଶତ ଅଂଶଧନ ବିକ୍ରି କରିବେ। ସରକାର ବର୍ତ୍ତମାନ ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ଚୂଡ଼ାନ୍ତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଫେୟାରଫ୍ୟାକ୍ସ ଇଣ୍ଡିଆ ହୋଲ୍ଡିଂସ୍, ଏମିରେଟ୍ସ ଏନ୍‌ବିଡି ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏହି ବ୍ୟାଙ୍କକୁ କ୍ରୟ କରିବାକୁ ଆଶାବାଦୀ ଅଛନ୍ତି ବୋଲି କୁହାଯାଉଛି।

### ଠିକାଦାରଙ୍କୁ ଥାନା...

ବଦଳରେ ଦିନ ଗଡ଼ାଇ ଚାଲିଥିଲେ। ତେଣୁ ସେମାନେ ପୁଣିଥରେ ସୁନୀଲଙ୍କୁ ଅପହରଣ କରି ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ। ତଦନୁଯାୟୀ, ସୁନୀଲ ଆଜି କେନ୍ଦ୍ରାପଡ଼ା ଟାଉନ୍ ଥାନା ନିକଟରେ ଥିବା ନୂଆ ଘରକୁ ଭୋଜି କରିବା ପାଇଁ ଆସିଥିବା ବେଳେ ୮/୧୦ ଜଣ ଯୁବକ ତାଙ୍କୁ ଏକ କଳା କାର୍‌ରେ ଅପହରଣ କରିନେଇଥିଲେ। ଏହା ଦେଖି ରଶ୍ମିତା ତୁରନ୍ତ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ରଶ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି।


OFFICE OF THE MUNICIPAL COUNCIL: KEONJHARGARH C-740
email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-12/2025-26
Letter No. 5281/KGM/Date 23.07.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Civil Work & Electrical Work.**
2- No of Work- 14 **Nos**
3-Value of works: Rs. **4,65,877 /- to 38,10,600/-**
4-Date & Time of availability of Bid document in the portal:
From. **25.07.2025** at 11.00 A.M. up to **05.08.2025** at 5.30 P.M.
5-Date of Opening of bid in portal. **06.08.2025** at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality
Further details can be seen from Website: www.tendersorissa.gov.in

Executive Officer
Keonjhargarh Municipality
OIPR-13115/11/0044/2526

OFFICE OF THE PANCHAYAT SAMITI: RAMNAGUDA i-236
DIST- RAYAGADA
INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- RAM No. 01 of 2025-26

1) The Block Development Officer, Ramnaguda, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) Estimated Cost: Rs.12.28 lakhs to Rs.15.52 lakhs
3) No. of works: 06(Six) No.
4) Cost of Tender paper: Rs. 6000/-(Rupees Six Thousand)only for each work
5) Class of Contractor: " D & C" Class
6) Date of Time of available in web site & receipt online: 11:00 Hrs. of 28.07.2025 to 17.00 Hrs. of 11.08.2025
7) Date of opening of Technical Bid: 11:30 Hrs. of 13.08.2025
8) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
9) Any Corrigendum/Addendum will be displayed in the website https://tendersodisha.gov.in only

Block Development Officer
Ramnaguda
OIPR-19043/11/0003/2526

GOVERNMENT OF ODISHA O-478
OFFICE OF THE EXECUTIVE ENGINEER,
RWS&S DIVISION, MALKANGIRI
E-mail - eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING
Bid Identification No: RWSS_MKG_ONLINE_02/2025-26 DATED: - 21.07.2025

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways/ Registered Firm for the works detailed in the table below to be eventually drawn up in P-1 contract.

1 Name of the Work: Supply, installation, testing and commissioning of Solar energy based PWS with 5000 litter capacity HDPE storage tank with a staging height of 3 mts including 5 years O&M at different Schools & AWC in Malkangiri District (As detailed in TCN)
2 No. of Works: **07 Nos.**
3 Estimated Cost: **₹.20.39 Lakhs to ₹.30.59 Lakhs**
4 Tender Paper Cost: ₹.6000/- each
5 Class of Contractor: C / B / Registered Firm
6 Period of Completion: 03 (Three) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Malkangiri | RWSS_MKG_ONLINE_02 of 2025-26 | 28.07.2025 at 09.00 Hours | 06.08.2025 up to 17.00 Hours | 04.08.2025 | 07.08.2025 At 11.00 Hours |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Superintending Engineer
RWS&S Division, Malkangiri
OIPR-25044/11/0017/2526

AFFIDAVIT
By virtue of an affidavit sworn before Executive Magistrate, Gop, dated 21/07/2025, I Sanjay Kumar Sahoo, At- Kharagaon, Po-Junei, Ps- Konark, Dist- Puri, Pin- 752111 declare that, I have changed the name of my son from Sahikrishana Sahoo to Sai Krishna Sahoo. Henceforth, he shall be known as **Sai Krishna Sahoo** for all purposes.
**Sd/- Sanjay Kumar Sahoo**

AFFIDAVIT
By virtue of an affidavit sworn before Executive Magistrate, Khordha dated 24.07.2025, I, Kulsan Begum Kulsan Begum (42 years), W/o- Besarat Khan of Vill.- Dibyasingh Prasad, PO.- Kerang, PS/Dist.- Khordha, Aadhaar No. 5582 8596 7251 declare that, I have changed my name from **Gulshan Bibi** to **Kulsan Begam**. Henceforth I shall be known as **Kulsan Begum** for all purposes.

AFFIDAVIT
By virtue of an affidavit No.2054, Dtd.03.06.2025 sworn before the Executive Magistrate, Bhogarai I, Ranjan Behera, S/o. Late Bikram Behera, At. Kulida, Po. Madhupur, Ps. Kamarda, Dist. Balasore, Odisha, declare that unfortunately my son name spelling as Depak Kumar Behera instead of correct spelling Dipak Kumar Behera in his Adhar card no. 907042290286. Henceforth, he will be known as **Dipak Kumar Behera** for all purposes.

AFFIDAVIT
I, Rama Murmu, S/o- Late Hambhir Murmu, resident of Village- Sikarghati, Po- Rajabasa, Ps-Baripada Sadar, Dist-Mayurbhanj, Pin-757107, Odisha, declare by this affidavit No.4395 Dated 21.07.2025 that now onwards I, shall be known as Rama Murmu for all future purposes.
**Rama Murmu**

AFFIDAVIT
By virtue of an affidavit Sl. No. 378, dtd. 24.06.2025 before the Notary, Bhubaneswar, I, Bijoy Kumar Beura resident of At/Po- Kusupangi, Ps-Dampara, Dist,-Cuttack, Pin-754007, Odisha I have changed my name from Bijay Kumar Beura to Bijoy Kumar Beura for all purposes.
**Sd/- Bijoy Kumar Beura**

AFFIDAVIT
**I, Akhila Kumar Dash, S/o- Laxmidhar Das, aged about 54 years, resident of AT/PO- Nuagarh, Dist- Dhenkanal, Pin- 759016, Odisha, is declared by Affidavit No-221, dated- 23.07.2025 before Notary Public Bhubaneswar, that onwards I shall be known as Akhila Kumar Das for all purposes.**
**Sd- Akhila Kumar Das**

AFFIDAVIT
By virtue of an affidavit No. 1457/25, dtd. 23.07.2025 before the Executive Magistrate, Malkangiri, I, Nanda Madkami, have changed my minor daughter's name from Saberi Madkami to Sunita Madkami. Henceforth she will be known as Sunita Madkami for all purposes.
**Sd/- Nanda Madkami**

AFFIDAVIT
By virtue of an affidavit Sl. No. 379, dtd. 24.06.2025 before the Notary, Bhubaneswar, I, Dhiren kumar Nayak Resident of At-Karnadandi, Po-Mangalpur, Ps-Dasarathpur, Dist-Jajpur, Pin-755011, Odisha have changed my name from Diran Kumar Nayak to Dhiren Kumar Nayak for all purposes.
**Sd/- Dhiren Kumar Nayak**

AFFIDAVIT
By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar, I Srabana Kumar Naik Resident of At-Ganikumpa, Po-Podasahi, Ps- Banigochha, Dist-Nayagarh, Pin-752089, Odisha I have changed my name from Mana Sahu to Srabana Kumar Naik for all purposes.
**Sd/- Srabana Kumar Naik**

AFFIDAVIT
I, Shaikh Sahebjan Uddin, aged about 42 years, S/o- Nazir Uddin Shaikh. resident of Village- Biritol, PO- Rasulpur, Via- Naliber, PS- Tirtol, Dist- Jagatsinghpur, PIN- 754104, Odisha declared by this affidavit No. 1125, dtd- 18/07/2025 that now onwards I shall be known as **SK SAHEBJAN UDDIN,** S/o - SK Najir Uddin for all future purposes.

AFFIDAVIT
I Amulya Barik, S/o-Kameswar Barik of Village/Po-Geltua, Ps-Bhadrak(R), Dist-Bhadrak, Odisha, Pin-756181, declare by this affidavit No.7081 dt.16.07.2025 that now onwards my daughter name wrongly mentioned as Aadhar card bearing No.3937 8047 9501 "Mamuni Barik". I shall be known as "Smruti Swagatika Barik" of Village-Geltua, Po-Geltua, Ps-Bhadrak(R), Dist-Bhadrak, Pin-756181 for all future purposes.

AFFIDAVIT
By virtue of an affidavit Sl. No. 780, dtd. 24.06.2025 before the Notary, Bhubaneswar, I Brajabandhu Das Resident of At/Po- Badaninigoan Ps.Balanga, Dist.- Puri, Pin-752121, Odisha have changed my name from Khuka Das to Brajabandhu Das for all purposes.
**Sd/- Brajabandhu Das**

NOTICE FOR MINOR
By virtue of an affidavit sworn before Executive Magistrate, Bhadrak, affidavit No - 5786, Dated - 06.06.2025, I, Sudam Bhuin, Vill - Jalanga (Canal Road), Po - Jalanga, Ps - Bhadrak (R), Dist - Bhadrak, Pin -756181 declare that I have Changed the name of my daughter from Sukanya Bhuin to SUSHREE SUKANYA. Henceforth, She shall be known as **SUSHREE SUKANYA** for all purpose.
**Sudam Bhuin**

AFFIDAVIT
By virtue of an affidavit sworn before the Executive Magistrate Bhubaneswar, dtd. 04/03/2025, I Pradosha Kumar Swain, S/o Pramoda Kumar Swain, resident of At/Po.-Rajas, PS- Balipatana, Dist.- Khordha, Odisha-752114 declare that I have changed my name from **Pradosh Kumar Swain to Pradosha Kumar Swain.** Henceforth I shall be known as **Pradosha Kumar Swain** for all purposes.
**Pradosha Kumar Swain**

AFFIDAVIT
By virtue of an affidavit No.2685, Dtd.22.07.2025 sworn before the Executive Magistrate, Bhogarai I, Jainur Bibi, W/o. Sk. Khursed , At. Panisandha, Po. Sukhasandha Patna, Ps. Bhogarai, Dist. Balasore, Odisha, declare that unfortunately my son name spelling as Sk Kaiyan instead of correct spelling Sekh Kaiyan in his Adhar card no. 363196317164. Henceforth, he will be known as **Sekh Kaiyan** for all purposes.

AFFIDAVIT
I, Amit Mishra, H/o Lipika Dewangan, Resident of Plot No.: 3257/1, Chakeisihani, PO.: Rasulgarh, P.S.: Mancheswar, Dist.: Khorda, Bhubaneswar, Odisha, PIN-751010, declare by this affidavit No.: 1407 dated 23.07.2025 that now onwards I shall be known as **AMIT KUMAR MISHRA** for all future purposes.

AFFIDAVIT
By virtue of an affidavit before The Executive Magistrate, Titilagarh, on dated- 23/07/2025. I, **Pinki Jal @ Tandi,** W/o Jugal Jal, D/o Late Pada Tandi, Permanent resident of At- Kumuda, P.O. Sihini, P.S. Titilagarh, Dist- Balangir, (Odisha), PIN- 767066, current residing of Village- Railway Colony, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor son's name from **Amit Jal** (old name) to **Rajesh Jal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rajesh Jal** (new name).

AFFIDAVIT
By virtue of an affidavit No. 8032, dtd. 21.07.2025 before the Notary Public, Malkangiri, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
**Sd/- Surendra Harijan**

AFFIDAVIT
I Aischarya Rajlaxmi Mahananda (40), residence of Mandal,ps.Belpara Dist.Balangir,hereby declare that I have changed my name from **Aischarya Rajlaxmi Mahananda** to **Aischarya Rajlaxmi Nanda** vide affidavit no.2375 dated 21.07.2025 before Executive Magistrate Balangir. Hence i will known as **Aischarya Rajlaxmi Nanda** for all purposes.

AFFIDAVIT
By virtue of an affidavit before the Notary Public, Jeypore, Koraput, I, SWARNALATA BEHERA, W/o- Late Niladri Panigrahy, resident of Post Office Road, Po/ PS / Dt- Koraput, Odisha -764 020, Odisha declare by this Affidavit No.3323, Dated - 23/07/2025, that now onwards I shall be known as **SWARNALATA PANIGRAHI** for all future purpose.

AFFIDAVIT
By virtue of an affidavit sworn before Notary Public, Bhubaneswar on Dt-23/07/2025 I, mahalaxmi Madil,W/o- Narasingh Madil, At- Tulasi Basti, Near Delta UP School, Unit-8, Baramunda Colony PO- Baramunda, PS-Khandagiri, Bhubanewswar, Dist.- Khordha, Pin- 751003 declare that I have changed my minor daughter's name from Madil Sakshi to M Sai Vaishnavi. Henceforth, she will be known as **M SAI VAISHNAVI** for all purposes.
**MAHALAXMI MADIL**

AFFIDAVIT
I, Prahallad Nayak, aged about 50 years, S/o- Late Jhulan Nayak, resident of At- Udayapatana, Po- Sankhachila, Ps- Panikoili, Dist- Jajpur, Pin- 755015, Odisha declare by this affidavit No. 1437, dtd- 24/07/2025, that now onwards I shall be known as **PRAHALAD NAYAK** for all future purposes.

AFFIDAVIT
**I, Diptirekha Dash, D/o- Hrudananda Singha Samanta, W/o- Akhila Kumar Das, aged about 52 years, resident of AT/PO- Nuagarh, Dist- Dhenkanal, Pin- 759016, Odisha, is declared by Affidavit No-222, dated- 24.07.2025 before Notary Public Bhubaneswar, that onwards I shall be known as Diptirekha Das for all purposes.**
**Sd- Diptirekha Das**

AFFIDAVIT
By virtue of an affidavit sworn before The Executive Magistrate, Padampur, on dated- 24/07/2025. I, **Rupadhar Bag,** S/o- Kadam Bag, permanent & current resident of At- Menakamunda, Po- Chhindeikela, Dist- Bargarh, PIN- 768050, Odisha declare that I have changed my minor son's name from **Khageswar Bag** (old name) To **Khudaraj Bag** (new name). Henceforth, he shall be known as **Khudaraj Bag** (new name) for all future purposes.
**Rupadhar Bag**

AFFIDAVIT
By virtue of an affidavit No-4798 sworn before the Executive Magistrate, Champua on dated-21/07/2025. I, **Radhika Mahakud** (new name), Address: Vill/Po- Kandara, PS - Joda, Dist- Keonjhar, PIN- 758047, Odisha declare that I have changed my name from **Pramila Mahakud** (old name) To **Radhika Mahakud** (new name). Henceforth, I shall be known as **Radhika Mahakud** (new name) for all future purposes.
**Radhika Mahakud**

AFFIDAVIT
By virtue of an affidavit before the Notary Public, Jeypore, Koraput, I GULAB CHAND JAIN, S/o- BABULAL JAIN resident of Main Road, Po/Ps/Dt- Malkangiri , Odisha - 764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as **GULAB JAIN** for all future purpose.

## ରାତିଅଧରେ କବାଟ ବାଡ଼ାଉଥିବା ଯୁବକଙ୍କୁ ଗଛରେ ବାନ୍ଧି ମାଡ଼



ରାଜନଗର, ୨୪।୭ (ସମିସ): ରାଜନଗରରେ ଲଗାତର ଚୋରି ମୁଣ୍ଡବ୍ୟଥାର କାରଣ ହୋଇଛି। ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗତକାଲି ରାତିରେ ଦୁର୍ବୃତ୍ତ ବନବିହାରୀପୁର ପ୍ରାଥମିକ ବିଦ୍ୟାଳୟରେ କଳାକନା ବୁଲାଇଥିବାବେଳେ ବିଳମ୍ବିତ ରାତିରେ ଅଚିହ୍ନା ଯୁବକ ଲୋକଙ୍କ କବାଟ ବାଡ଼େଇବାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ଗତକାଲି ରାତି ପ୍ରାୟ ୩ ଘଟିକା ସମୟରେ ଜଣେ ଅଚିହ୍ନା ଯୁବକ କୁରୁଣ୍ଟି ପଞ୍ଚାୟତର ତିଅର ଛକରେ କେତେ ଜଣଙ୍କ ଘର କବାଟ ବାଡେଇଥିଲା। ପରେ ଯୁବକ ଜଣଙ୍କ ହିନ୍ଦୀ, ବଙ୍ଗଳାରେ କଥା ହେଉଥିବାରୁ ଚୋର ସନ୍ଦେହରେ ତିଅର ଛକରେ ଏକ ଗଛରେ ବାନ୍ଧି ନିର୍ଘୁମ ପିଟିଥିଲେ। ମାଡ଼ ଖାଇଥିବା ଯୁବକଙ୍କୁ ବସରେ ବସାଇ ଛାଡିଦେଇଥିବା ଜଣାପଡିଛି।

## ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଉନି ପୁଲିସ

ରାଜନଗର,୨୪।୭ (ସମିସ): ରାଜନଗର ଥାନା ଅନ୍ତର୍ଗତ କେରଡ଼ାଗଡ଼ ଗ୍ରାମର ଗୁରୁକୃଷ୍ଣ ମାଝୀ ୭ ମାସ ପୂର୍ବେ କାମ କରିବାକୁ ବାଲେଶ୍ୱର ଯାଇଥିଲେ। ଯିବାର ମାସେ ପର୍ଯ୍ୟନ୍ତ ସ୍ତ୍ରୀ ସହିତ ଫୋନରେ ଯୋଗାଯୋଗରେ ଥିଲେ। ମାତ୍ର ୬ ମାସ



ହେବ ଗୁରୁକୃଷ୍ଣ ଘର ସହିତ ଯୋଗାଯୋଗ କରି ନ ଥିବା ସ୍ତ୍ରୀ ମୀନା ମାଝି ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ସନ୍ଧାନ ନ ପାଇବାରୁ ଜୁନ ୩୦ ତାରିଖ ଦିନ ସ୍ୱାମୀ ନିଖୋଜ ଥିବା ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏପର୍ଯ୍ୟନ୍ତ ଗୁରୁକୃଷ୍ଣଙ୍କ କୌଣସି ସନ୍ଧାନ ପାଇପାରି ନ ଥିବା ଜଣାପଡିଛି। ଯାହାକୁ ନେଇ ପରିବାରରେ କାନ୍ଦ ବୋବାଳି ଲାଗିରହିଛି। ଗୁରୁକୃଷ୍ଣଙ୍କ ରୋଜଗାରରେ ତାଙ୍କ ପରିବାର ଚଳେ। ପରିବାର କହିଲେ ଘରେ ସ୍ତ୍ରୀ ଓ ୪ ଝିଅ ଅଛନ୍ତି। ଗୁରୁକୃଷ୍ଣ ୬ ମାସ ଧରି କୌଣସି ଖୋଜ ଖବର ନ ପାଇବାରୁ ସ୍ତ୍ରୀ ମୀନା ଦୁଃଖରେ ଭାଙ୍ଗି ପଡିବା ସହ ଭୋକ ଉପବାସରେ ପରିବାର ରହିଛନ୍ତି। ତୁରନ୍ତ ସ୍ୱାମୀଙ୍କୁ ଖୋଜି ଆଣିବାକୁ ଗୁରୁକୃଷ୍ଣଙ୍କ ପତ୍ନୀ ଓ ଝିଅ ପୁଲିସକୁ ନିବେଦନ କରିଛନ୍ତି।

## ବନ୍ୟା ପାଣିରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର



ମାଳିପୁର,୨୪।୭ (ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣା ଗ୍ରାମର ମନୋଜ କୁମାର ଦାଶ ୧୭ ତାରିଖ ଗୁରୁବାର ଦିନଠାରୁ ନିଖୋଜ ଥିବାରୁ ତାଙ୍କ ପରିବାର ଲୋକ ଚିନ୍ତା ଓ ଭୟଭୀତ ଅବସ୍ଥାରେ ଥିଲେ। ମନୋଜ ରାଜନଗର ବଜାରରେ ଥିବା ରାଘବେଶ୍ୱର ହୋଟେଲରେ କାମ କରିଆସୁଥିଲେ। ୧୭ ତାରିଖରେ ମନୋଜ ହୋଟେଲ ମାଲିକଙ୍କୁ ଘରକୁ ଯିବା କଥା କହି ଚାଲି ଆସିଥିଲେ। ସେ ଘରେ ପହଞ୍ଚି ନ ଥିଲେ। ମନୋଜ ନ ଫେରିବାରୁ ତାଙ୍କ ବଡ଼ଭାଇ ରାଜନଗର ଥାନାରେ ଏତଲା ଦେଇଥିଲେ। ଆଜି ସକାଳୁ ବଳଭଦ୍ରପୁର ନିକଟରେ ବନ୍ୟା ଜଳରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ କୂଳକୁ ଆଣିଥିଲେ। ମନୋଜଙ୍କ ବଡଭାଇ ପହଞ୍ଚି ମୃତଦେହ ତାଙ୍କ ଭାଇଙ୍କର ବୋଲି ଚିହ୍ନଟ କରିଥିଲେ। ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିଲା। ପ୍ରାଥମିକ ତଦନ୍ତରୁ ବନ୍ୟା ପାଣିରେ ଭାସିଯାଇ ମନୋଜଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମନୋଜଙ୍କ ମୃତଦେହ ମିଳିବା ପରେ ମନୋଜଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଶାସନ ପକ୍ଷରୁ ବନ୍ୟା ମୃତ୍ୟୁଜନିତ କ୍ଷତିପୂରଣ ମନୋଜଙ୍କ ପରିବାରକୁ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ବନ୍ୟା ବିପନ୍ନଙ୍କୁ କଂଗ୍ରେସ ପକ୍ଷରୁ ସହାୟତା



ଆଳି,୨୪।୭ (ସମିସ): ଆଳି ନିର୍ବାଚନମଣ୍ଡଳୀର ଅଧିକାଂଶ ପଞ୍ଚାୟତ ବନ୍ୟା ପାଣିରେ ବୁଡ଼ି ରହିଥିବାବେଳେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବନ୍ୟା ବିପନ୍ନଙ୍କୁ କଂଗ୍ରେସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ନରେନ୍ଦ୍ରପୁର, ପତ୍ରପୁର, ପଦିନିପାଳ, କଳମଡ଼ା ଶାସନ, ଭୂଇଁପୁର ଜେନା ସାହିରେ ରିଲିଫ୍ ପ୍ରଦାନ କରାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୁବ ନେତା ରାଜେଶ ରାଉତ, ଯୁବ କଂଗ୍ରେସ ସଭାପତି ରାଜମୋହାନ ସ୍ୱାଇଁ, ବିଶ୍ୱଜିତ ତରାଇ, ସୁଶାନ୍ତ ରାଉତ, ପ୍ରକାଶ ଜେନା, ମାନସ ନାୟକ, ସତ୍ୟରଞ୍ଜନ ରାଉତରାୟ, ସଦାଶିବ ନାୟକ, ସ୍ମୃତିରଞ୍ଜନ ପାଢ଼ୀ, ବପ ନାୟକ, କିଶୋର ସାହୁ, ଦୀନବନ୍ଧୁ ସାହୁ, ରାନାପ୍ରାସାଦ ରାଉତ, ବିକନ ନାୟକ, ଅଭି ନାୟକ ପ୍ରମୁଖ ସାମି ଥିଲେ।

## ଅବଦୁଲପୁର ପଞ୍ଚାୟତ: କାଦୁଅ ରାସ୍ତା ଯୋଗୁଁ ୫ ପରିବାର ହନ୍ତସନ୍ତ

ରାଜକନିକ,୨୪।୭ (ସମିସ)

ବର୍ଷା ହେଲେ କଥା ସରିଲା। କାଦୁଅ ପଚ ପଚ୍ ରାସ୍ତାରେ ଗୃହବନ୍ଦୀ ହେଉଛନ୍ତି ଲୋକେ। ବୃଦ୍ଧବୃଦ୍ଧା, ମହିଳା, ଛାତ୍ରାଛାତ୍ରୀ ହୁଅନ୍ତୁ କି ଯୁବକ, ସମସ୍ତେ ଘରେ ବନ୍ଦୀ ଜୀବନ କାଟୁଛନ୍ତି। ପକ୍କା ସଡ଼କ ନ ଥିବାରୁ ୩୫ ବର୍ଷ ଧରି ଏଭଳି ଜୀବନ ନିର୍ବାହ କରୁଛନ୍ତି ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ପଞ୍ଚାୟତର ୧୦ ନମ୍ବର ୱାର୍ଡବାସୀ। ଏଭଳି ବିକଳ ଦୃଶ୍ୟ ଆଜିର ସଭ୍ୟ ସମାଜରେ ବିରଳ ଲାଗୁଥିଲେ ବି କଥାଟି ସତ୍ୟ।

ଅବଦୁଲପୁର ପଞ୍ଚାୟତର ୧୦ ନମ୍ବର ୱାର୍ଡର ୫ରୁ ଅଧିକ ପରିବାର ଦୀର୍ଘଦିନ ଧରି ଏଠାରେ ବସବାସ କରୁଛନ୍ତି। ଘରୁ ପଦାକୁ ଗୋଡ କାଢିଲେ ମାଟି କାଦୁଅ ରାସ୍ତା। ଗ୍ରାମବାସୀ ଏଠାରେ ପକ୍କା ସଡ଼କ ନିମନ୍ତେ ପଞ୍ଚାୟତ ପ୍ରଶାସନ ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ପରେ ବି କେହି ଶୁଣୁନାହାନ୍ତି। ଏମିତିକି ଜନପ୍ରତିନିଧିଙ୍କୁ ଏ ସମ୍ପର୍କରେ ଅବଗତ କଲା ପରେ ବି ସବୁ ଯେମିତି ନିଦାବିଷ୍ଟ ସାଜିଛନ୍ତି। ଭୋଟ ସମୟରେ କେବଳ ପ୍ରତିଶ୍ରୁତି ଦେଇ ଭୋଟ ହାତେଇଛନ୍ତି ସିନା ରାସ୍ତା କରିବାକୁ କାହାର



ଦରଦ ଥିବା ଭଳି ମନେ ହେଉନି। କାଦୁଅ ପଚ ପଚ୍ ରାସ୍ତା ଯୋଗୁ ବିଶେଷଭାବେ ସ୍କୁଲ କଲେଜ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥା'ନ୍ତି। ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି କାଦୁଅ ରାସ୍ତା ଯୋଗୁଁ ଯାଇପାରେନି। ତୁରନ୍ତ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ନଟବର ବାରିକ, ଅରୁଣ ଦାସ, ପ୍ରମୋଦ ଦାସ, ଶ୍ରୀକାନ୍ତ ଦାସ, ବାବୁ ଜେନା, ଚକ୍ରଧର ବାରିକ, ଅଶୋକ ସାହୁ, ଅଲିଆ ଜେନା, ଅଭିନାଶ ବାରିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ବାର୍ ଆସୋସିଏସନ ସଭାଗୃହକୁ ସ୍ଥାନାନ୍ତର ହେବ ସବ୍‌ରେଜିଷ୍ଟ୍ରାର ଅଫିସ୍



ଆଳି,୨୪।୭ (ସମିସ)

ଆଳି ତହସିଲ ପରିସରରେ ଥିବା ଆଳି ସବ୍‌ରେଜିଷ୍ଟ୍ରାର ଅଫିସ ତଥା ବିବାହ ପଞ୍ଜୀକରଣ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ଏହାକୁ ଆଳି ବାର୍ ଆସୋସିଏସନ ସଭାଗୃହକୁ ଅସ୍ଥାୟୀ ରୂପେ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ହୋଇଛି। ଆଳି ବାର୍ ଆସୋସିଏସନ ପକ୍ଷରୁ ପୂର୍ବରୁ ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲରେ ଥିବା ଉପନିବନ୍ଧକ ଓ ବିବାହ ପଞ୍ଜୀକରଣ କାର୍ଯ୍ୟାଳୟ ଦୀର୍ଘବର୍ଷ ଧରି ଭଙ୍ଗା ଘରେ ବିପଦପୂର୍ଣ୍ଣ ଭାବେ ଚାଲିଛି। କେଉଁଠି ଘରର ଛାତରୁ ରଡ୍ ଦେଖାଗଲାଣି ତ କେଉଁଠି ଛାତରୁ ପ୍ଲାଷ୍ଟର ଖସିଲାଣି। କେଉଁଠି କାନ୍ଥ ଫାଟି ଆଁ କଲାଣି। ଏହି ବିପଦପୂର୍ଣ୍ଣ ଘରେ ଅଫିସ ଚାଲିଛି। ବର୍ଷା ହେଲେ ଛାତରୁ ପାଣି ଗଡି କାଗଜପତ୍ର ଓଦା ହୋଇ ନଷ୍ଟ ହେବାକୁ ବସିଲାଣି ତ କେତେବେଳେ ଛାତ ଭୁଶୁଡି ପଡିବ, ତାହା କହି ହେବନାହିଁ। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ଜୋର ଧରିଥିଲା। ସରକାର ମେଣ୍ଢପୁର ପଞ୍ଚାୟତର ଗୋପ ନିକଟ ମାଣିଖଣ୍ଡକୁ ସ୍ଥାନାନ୍ତର କରିବାକୁ ବିଚାର କରୁଥିବାବେଳେ ଆଳି ବାର୍ ଆସୋସିଏସନ ଏହାକୁ ତହସିଲ ପରିସରରେ ରଖିବାକୁ ଚେଷ୍ଟା ଜାରି ରଖିଥିଲେ। ଏହି କାର୍ଯ୍ୟାଳୟ ତହସିଲ ପରିସରରେ ସ୍ଥାପନ କରାଯାଇଥିଲା। ଫଳରେ ଗୋଟିଏ ସ୍ଥାନରେ ସବୁପ୍ରକାରର ସୁବିଧା ଲୋକମାନେ ପାଇପାରୁଥିଲେ। ଏହି କାର୍ଯ୍ୟାଳୟର ନୂତନ ଅଫିସ ହେବା ପର୍ଯ୍ୟନ୍ତ ଏହାକୁ ପୂର୍ବଭଳି ତହସିଲ ପରିସର ମଧ୍ୟରେ ଆଳି ବାର ଆସୋସିଏସନ ସଭାଗୃହରେ ଚାଲୁ ରଖିବା ପାଇଁ ପୂର୍ବ ନିଷ୍ପତ୍ତି କ୍ରମେ ଆଜି ଏକ ଅଧିବେଶନ କରାଯାଇ ନିଷ୍ପତ୍ତି ପତ୍ରକୁ ଆଳି ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି।

## ଗହଗା-ବସପୁର କେନାଲ୍ ବନ୍ଧ ରାସ୍ତା ମରଣଯନ୍ତା

ଡେରାବିଶ, ୨୪।୭ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଦାନପୁର ପଞ୍ଚାୟତର ଗହଗାଠାରୁ ବାହାରିଥିବା ମାର୍ଶାଘାଇ କେନାଲର ବାମପାର୍ଶ୍ୱ ବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି ଦୀର୍ଘ ବର୍ଷ ପୂର୍ବରୁ ପିଚୁ କରାଯାଇଥିଲା। ଏହି ବନ୍ଧ ଦେଇ ଲୁଣାନଦୀର ବିଭିନ୍ନ



ବାଲିଘାଟରୁ ବାଲି ପରିବହନ ହେବା ଦ୍ୱାରା ରାସ୍ତାଟି ଏବେ ଖାଲଖମାରେ ପରିଣତ ହୋଇଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଏହି ରାସ୍ତାରେ ଚାରିଚକିଆ ଗାଡ଼ି ଯିବା ତ ଦୂରର କଥା, ଦୁଇଚକିଆ ଯାନ ଯିବା ପାଇଁ କଷ୍ଟ ହେଉଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ବସପୁର, ଅଟାବୁହା, ନରହରିପୁର ଇତ୍ୟାଦି ଗ୍ରାମର ଲୋକେ ବ୍ୟବହାର କରୁଥିବାବେଳେ ସ୍ଥାନୀୟ ଦାନପୁର, ରତାଦିଆ ଓ ବସପୁର ପଞ୍ଚାୟତର ଲୋକେ ସେମାନଙ୍କ ଚାଷଜମିକୁ ଯାତାୟାତ କରନ୍ତି। ଉତ୍ପାଦିତ ଫସଲ ନେବା ଆଣିବା ପାଇଁ ବ୍ୟବହାର କରିଥା'ନ୍ତି। ଏହି ରାସ୍ତାର ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୭ ଦିନରେ ୫ଟି ସ୍ଥାନରେ ଚୋରି

ରାଜନଗର, ୨୪।୭ (ସମିସ): ରାଜନଗର ଥାନା ଅଞ୍ଚଳରେ ଚୋରି ପୁଲିସ ପାଇଁ ମୁଣ୍ଡବ୍ୟଥର କାରଣ ପାଲଟିଛି। ଗତ ୧୭ ଦିନ ମଧ୍ୟରେ ପାଞ୍ଚଟି ସ୍ଥାନରେ ଚୋରି ହୋଇଛି। ଗତକାଲି ରାତିରେ ପୁଣି ବନବିହାରୀପୁର ପ୍ରାଥମିକ ବିଦ୍ୟାଳୟରୁ ଚୋର ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ସ୍ଥାନୀୟ ଲୋକେ ଚୋରଙ୍କ ଫଟୋ ସହିତ ସେମାନେ ବ୍ୟବହାର କରୁଥିବା ବାଇକ୍‌ର ଫଟୋ ପୁଲିସକୁ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳ ରାଜନଗର ଥାନାରେ ଦେଇଥିବା ଏତଲା ମୁତାବକ ଗତକାଲି ରାତିରେ ଜୟ ବଜରଙ୍ଗ ଦଳର କିଛି ଯୁବକ ଓ ବନବିହାରୀପୁର ଗାଁର ଯୁବକ ହନୁମାନ ମନ୍ଦିରରେ ବସିଥିଲେ। ରାତି ପ୍ରାୟ ୧ଟା ୩୦ରେ ଦୁଇଟି ବାଇକରେ ଦୁଇଜଣ ଯୁବକ ଯିବା ଆସିବା କରୁଥିଲେ। ସେମାନଙ୍କ ସନ୍ଦେହ ହେବାରୁ ସେମାନେ ଦୁଇଟି ବାଇକକୁ ଅଟକାଇ ସେମାନଙ୍କ ପରିଚୟ ପଚାରିବା ସହ ସେମାନଙ୍କ ଫଟୋ ଉଠାଇ ରଖିଥିଲେ। ସେମାନଙ୍କ କଥାରେ ତାଳମେଳ ନ ରହିବାରୁ ଦୁଇ ଯୁବକ କରିଥିବା ଶେଷ କଲ ନମ୍ବରକୁ ଫୋନ କରାଇଥିଲେ। ସେମାନେ ଫୋନ ଉଠାଇ ତମେ ଯେଉଁ ସ୍କୁଲରେ ଛାଡିଥିଲ ସେଇଠି ଅଛୁ। ଆଉ ଅଧଘଣ୍ଟା ଲାଗିବ ବୋଲି କହିଥିଲେ। ବଜରଙ୍ଗ ଦଳର ଯୁବକଙ୍କ ସନ୍ଦେହ ହେବାରୁ ସେମାନେ ବିଦ୍ୟାଳୟ ନିକଟରେ ପହଞ୍ଚିବା ବେଳକୁ ସ୍କୁଲ ଭିତରେ ଥିବା ଦୁଇଜଣ ଯୁବକ ଦୌଡି ପଳାଇଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଇଲୋଚନ ତାଡୁଙ୍କଠାରୁ ଖବର ପାଇ ସ୍କୁଲରେ ରାତି ୨ଟା ୩୫ରେ ପ୍ରଧାନଶିକ୍ଷକ ପହଞ୍ଚିଥିଲେ। ବିଦ୍ୟାଳୟର ସମସ୍ତ ରୁମ, ଅଫିସ ଘର, ଗଡରେଜ ତଡା ହୋଇଥିବାବେଳେ ଗଡରେଜରେ ମଧ୍ୟାହ୍ନଭୋଜନ ପାଇଁ ଥିବା ୪୦୦୦ ଟଙ୍କା ନ ଥିଲା। ପାଚେରି ନିକଟରେ ଟିଭି, ଆକ୍ୱାଗାର୍ଡ, ମାଇକ ସେଟ, ଫ୍ୟାନ, ବିଦ୍ୟୁତ ତାର ପଡିଛି। ବିଦ୍ୟାଳୟର କାଗଜପତ୍ର ଏଣେତେଣେ ପଡିଛି, ଆଉ କ'ଣ ଚୋରି ହୋଇଛି ସଂପୂର୍ଣ୍ଣ ତନଖି କଲେ ଜଣାପଡିବ ବୋଲି ପ୍ରଧାନଶିକ୍ଷକ ଏତଲାରେ ଦର୍ଶାଇଛନ୍ତି। ପୁଲିସ ଗତକାଲି ରାତିରେ ଚୋରି ଅଭିଯୋଗ ପାଇଥିଲେ ମଧ୍ୟ ଆଜି ସକାଳ ୮ଟା ବେଳେ ବିଦ୍ୟାଳୟ ନିକଟରେ ସ୍ଥାନୀୟ ଲୋକେ ପହଞ୍ଚିଥିବା ଅଭିଯୋଗ କରିଛନ୍ତି।

## ନଳିନୀକାନ୍ତ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

ରାଜନଗର, ୨୪।୭ (ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏହି ପ୍ରବେଶ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବନୋଜ କୁମାର ପରିଡ଼ା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଉମାକାନ୍ତ ମିଶ୍ର, ତ୍ରୈଲୋଚନ ରାଉତ, ଗିରିଶ କୁମାର ନାୟକ, ଅଧ୍ୟାପିକା ଜ୍ୟୋସ୍ନାବାଳା ଦାଶ, କିଶୋର ଚୌଧୁରୀ, ଚୌଧୁରୀ ଜୟନ୍ତ କୁମାର ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳା ଛାତ୍ରଛାତ୍ରୀଙ୍କ କଲେଜର ପ୍ରଥମ ଦିନରେ ସ୍ୱାଗତ କରାଯାଇଥିଲା।




## କ୍ଷେତ ପାଇଁ ଜହର ପାଲଟିଛି ପ୍ଲାଷ୍ଟିକ


ଡେରାବିଶ, ୨୪।୭ (ସମିସ)



ଲୋକମାନେ ପ୍ଲାଷ୍ଟିକ ଜରି ଓ ଅନ୍ୟାନ୍ୟ ଦ୍ରବ୍ୟ ଡଷ୍ଟବିନ୍‌ରେ ନ ପକାଇ ନଦୀ ଓ ନାଳକୁ ଫିଙ୍ଗି ଦେଉଛନ୍ତି। ଯାହାକି ଚାଷଜମି ପାଇଁ ଜହର ପାଲଟିଛି। ଏହି ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଦ୍ରବ୍ୟ ନଦୀ ଓ ନାଳ ପାଣିରେ ପଡ଼ି ଚାଷଜମିକୁ ଯାଉଛି। ଏହା କ୍ଷେତର ମାଟିରେ ରହି ଫସଲ ଉତ୍ପାଦନ କମାଇବା ସହିତ ମାଟିକୁ ବନ୍ଧ୍ୟା କରିଦେଉଛି। ଏପରିକି ମାଟିତଳେ ପ୍ଲାଷ୍ଟିକର ଆସ୍ତରଣ ସୃଷ୍ଟି ହୋଇ ବର୍ଷା ଜଳକୁ ମାଟି ଭିତରକୁ ଭେଦିବାକୁ ଦେଉନାହିଁ। ଫଳରେ ଧିରେ ଧିରେ ଭୂତଳ ଜଳର ପରିମାଣ ହ୍ରାସ ପାଉଥିବା ପରିବେଶବିତ୍ ମତ ଦେଇଛନ୍ତି। ଏଥିସହିତ ପ୍ଲାଷ୍ଟିକର ପ୍ରଭାବରେ ନଦୀ ନାଳରେ ବିଭିନ୍ନ ସ୍ଥାନରେ ଡ୍ରେନ ଇତ୍ୟାଦି ଜାମ ହୋଇ କୃତ୍ରିମ ବନ୍ୟା କରାଉଛି। ନଦୀ ଓ ନାଳରେ ମାଛ ଏହି ପ୍ଲାଷ୍ଟିକକୁ ଖାଦ୍ୟ ଭାବି ଖାଇଯାଉଛନ୍ତି। ଯଦ୍ୱାରା ମାଛ ଦେହରେ ପ୍ଲାଷ୍ଟିକର କଣିକା ଗଚ୍ଛିତ ହୋଇ ରହୁଛି। ଯେଉଁ ମାଛକୁ ଆମେ ନଦୀ ନାଳରୁ ଧରି ଖାଉଛେ, ତା' ଶରୀରରେ ଥିବା ପ୍ଲାଷ୍ଟିକ ଆମ ଶରୀରକୁ ପ୍ରବେଶ କରି ମାରାତ୍ମକ ରୋଗ ସୃଷ୍ଟି କରୁଛି। ତେଣୁ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିଦେବା ଓ ବ୍ୟବହୃତ ପ୍ଲାଷ୍ଟିକକୁ ନଦୀ ନାଳରେ ନ ପକାଇ ଏହାକୁ ସାଇତି ରଖି ପୁନଃଚକ୍ରଣ କରି କାର୍ଯ୍ୟରେ ଲଗାଇବାକୁ ପରିବେଶବିତ୍ ମାନେ ମତ ପ୍ରକାଶ କରିଛନ୍ତି। ନଚେତ୍ ଆଗାମୀ ଦିନରେ ମନୁଷ୍ୟ ସମାଜ ଏହି ପ୍ଲାଷ୍ଟିକ ରୂପକ ବିଷରେ ଜର୍ଜରିତ ହୋଇ ଧ୍ୱଂସ ପାଇଯିବ।

## ଯୁଗଜ୍ୟୋତି ବିଦ୍ୟାଳୟର ପୁରୁଣାଘର ବିପଦସଂକୁଳ

ପଞ୍ଚୁପାଣ୍ଡବ,୨୪।୭ (ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ନହଙ୍ଗ ଗ୍ରାମରେ ଥିବା ଯୁଗଜ୍ୟୋତି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପୁରୁଣା ଘର ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଏହି ଘରକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରାଯିବାକୁ ଦାବି ହେଉଥିଲେ ହେଁ ବିଭାଗ



ପାଣି ଖାଇ ଦୁର୍ବଳ ହୋଇଯାଇଥିବା ଦେଖିବାକୁ ମିଳୁଛି। ଉକ୍ତ ଭଙ୍ଗା ଘରକୁ ଭାଙ୍ଗିବା ପାଇଁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀ ବେଫିକର୍ ଥିବା ଅଭିଯୋଗ

ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଏହା ନିକଟରେ ଖେଳୁଥିବା ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଯୁଗଜ୍ୟୋତି ବିଦ୍ୟାଳୟ ୧୯୫୧ରେ ସ୍ଥାପିତ ହୋଇଥିବାବେଳେ ଏହାର ପୁରୁଣା ଘର ପ୍ରାୟ ପାଞ୍ଚବର୍ଷ ଧରି ଏହି ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ଏହି ଭଙ୍ଗାଘରର ଟିଣା ଉଡ଼ି ଯାଇଥିବାବେଳେ କାଠ ହେଉଛି। ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଭଙ୍ଗା ଘର ପିଲାଙ୍କ ପାଇଁ ବିପଦ ଥିବାବେଳେ ପ୍ରଶାସନ ଅବହେଳା ପ୍ରଦର୍ଶନ କରୁଛି। ଏହାର ତଦନ୍ତ କରାଯାଇ ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଥିବା ଘରକୁ ତୁରନ୍ତ ଭଙ୍ଗାଯିବା ପାଇଁ ଅଭିଭାବକ ଦାବି କରିଛନ୍ତି।

## ପୋଖରୀର ଭ୍ରମ ସୃଷ୍ଟି କରୁଛି ରେଲୱେ ଓଭରବ୍ରିଜ୍ ତଳ ରାସ୍ତା

ଡେରାବିଶ, ୨୪।୭ (ସମିସ)

ଓଡ଼ିଶାର ଉଚ୍ଚତମ ଦୈତାରୀ-ପାରାଦୀପ ରେଳଲାଇନ୍ ଡେରାବିଶ ବ୍ଲକ୍ ଦେଇଯାଇଛି। ଏହି ରେଳ ଲାଇନ୍ ଯେଉଁଠାରେ ଗ୍ରାମାଞ୍ଚଳ ରାସ୍ତାକୁ ଅତିକ୍ରମ କରିଛି, ସେଠାରେ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ତେବେ ପ୍ରତିବର୍ଷ ଗ୍ରାମାଞ୍ଚଳର ଏହି ରାସ୍ତାର ମରାମତି ଓ ପୁନଃନିର୍ମାଣ ହେବା ଫଳରେ ଏହା ଧିରେ ଧିରେ ଉଚ୍ଚ ହେବାରେ ଲାଗିଛି। ତେବେ ଯେଉଁଠାରେ ରେଲୱେ ଓଭରବ୍ରିଜ୍ ରହିଛି, ତାହା ତଳେ ରାସ୍ତାକୁ ଉଚ୍ଚା କରିହେଉନାହିଁ। ତେଣୁ ରାସ୍ତା ନିର୍ମାଣ କରୁଥିବା ଠିକାଦାର



ଓଭରବ୍ରିଜ୍ ତଳକୁ ଛାଡ଼ି ବାକି ରାସ୍ତାକୁ ନିର୍ମାଣ କରିଦେଉଛନ୍ତି। ଫଳରେ ଏହି ଓଭରବ୍ରିଜ୍ ତଳ ରାସ୍ତାଟି ଏବେ ମୁଖ୍ୟରାସ୍ତା ଠାରୁ ବହୁ ଖାଲ ହୋଇଯିବା ସହିତ ଗାଡ଼ି ଚଳାଚଳ ଫଳରେ ଏହା ନଷ୍ଟ ମଧ୍ୟ ହୋଇଯାଉଛି। ସାମାନ୍ୟ ବର୍ଷାରେ ଏହି ଓଭରବ୍ରିଜ ତଳୁ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଯାହାକି ପୋଖରୀର ଭ୍ରମ ସୃଷ୍ଟି କରିଛି। ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ହଳଦିଆ ନିକଟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାର ହଳଦିଆ ନିକଟରେ ଥିବା ଓଭରବ୍ରିଜ୍ ତଳେ ଦୁଇ ଫୁଟରୁ ଅଧିକ ଉଚ୍ଚତାର ପାଣି ଜମା ହୋଇରହିଛି। ଏହି ସ୍ଥାନରେ ଯଦି କୌଣସି ବାଇକ୍ ଆରୋହୀ ସାମାନ୍ୟ ଅସାବଧାନ ହୁଏ, ତେବେ ଏହି ରାସ୍ତାରେ ପାଣି ଭିତରେ ରହିଥିବା ଖରାପ ରାସ୍ତାରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେବେ। ହଳଦିଆ ଓଭରବ୍ରିଜ ଭଳି ସମାନ ଅବସ୍ଥା ଡେରାବିଶ ବ୍ଲକ୍ ପଞ୍ଚୁପାଣ୍ଡବଠାରୁ ଗୁଆଳସିଂ ଯାଏ ସମସ୍ତ ସ୍ଥାନରେ ରହିଛି। ଯଥାଶୀଘ୍ର ରାସ୍ତା ନିର୍ମାଣ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଓଭରବ୍ରିଜ୍ ତଳେ ଜମିଥିବା ଜଳକୁ ନିଷ୍କାସନ କରାଇବା ବ୍ୟବସ୍ଥା କରିବା ସହିତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ସ୍ୱାମୀ ଶିବ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ମହାସମାଧି ଦିବସ

କେନ୍ଦ୍ରାପଡ଼ା,୨୪।୭ (ସମିସ): ପିଙ୍ଗଳସ୍ଥ ଶିବାନନ୍ଦ ସେବାଶ୍ରମରେ ସ୍ୱାମୀ ଶିବ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ମହାସମାଧି ଦିବସ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ପରମାଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଦିବ୍ୟଜୀବନ



ସଂଘର ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ଓ ଶ୍ରୀମା ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀଧର ରାଉତ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୁଷ୍ପ ଅର୍ପଣ କରିଥିଲେ। ଶ୍ରୀବତ୍ସ ନାୟକ, ମନମୋହନ କବି, ନାରାୟଣ ପ୍ରଧାନ, ଲୋକନାଥ ବାରିକ, ପାଗଳ ସିଂ, ରାଜକିଶୋର ଜେନା, ପ୍ରମିଳା ପାତ୍ର, ହୀରାମଣି ଧଳଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ରହ୍ମଚାରୀ ନୃସିଂହ ନାଥ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଜଗତସିଂହପୁର, ୨୪।୭ (ସମିସ)**

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତିଶଙ୍କର ରାୟ ଦୁର୍ଘଟଣାର କାରଣ ଉପରେ ଗୁରୁତ୍ୱାରୋପ କରି ତା'ର ନିରାକରଣ ନିମନ୍ତେ ପଦକ୍ଷେପ ନେବାକୁ କହିଥିଲେ। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ମଧ୍ୟ କହିଥିଲେ, ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ସଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ, ସେଥିପ୍ରତି ଦୃଷ୍ଟି ଦିଆଯାଉ। ନୂତନ ଭାବେ ପ୍ରଣିତ ହୋଇଥିବା 'ରାହ ବୀର' ଯୋଜନା ବିଷୟରେ ଶ୍ରୀ ରାୟ ଅବଗତ କରାଇଥିଲେ। ଏହି ଯୋଜନା ଅନୁଯାୟୀ ଯେଉଁମାନେ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଗୋଲ୍ଡେନ ଆୱାର ଭିତରେ ଡାକ୍ତରଖାନା ପହଞ୍ଚାଇବେ, ସେମାନଙ୍କୁ ସରକାରଙ୍କ ପକ୍ଷରୁ ୨୫୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।



ଉକ୍ତ ବୈଠକରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା ରାସ୍ତା ମରାମତି, ଶିକ୍ଷା, ସଚେତନତା, ଆଇନ ଅମାନ୍ୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୁର୍ଘଟଣାର ମାତ୍ରା କମାଇପାରିବ ବୋଲି ମତ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା କହିଲେ, ଗତ ୨ ମାସ ମଧ୍ୟରେ ଏନଫୋର୍ସମେଣ୍ଟ ଫଳରେ ଦୁର୍ଘଟଣାର ମାତ୍ରା କମିଛି। ତେଣୁ ପୁଲିସ, ପ୍ରଶାସନ, ପରିବହନ ବିଭାଗ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ଭବ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ଚଉଧ ମଧ୍ୟ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିବା ସହ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ ପାଖରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦର୍ଶନ ପାଇଁ ଉପଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ପାରାଦୀପ) ଯୋଗ ଦେଇଥିଲେ। ଜିଲ୍ଲାରେ ସଡ଼କ ସୁରକ୍ଷା ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ୧୮ ବର୍ଷରୁ କମ୍ ବୟସ୍କ ପିଲାଙ୍କ ଗାଡ଼ି ଚଳାଇବା ଉପରେ କଟକଣା କରିବା, ଆଇଆରଏଡି ବା ଇଣ୍ଟିଗ୍ରେଟେଡ ରୋଡ଼ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟ କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଗାଡ଼ି ଚାଳକଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ୍ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ ସହରର ବୁଦ୍ଧିଜୀବୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ କମିଟିର ସଦସ୍ୟ, ବସ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତିଙ୍କ ନାମରେ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ଏତଲା

**ଜଗତସିଂହପୁର, ୨୪।୭ (ସମିସ):** ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ନାମରେ ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି ଜଗତସିଂହପୁର ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା। ଗତ ୨୧ ତାରିଖରେ ବିଜେପିର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସର୍ବସମ୍ମୁଖରେ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ ବୋଲି ଆକ୍ଷେପ କରିଥିଲେ। ଏଭଳି ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଶ୍ରୀ ପଣ୍ଡା ଜାଣିଶୁଣି ଦଳ ଓ ଆମ ନେତାଙ୍କୁ ଅପମାନିତ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଯୁବ ଓ ଛାତ୍ର କଂଗ୍ରେସ ନେତା। ଏଭଳି ଏକ କପୋଳକଳ୍ପିତ ଓ ମିଥ୍ୟା କଥାକୁ ସର୍ବସାଧାରଣରେ କହି ଲୋକଙ୍କୁ ଭ୍ରମିତ କରିବାକୁ ସେ ଅପଚେଷ୍ଟା କରୁଛନ୍ତି। ତାଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବ କଂଗ୍ରେସ କର୍ମୀ ଏତଲାରେ ଉଲ୍ଲେଖ କରିବା ସହ ଦାବି କରିଛନ୍ତି। ଏତଲା ଦେବା ସମୟରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ (ଫେଲୁ), ଜଗତସିଂହପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ସ୍ୱରୂପ କାନୁନଗୋ, ତିର୍ତ୍ତୋଲ ବିଧାନସଭା ଯୁବ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମୁକ୍ତାର ଅଲ୍ଲୀ, ସୁଭାଶିଷ ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ହାଜି ଶେଖ୍ ସମିରୁଦ୍ଦିନ୍ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ତିର୍ତ୍ତୋଲ, ୨୪।୭ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ହାଜି ଶେଖ୍ ସମିରୁଦ୍ଦିନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ କଳା ବିଭାଗରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ପ୍ରତାପ ସେଠୀ ସଭାପତିତ୍ୱ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀଙ୍କ ଉପସ୍ଥିତିରେ ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନସୂୟା ସାହୁ ଅତିଥି ପରିଚୟ ଓ ନବାଗତ ଛାତ୍ରଛାତ୍ରୀ ନିଜର ପରିଚୟ ପ୍ରଦାନ କରିବା ସହ ଭବିଷ୍ୟତର ଲକ୍ଷ୍ୟ ବିଷୟରେ କହିଥିଲେ। ଇତିହାସ ବିଭାଗ ଅଧ୍ୟାପକ ସୁରେଶ ନାୟକ, ଅର୍ଥନୀତି ବିଭାଗ ଅଧ୍ୟାପିକା ରେଣୁକା ସ୍ୱାଇଁ, ଓଡ଼ିଆ ବିଭାଗ ଅଧ୍ୟାପକ ସୁକାନ୍ତ ମହାନ୍ତି, ସମାଜ ବିଜ୍ଞାନ ଅଧ୍ୟାପିକା ସୋନିକା ରାଉତରାୟ, ଇଂରାଜୀ ଅଧ୍ୟାପିକା କିରଣ ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପକ ଜ୍ୟୋତି ପ୍ରକାଶ ଚଇନି ପ୍ରମୁଖ ନବାଗତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ଦିଗ ଓ ବିଦ୍ୟାଳୟର ଶୃଙ୍ଖଳା ନିର୍ଦ୍ଦେଶାବଳୀ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ, ତାପସ ଷଡ଼ଙ୍ଗୀ, ନିହାର ନାୟକ, ଜିର୍ମିୟା ଶବର, ଆକାଶ ଶବର, ଅନୀତା ସାହୁ, ମିର୍ ମେହେଫୁଜ୍ ଅଲ୍ଲୀ, ଅତସୀ ସେଠୀ, ଏସ୍‌କେ ସଲମନ୍ କୌଶର, ଏସ୍‌କେ ତସୱାର ହୋସିନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଶେଖ୍ ଆବାସ୍‌ଉଦ୍ଦିନ୍ ଧନ୍ୟବାଦ ଅର୍ପଣ କରିଥିଲେ।



## ମା' ରାମଚଣ୍ଡି ୟୁଥ୍ କ୍ଲବ୍‌ର ନୂତନ ଗୃହ ଉଦ୍‌ଘାଟିତ

ପାରାଦୀପ, ୨୪।୭ (ସମିସ): ପାରାଦୀପଗଡ଼ ପଞ୍ଚାୟତ ଅଧୀନ ନିମିଡ଼ି ଗ୍ରାମର ଯୁବକ ମା' ରାମଚଣ୍ଡି ୟୁଥ୍ କ୍ଲବ୍ ନାମରେ ସାମାଜିକ ଯୁବ ସଂଗଠନ ଗଠନ କରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘବର୍ଷ ଧରି ଏକ ଘରେ ଯୁବକ ସଂଘ କାର୍ଯ୍ୟ ଚାଲୁଥିବାବେଳେ ଏହାର ନୂତନ ଗୃହ ନିର୍ମାଣ ପାଇଁ କ୍ଲବ୍‌ର କର୍ମକର୍ତ୍ତା ସରପଞ୍ଚଙ୍କୁ ଅନୁରୋଧ କରିଥଲେ। ସରପଞ୍ଚ ଯୁବକ ସଂଘ ନିର୍ମାଣ ପାଇଁ ୪ ଲକ୍ଷ ୫୦ ହଜାର ଟଙ୍କା ଓ କ୍ଲବ୍ ପରିସରରେ ଶୌଚାଳୟ ନିର୍ମାଣ ପାଇଁ ୯୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଯୁବକ ସଂଘ ଗୃହ କାମ ଶେଷ ହେବା ପରେ ବୁଧବାର ଏହାକୁ ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ପାରାଦୀପଗଡ଼ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ କ୍ଲବ୍ ଗୃହର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଓ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଦୁର୍ଲ୍ଲଭ କର, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, କ୍ଲବ୍ ସଭାପତି ଭାସ୍କର ସାହୁ, ଜୟନ୍ତ ସେନାପତି, ମନୋଜ ରାଉତ, ମହେଶ ରାଉତ, ରମେଶ ବେହେରା, ରାଜେଶ ସାହୁ, କ୍ଲବ୍ ସମ୍ପାଦକ ଚିଣ୍ଟୁନା ରାଉତ, ଉପସଭାପତି ଅଭିଷେକ ଦାସ, ସହସମ୍ପାଦକ ଧନେଶ୍ୱର ସାହୁ, ମନୋଜ ସ୍ୱାଇଁ, ସରୋଜ ସ୍ୱାଇଁ, ଆଲୋକ ପ୍ରଧାନ, ବିକ୍ରମ ସାହୁ, ତ୍ରିଲୋଚନ ବାରିକ, ବାବୁଲି ନାୟକ, ସରୋଜ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତମ ସେବା ପାଇଁ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ଶ୍ରେଷ୍ଠ ସରପଞ୍ଚ ଭାବେ ସସ୍ମିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ସାମାଜିକ ସମୀକ୍ଷା ୟୁନିଟ୍ ପକ୍ଷରୁ ସଚେତନତା

**ବାଲିକୁଦା, ୨୪।୭ (ସମିସ):** ବାଲିକୁଦା ବ୍ଲକର ଅଢ଼ଙ୍ଗା ପଞ୍ଚାୟତରେ ବାଲିକୁଦା ବ୍ଲକ ସାମାଜିକ ସମୀକ୍ଷା ୟୁନିଟ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସମୀକ୍ଷାର ପ୍ରାରମ୍ଭିକ ପଞ୍ଚାୟତ ବୈଠକ ସରପଞ୍ଚ ସୁବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ବହିରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚିତ୍ରା ଦାସ, ଏଡିଇଓ ସରୋଜିନୀ ତ୍ରିପାଠୀ, ଭିଆରପି ତୃପ୍ତିମୟୀ ଦାଶ, ସ୍ମିତାରାଣୀ ମହାନ୍ତି, ବୀଣାପାଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ସାମାଜିକ ସମୀକ୍ଷାର ଉଦ୍ଦେଶ୍ୟ, ପ୍ରକ୍ରିୟା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆସନ୍ତା ଅଗଷ୍ଟ ୬ ତାରିଖରେ ଗ୍ରାମସଭା କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ତତ୍ପରେ ପ୍ଲାକାର୍ଡ, ବ୍ୟାନର ଓ ଲିଫ୍ଲେଟ୍ ମାଧ୍ୟମରେ ଜନସଚେତନତା ବାର୍ତ୍ତା ସହ ମିଳିତ ସ୍ଲୋଗାନ ଦେଇ ଗ୍ରାମ୍ୟ ଭ୍ରମଣ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ, ପିଇଓ, ଏଡିଇଓ, ବିଏସଏ, ଭିଆରପି, ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ, ଡିଲର, ଏସଏଚଜି ମହିଳା, ଜବକାର୍ଡଧାରୀ, ରାସନ କାର୍ଡଧାରୀ ଓ ଜନସାଧାରଣ ଯୋଗ ଦେଇଥିଲେ।



## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀ ଓ ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ

**ଜଗତସିଂହପୁର, ୨୪।୭ (ସମିସ):** ଜଗତସିଂହପୁର ସହରର ଥାନା ଛକରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ସୁଧୀର ମଲ୍ଲିକଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ବିରୋଧରେ ମିଛ ପ୍ରଚାର ପ୍ରତିବାଦରେ, ଯୁବ କଂଗ୍ରେସ ସଭାପତି ଉଦୀତ ପ୍ରଧାନ, ରାହୁଲ ଗାନ୍ଧୀ ଓ ରାଜ୍ୟ ସଭାପତି ଭକ୍ତ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ରାଜ୍ୟର ଏହି ଘଡିସନ୍ଧି ମୁହୂର୍ତ୍ତରେ କଂଗ୍ରେସର ଏଭଳି ହୀନ ରାଜନୀତିକୁ ଯୁବ ମୋର୍ଚ୍ଚା ନିନ୍ଦା କରିବା ସହ ପିସିସି ସଭାପତିଙ୍କ ଇସ୍ତଫା ଦାବି କରିଛି। ଏଥିରେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ଗଣେଶ ମହାନ୍ତି, ଶିଶିର ପାତ୍ର, ଚିତ୍ତରଞ୍ଜନ ପଣ୍ଡା, ଆଦିତ୍ୟ ମହାନ୍ତି, ଅମରଜିତ ନାୟକ, ମିର୍ଜା ସିଦ୍ଦିକ, ରୁଦ୍ରନାରାୟଣ ଦାସ, ଅମୀୟ ବେହେରା, ଜ୍ଞାନ ପରିଡ଼ା, ସୌମରଞ୍ଜନ ଓଝା, ରାଜନାରାୟଣ ସାହୁ ପ୍ରମୁଖ ସାମିଲ ଥିଲେ।

## ଶ୍ରୀବଳଦେବଜୀଉ ସେବା ସଂଗଠନ ଗଠିତ

**କେନ୍ଦ୍ରାପଡ଼ା, ୨୪।୭ (ସମିସ):** ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ନ୍ୟାୟକ୍ଷେତ୍ରରେ ଅବହେଳିତ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଶ୍ରୀବଳଦେବଜୀଉ ସେବା ଓ ସାମଜିକ ନ୍ୟାୟ ସଂଗଠନ ଗଠିତ ହୋଇଛି। ଗୋପ ଛକସ୍ଥ ଲୋହିତ ପ୍ୟାଲେସରେ ସଂଗଠନ ସଭାପତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଫୋରମ ଗଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ ନେତା ଗଙ୍ଗାଧର ପରିଡ଼ା, ଯୁବନେତା ମିହିର କୁମାର ସାମଲ, ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଯୁବ ସମାଜସେବୀ ବିବେକାନନ୍ଦ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ଓ ମାର୍ଶାଘାଇ ଅଞ୍ଚଳର ଶତାଧିକ ଯୁବକ ଯୋଗ ଦେଇଥିଲେ। ଆୟତପୁର ସରପଞ୍ଚଙ୍କ ପ୍ରତିନିଧି ଆଶୁତୋଷ ପାତ୍ର, ଅନ୍ତେଇ ସରପଞ୍ଚ ସଞ୍ଜୟ କୁମାର ସେଠୀ, ସମିତି ସଭ୍ୟ ଅଜୟ କୁମାର ଜେନା, ହିନ୍ଦୁଳିଆ ସରପଞ୍ଚ ମନୋଜ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ପ୍ରଦୀପ୍ତ ପ୍ରଧାନ, ନଳିନୀକାନ୍ତ ସେନାପତି, ଅରବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ମଦ ଜବତ, ଦୁଇ ଗିରଫ

**ନାଉଗାଁ, ୨୪।୭ (ସମିସ):** ନାଉଗାଁ ସାଧୁଗୋସ୍ୱାମୀ ନିକଟରୁ ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ନାଉଗାଁ ଥାନା ପୁଲିସ। ଗତକାଲି ବିଳମ୍ବିତ ରାତିରେ ନାଉଗାଁ ପୁଲିସର ଗୋଟିଏ ଟିମ ଏଏସଆଇ ସଜ୍ଜିତ ହୁସିଆନ ଖାନଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ସମୟରେ ନାଉଗାଁ-ଶିଖର ମୁଖ୍ୟ ରାସ୍ତାର ସାଧୁଗୋସ୍ୱାମୀ ନିକଟ ଦେଇ ଏକ ସ୍କୁଟିରେ ଚୋରର ବିଦେଶୀ ମଦ ଯାଉଥିବା ସମୟରେ ଚଢ଼ଉ କରି ସମ୍ପୃକ୍ତ ଦୁଇ ଅଭିଯୁକ୍ତ ନାଉଗାଁ ଗ୍ରାମର ଉପେନ୍ଦ୍ର ଭୋଇଙ୍କ ପୁଅ କାବୁଲି ଭୋଇ ଓ ବାଲିକୁଦା ଥାନା ଅଞ୍ଚଳର ଶ୍ରୀଙ୍ଗାରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ଦିପୁ ବେହେରାକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୧୩ ଲିଟରରୁ ଅଧିକ ଚୋରା ବିଦେଶୀ ମଦ ଓ ଏହି କାରବାରରେ ବ୍ୟବହୃତ ହେଉଥିବା ସ୍କୁଟିକୁ ଜବତ କରିଥିଲା। ଏ ନେଇ ନାଉଗାଁ ପୁଲିସ ଅବକାରୀ ଆଇନ ବଳରେ ୨୦୭/୨୫ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଅଳକା କଲେଜ +୨ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ




**ବିରିଡ଼ି, ୨୪।୭ (ସମିସ):** ସ୍ଥାନୀୟ ଅଳକା କଲେଜ +୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ +୨କଳା ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ପ୍ରବେଶ ଉତ୍ସବରେ ଅଧ୍ୟକ୍ଷା ଡଃ ମଞ୍ଜୁଲତା ଦାଶ ଅଧ୍ୟକ୍ଷତା କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ସଭାରେ +୨ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ପ୍ରାଧ୍ୟାପକ ଦୀପଙ୍କର ଜେନା, ଅଧ୍ୟାପକ ଡଃ ଜ୍ୟୋତିପ୍ରକାଶ ସାମନ୍ତରାୟ, ଅଧ୍ୟାପକ ପରୀକ୍ଷିତ ମଲ୍ଲିକ, ଅଶୋକ ଲେଙ୍କା, ଅଧ୍ୟାପିକା ସନ୍ଧ୍ୟାରାଣୀ ନାୟକ, ଶରତ ମହାରଣା, ବୈଷ୍ଣବ ସାହୁ, ପ୍ରଦୀପ୍ତ ଲେଙ୍କା, ପ୍ରିୟଙ୍କା ରାଉତ ପ୍ରମୁଖ ଉପସ୍ଥିତ ରହି ନବାଗତ ପିଲାଙ୍କୁ ସ୍ୱାଗତ ଜଣାଇବା ସହ ସରକାରଙ୍କ ନୀତି ନିୟମକୁ କିପରି ପାଳନ କରିବେ ଓ ନିଜକୁ ଶୃଙ୍ଖଳିତ ଓ ସୁନାଗରିକ ଭାବେ ଗଢ଼ିତୋଳିବାକୁ ପିଲାଙ୍କୁ ମାର୍ଗଦର୍ଶନ କରାଇଥିଲେ।

## ଭି-ଗାର୍ଡ ପକ୍ଷରୁ ଇଲେକ୍ଟ୍ରିସିଆନଙ୍କୁ ତାଲିମ

**କୁଜଙ୍ଗ, ୨୪।୭ (ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥ ଚୌଧୁରୀ ଡେଷ୍ଟିନେଶନରେ କୁଜଙ୍ଗ, ପାରାଦୀପ, ତିର୍ତ୍ତୋଲ ଓ ରାହାମା, ଉପକୂଳ ଅଞ୍ଚଳ ଓ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଇଲେକ୍ଟ୍ରିସିଆନଙ୍କୁ ତାଲିମ ପ୍ରଦାନ କରାଯାଇଛି। ପଙ୍କପାଳ ଓମ୍ ଇଲେକ୍ଟ୍ରିକାଲ ପ୍ରମୁଖ ରଶ୍ମିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଭିଗାର୍ଡର ବିଭିନ୍ନ ଉତ୍ପାଦନ ସାମଗ୍ରୀର ଆଲୋଚନା କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୋଡୁଲାର ସୁଇଚ୍ ପ୍ରମୁଖ ଅଧିକାରୀ ସୁକାନ୍ତ ଦତ୍ତ, ଦୀପ୍ତିରଞ୍ଜନ ପତି, ବିଶ୍ୱରଞ୍ଜନ ସାହୁ, ପିଭିସି ରୋଧିତାର ଅଧିକାରୀ ଶୁଭଜିତ ମହାନ୍ତି, ସନ୍ତୋଷ ପଟ୍ଟନାୟକ, ସାଇରାମ ଜେନା, ପାଣି ପମ୍ପର ଅଧିକାରୀ ଅବିନାଶ ରାଉତ, ପଙ୍ଖା ଉତ୍ପାଦନ ଅଧିକାରୀ ସୁବ୍ରତ ମହାନ୍ତି, ସୁଇଚ୍ ଗିଅର୍ ଅଧିକାରୀ ସତ୍ୟରଞ୍ଜନ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶତାଧିକ ଇଲେକ୍ଟ୍ରିସିଆନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବଳଦେବ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ପଙ୍କପାଳର ବରିଷ୍ଠ ବ୍ୟବସାୟୀ ଶିବଚରଣ ପାତ୍ର ଧନ୍ୟବାଦ ଦେଇଥିଲେ।

## ବ୍ୟାଙ୍କ ସମ୍ମୁଖରୁ ଚୋରି ସ୍କୁଟି ଉଦ୍ଧାର; ଜଣେ ଗିରଫ

ପାରାଦୀପ, ୨୪।୭ (ସମିସ): ଗତକାଲି ଅପରାହ୍ନରେ ବଡପଡ଼ିଆ ନିକଟ ବ୍ୟାଙ୍କ ଲାଇନର ୟୁନିଅନ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ସ୍କୁଟିକୁ କେହି ଜଣେ ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ବ୍ୟାଙ୍କର କର୍ମଚାରୀ ଉପେନ୍ଦ୍ର ବିଶ୍ୱାଳ ପାରାଦୀପ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୁଲିସ ଦୁର୍ବୃତ୍ତକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବାବେଳେ ବ୍ୟାଙ୍କ ସିଟିଟିଭିରେ କଏଦ ହୋଇଥିବା ଲକଥାନା ଅଞ୍ଚଳର ଜଣେ ଯୁବକକୁ ଥାନାକୁ ଆଣି ପଚରାଉଚରା ସମୟରେ ସେ ସ୍କୁଟି ଚୋରି କରିଥିବା ସ୍ୱୀକାର କରିଥିଲା। ତା'ର ନାଁ ସଞ୍ଜୟ ସାହୁ ହୋଇଥିବାବେଳେ ସେ ଜଗତସିଂହପୁର ଥାନା ଅଧୀନ କେନ୍ଦାଳ ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ବୋଲି ଜଣାପଡ଼ିଛି।

## ସୌମ୍ୟାଶ୍ରୀଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର, ୨୪।୭ (ସମିସ):** ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏକ ମିନିଟ୍ ନିରବ ପ୍ରାର୍ଥନା ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀନାରାୟଣ ସାମନ୍ତରାୟ, ସର୍ବେଶ୍ୱର ପଣ୍ଡା, ପ୍ରସନ୍ନ ସାମନ୍ତରାୟ, ସରପଞ୍ଚ ପ୍ରମୋଦ ସାହୁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ଯୁବ ନେତା ମନୋଜ କୁମାର ମହାପାତ୍ର, ଯୁବ ନେତା ସତ୍ୟବ୍ରତ ଦାସ, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ଜ୍ଞାନରଞ୍ଜନ ଜେନା, ସନ୍ଦୀପ ସ୍ୱାଇଁ, ଶଙ୍କରେଶ୍ୱର ଦାସ, ସ୍ୱରୂପ କାନୁନଗୋ, ସୟଦ ହେଦାୟତ ଅଲ୍ଲୀ, ଅବନୀକାନ୍ତ ମହାରଣା, ଜ୍ଞାନରଞ୍ଜନ ପୃଷ୍ଟି, ରବି ଆର୍ଚ୍ଚାଯ୍ୟ, ବିଭୂତି ଭୂଷଣ ଲେଙ୍କା, ବାବୁଲି ମାହାର, ଲକ୍ଷ୍ମୀଧର ମଲ୍ଲିକ, ମାନସ ମହାନ୍ତି, ସ୍ମୃତିରଞ୍ଜନ ମହାନ୍ତି, ଅଜୟ ମହାପାତ୍ର ଓ ଦୀପକ ପାଲ ପ୍ରମୁଖ ଯୋଗଦେଇ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା କଂଗ୍ରେସ କମିଟିର ଆହ୍ୱାନକ୍ରମେ ଜଗତସିଂହପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳରେ ସୌମ୍ୟାଶ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଯୁବକଙ୍କ ଗଳା କାଟିବା ଘଟଣାରେ ଯୁବତୀ ଗିରଫ

**କେନ୍ଦ୍ରାପଡ଼ା, ୨୪।୭ (ସମିସ)**

ଜାତୀୟ ରାଜପଥରେ ଯୁବକଙ୍କ ଗଳାକାଟି ଫିଙ୍ଗିଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜଣେ ଯୁବତୀଙ୍କୁ ସଦର ଥାନା ପୁଲିସ ଗିରଫ କରିଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ହଜାରୀ ଛକରେ ସତ୍ୟଜିତ ଷଡ଼ଙ୍ଗୀଙ୍କ ଗଳାକଟା ଘଟଣାରେ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ଗିରଫ ହୋଇଛନ୍ତି। ଲକ୍ଷ୍ମୀପ୍ରିୟାଙ୍କୁ ପୁଲିସ ତାଙ୍କ ଘର ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ଅଢାପଟି ଗାଁରୁ ଗିରଫ କରିଛି। ଏ ନେଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପୁଲିସର ସୂଚନା ମୁତାବକ, ଅଭିଯୁକ୍ତ ଲକ୍ଷ୍ମୀପ୍ରିୟା ପୀଡ଼ିତ ସତ୍ୟଜିତ ଷଡଙ୍ଗୀଙ୍କ ସମ୍ପର୍କୀୟ ଶାଳୀ। ସତ୍ୟଜିତଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଲକ୍ଷ୍ମୀପ୍ରିୟାଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ। ଲକ୍ଷ୍ମୀପ୍ରିୟା କାଳିଆପାଣିର ଏକ ଘରୋଇ ସଂସ୍ଥାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ସେଠାରେ ତାଙ୍କର ଜଣେ ପୁରୁଷ ସହକର୍ମୀଙ୍କ ସହ ସମ୍ପର୍କ ଥିବା ସନ୍ଦେହ କରି ସତ୍ୟଜିତ ଲକ୍ଷ୍ମୀପ୍ରିୟାଙ୍କୁ ବାରମ୍ବାର ଗାଳି କରୁଥିଲେ। ଏଥିରେ ବିରକ୍ତ ହୋଇ ଲକ୍ଷ୍ମୀପ୍ରିୟା ଜୁଲାଇ ୨୨ ତାରିଖରେ ସତ୍ୟଜିତଙ୍କୁ ବୁଲିଯିବା ପାଇଁ ଡାକି ଏକ ସ୍କୁଟି ଯୋଗେ କେନ୍ଦ୍ରାପଡ଼ା ଚାଲି ଆସିଥିଲେ। ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକରେ ସ୍କୁଟି ଅଟକାଇ ରାସ୍ତା କଡକୁ ଡାକି ନେଇ ଏକ ଧାରୁଆ ଛୁରୀରେ ସତ୍ୟଜିତଙ୍କ ଗଳାକାଟି ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସତ୍ୟଜିତ ରାସ୍ତା କଡ଼ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ। ସ୍ଥାନୀୟ ଯୁବକ ସୂର୍ଯ୍ୟ ପ୍ରକାଶ ପାଣି ବାଟରେ ଯିବା ସମୟରେ ସତ୍ୟଜିତଙ୍କୁ ମୁମୂର୍ଷ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ମାର୍ଶାଘାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସତ୍ୟଜିତକୁ କେନ୍ଦ୍ରାପଡ଼ା ମେଡିକାଲ ନେଇଥିଲେ। ସତ୍ୟଜିତଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ବର୍ତ୍ତମାନ କଟକ ମେଡିକାଲରେ ସତ୍ୟଜିତଙ୍କ ଅବସ୍ଥା ସ୍ଥିର ଥିବା ଏସପି ସୂଚନା ଦେଇଛନ୍ତି। ଘଟଣାର ୨୪ ଘଣ୍ଟା ଭିତରେ ଜଗତସିଂହପୁର ଜିଲ୍ଲାରୁ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀପ୍ରିୟାକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ପୁଲିସ ଲକ୍ଷ୍ମୀପ୍ରିୟାଠାରୁ ଦୁଇଟି ମୋବାଇଲ ଫୋନ, କିଛି ଟଙ୍କା ଓ ଏକ ରକ୍ତ ଭିଜା ଟିସାର୍ଟ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସପି ସିଦ୍ଧାର୍ଥ କାଟାରିଆ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।



ସକାଳ
THE SAKALA



ବଢୁଛି ଜଳବୁଡ଼ି ମୃତ୍ୟୁ ସଂଖ୍ୟା

# ରାଜ୍ୟରେ ଦିନକୁ ମରୁଛନ୍ତି ୫ଜଣ

ଭୁବନେଶ୍ୱର, ୨୪।୭(ସମିସ): ରାଜ୍ୟରେ ଜଳବୁଡ଼ି ମୃତ୍ୟୁସଂଖ୍ୟା ଦିନକୁ ଦିନ ଉପରମୁହାଁ ହେବାରେ ଲାଗିଛି। ସଚେତନତା ଅଭାବ ସାଙ୍ଗକୁ ପ୍ରଶାସନିକସ୍ତରରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବାରୁ ପ୍ରତିଦିନ ନଦୀ, ହ୍ରଦ, ସମୁଦ୍ର, ଜଳପ୍ରପାତ ଆଦି ଜଳାଶୟଗୁଡ଼ିକରେ ବୁଡ଼ି ଅନେକଙ୍କ ପ୍ରାଣ ଯାଉଛି। ସ୍ଥିତି ଏତେ ସାଂଘାତିକ ଯେ ପରିସଂଖ୍ୟାନ କହୁଛି, ରାଜ୍ୟରେ ଦୈନିକ ପ୍ରାୟ ୫ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟୁଛି। ବିଗତ ବର୍ଷମାନଙ୍କରେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ରହିଥିବା ବେଳେ ଚଳିତ ବର୍ଷର କେବଳ ୭ ମାସ ଭିତରେ ୮୦୦ରୁ ଊର୍ଦ୍ଧ୍ୱ ପାଣିରେ ବୁଡ଼ି ପ୍ରାଣ ହରାଇସାରିଲେଣି। ଗତ ୨୦୨୩-୨୪ରେ ଗଞ୍ଜାମ ଓ ବାଲେଶ୍ୱର ଜିଲାରେ ଅଧିକ ବ୍ୟକ୍ତିଙ୍କ ଜଳବୁଡ଼ି ଜନିତ ମୃତ୍ୟୁ ହୋଇଥିଲା।

ଆଜି 'ବିଶ୍ୱ ଜଳବୁଡ଼ି ପ୍ରତିଷେଧକ ଦିବସ'

ବିଶେଷଜ୍ଞମାନଙ୍କ ମତରେ ଓଡ଼ିଶା ଭଳି ରାଜ୍ୟରେ ଜଳବୁଡ଼ି ମୃତ୍ୟୁର ବିଭିନ୍ନ କାରଣ ରହିଛି। ଗାଧୋଇବା ବେଳେ ଅଜାଣତରେ ଗଭୀର ଜଳାଶୟକୁ ଖସିଯିବା, କାମଚଳା ପହଁରା ଶିଖି ନଦୀସ୍ରୋତରେ ପହଁରିବାକୁ ଚେଷ୍ଟା କରିବା, ନିଶା ଖାଇ ପୋଖରୀ କିମ୍ବା ନଦୀରେ ପଶିବା, ଡଙ୍ଗା କିମ୍ବା ବୋଟ୍‌ରେ କ୍ଷମତାଠାରୁ ଅଧିକ ଲୋକ ଜଳଯାତ୍ରା କରିବା ଆଦି ମୁଖ୍ୟ କାରଣ।

ଏଭଳି ଅକାଳ ମୃତ୍ୟୁକୁ ରୋକିବା ଲାଗି ଜାତିସଂଘ ତରଫରୁ ପ୍ରତିବର୍ଷ ଜୁଲାଇ ୨୫ ତାରିଖକୁ ଜଳବୁଡ଼ି ପ୍ରତିଷେଧକ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ(ହୁ') ପକ୍ଷରୁ ସରକାରଙ୍କୁ କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ମଧ୍ୟ ଦିଆଯାଇଛି। ବିପଦପୂର୍ଣ୍ଣ ସ୍ଥାନରେ ଗାଧୋଇବା ଉପରେ ନିଷେଧାଦେଶ ଜାରି, ସର୍ବସାଧାରଣ ଗାଧୋଇବା ସ୍ଥଳରେ ତାରବାଡ଼ ଘେରାଇ ସୁରକ୍ଷିତ ସ୍ନାନ ବ୍ୟବସ୍ଥା କରିବା ଏବଂ ଗାଧୋଇବା ଲାଗି ସ୍ୱତନ୍ତ୍ର ଘାଟ ନିର୍ମାଣ ଭଳି ପଦକ୍ଷେପ ନେବାକୁ ପରାମର୍ଶ ରହିଛି। ଏପରିକି, ସ୍ଥାନୀୟ ପ୍ରଶାସନ ଜରିଆରେ ଏନେଇ ସାଧାରଣରେ ସଚେତନତା ସୃଷ୍ଟି ଓ ନଦୀକୂଳ ଅଞ୍ଚଳର ଲୋକଙ୍କୁ ପହଁରା ତାଲିମ ଦେବା ଇତ୍ୟାଦି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। କିନ୍ତୁ ତମାମ ନିର୍ଦ୍ଦେଶାବଳୀ ସତ୍ତ୍ୱେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ଉପରେ ଲଗାମ ଲଗାଯାଇପାରୁନାହିଁ।



■ ୨୦୨୩-୨୪ ବର୍ଷରେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ୧୮୦୬
■ ଗତ ୭ ମାସରେ ଗଲାଣି ୮୦୦ରୁ ଊର୍ଦ୍ଧ୍ୱ ଜୀବନ
■ ସଚେତନତା ଓ ପ୍ରତିଷେଧକ ଅଭାବରୁ ବଢୁଛି ମୃତ୍ୟୁ ସଂଖ୍ୟା

ମିଳିତ ଜାତିସଂଘର ପରିସଂଖ୍ୟାନ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨ଲକ୍ଷ ୩୬ହଜାର ବା ପ୍ରତିଦିନ ପ୍ରାୟ ୬୫୦ଜଣ ଜଳରେ ବୁଡ଼ି ପ୍ରାଣ ହରାଉଛନ୍ତି। ଭାରତରେ ଏହି ସଂଖ୍ୟା ବର୍ଷକୁ ପ୍ରାୟ ୩୮ ହଜାର ବା ଦିନକୁ ପ୍ରାୟ ୧୦୪ ରହିଛି। ଏହି ଅଲୋଡ଼ା ରେକର୍ଡରୁ ଓଡ଼ିଶା ମଧ୍ୟ ବାଦ୍ ପଡ଼ିନାହିଁ। ରାଜ୍ୟରେ ପ୍ରତିବର୍ଷ ହାରାହାରି ୧୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପାଣିରେ ବୁଡି ମୃତ୍ୟୁବରଣ କରୁଛନ୍ତି। ବର୍ଷ ୨୦୨୩-୨୪ରେ ଓଡ଼ିଶାରେ ଏହି ସଂଖ୍ୟା ୧୮୦୬ ଥିଲା। ଅର୍ଥାତ୍ ପ୍ରତିଦିନ ପ୍ରାୟ ୫ଜଣଙ୍କ ମୃତ୍ୟୁ ହୋଇଛି। ବର୍ଷା ଋତୁ ଅପେକ୍ଷା ଅନ୍ୟ ଋତୁରେ ମଧ୍ୟ ଅସାବଧାନତା ଯୋଗୁଁ ଏକାଧିକ ବ୍ୟକ୍ତି ପାଣିରେ ବୁଡ଼ି ପ୍ରାଣ ହରାଉଛନ୍ତି।

ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ୨୦୨୧-୨୨ରେ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ ୧୨୦୯ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୧୭୩୮କୁ ବୃଦ୍ଧି ପାଇଥିଲା। ସେହିପରି, ୨୦୨୩-୨୪ରେ ୧୮୦୬ଜଣଙ୍କ ମୃତ୍ୟୁ ହୋଇଥିବା ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ତେବେ ୨୦୨୧-୨୨ ଏବଂ ୨୦୨୨-୨୩ରେ ମୟୂରଭଞ୍ଜରେ ରାଜ୍ୟର ସର୍ବାଧିକ ଲୋକଙ୍କ ଜଳବୁଡ଼ି ଜନିତ ମୃତ୍ୟୁ ଘଟିଥିଲା। ଜିଲ୍ଲାରେ ୨୦୨୧-୨୨ରେ ୧୦୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୨-୨୩ ବର୍ଷରେ ୧୩୯ ଜଣ ପ୍ରାଣ ହରାଇଥିଲେ।

ଶ୍ରୀମନ୍ଦିରରେ ଚିତାଲାଗି ନୀତି

## ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

ପୁରୀ, ୨୪।୭ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ଚିତାଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସି ଉଠୁଛି ରତ୍ନଚିତା। ଶ୍ରୀମନ୍ଦିରରେ ଅପରାହ୍ନ ୨ଟା ୨୫ରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନିଆଯାଇ ଖଟଶେଯ ଘରେ ବିଜେ କରାଯାଇଥିଲା। ପରେ ୨ଟା ୫୫ରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଅପରାହ୍ନ ୩ଟାରେ ଦଇତାପତି ସେବକମାନେ ଚିତାଲାଗି ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତାଲାଗି କରାଇଥିଲେ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ହୀରାଖଚିତ ସୁବର୍ଣ୍ଣ ଚିତାଲାଗି କରାଯାଇଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥିଲେ। ସନ୍ଧ୍ୟା ୬ଟାରେ ଚିତାଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଯ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଚିତାଲାଗି ତଥା ଚିତଉ ଅମାବାସ୍ୟାରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ରଖାଯାଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥା'ନ୍ତି। ଚିତାଲାଗି ଅମାବାସ୍ୟାରେ ସୋଲ ଚିତା ଓଲାଗି ହୋଇ ରତ୍ନଖଚିତ ସୁବର୍ଣ୍ଣ ଚିତା ଠାକୁରମାନେ ଲାଗି ହୋଇଥା'ନ୍ତି।

## ହୀରାକୁଦର ୮ ଗେଟ୍ ଖୋଲା

ସମ୍ବଲପୁର, ୨୪।୭(ସମିସ): ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଆଜି ଆଉ ୪ଟି ଗେଟ୍ ଖୋଲିଛନ୍ତି। ପୂର୍ବରୁ ୪ଟି ଗେଟ୍ ଖୋଲାଥିବା ବେଳେ ଏବେ ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏହାସାଙ୍ଗକୁ ଉପରମୁଣ୍ଡରୁ ପ୍ରବେଶ କରୁଥିବା ଜଳର ପରିମାଣ କମିଥିବାରୁ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍‌ରୁ କମି ଆସିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୯.୪୩ ଫୁଟ୍ ରହିଛି। ସୂଚନାନୁଯାୟୀ, ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୭୧୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ନଦୀବନ୍ଧର ବାମପଟର ୫ଟି ଓ ଡାହାଣ ପଟର ୩ଟି ସ୍ଲୁଇସ ଗେଟ୍ ଦେଇ ଜଳନିଷ୍କାସନ କରାଯାଉଛି। ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୫,୩୫୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୧,୧୮,୫୭୬ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୨,୪୭୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୦୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୪.୮୦ ମିମି ଏବଂ ତଳମୁଣ୍ଡରେ ୧୧.୫୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୯,୫୧୬ କ୍ୟୁସେକ୍, ଖଇରମାଲଠାରେ ୧,୫୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୪୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୫୮,୦୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

୬୧୦ରୁ ଖସିଲା ଜଳସ୍ତର



ଶ୍ରାବଣୀ ବାଦଲ ଦେହରେ ଇନ୍ଦ୍ରଧନୁର ଛଟା (ଫଟୋ-ଅନିଲ)

## ବଳଦେବଜୀଉଙ୍କ ମସ୍ତକରେ ଲାଗି ହେଲା ସୁବର୍ଣ୍ଣ ଚିତା

କେନ୍ଦ୍ରାପଡ଼ା,୨୪।୭(ସମିସ):ବଳଦେବଜୀଉଙ୍କ ମସ୍ତକରେ ଲାଗି ହେଲା ସୁବର୍ଣ୍ଣ ଚିତା। ଆଜି ପବିତ୍ର ଚିତା ଲାଗି ଅମାବାସ୍ୟାରେ ବଳଦେବଜୀଉଙ୍କ ମସ୍ତକରେ ଚିତାଲାଗି ନୀତି ସମ୍ପନ୍ନ କରାଯାଇଛି। ପ୍ରତ୍ୟୁଷରୁ ଦ୍ୱାର ଫିଟାଯାଇ ଜୟ ମଙ୍ଗଳା ଆଳତି ହୋଇଥିଲା। ପରେ ନୀତିସ୍ନାନ, ବଲ୍ଲଭ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ସୁନେରି ସେବକ ଦ୍ୱାରା ଭଣ୍ଡାର ଗୃହରୁ ସଫେଇ ନିମନ୍ତେ ଚିତା ବାହାର କରାଯାଇ ସୁରକ୍ଷା ଭିତରେ ଅଫିସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସଫେଇ କାର୍ଯ୍ୟ ସମ୍ପନ୍ନ ପରେ ମନ୍ଦିରକୁ ଅଣାଯାଇଥିଲା। ପୂଜା ପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କୁ ରାଜାଧିରାଜ ବେଶ ଅନୁଷ୍ଠିତ କରାଯାଇଥିଲା। ପରେ ସୁବର୍ଣ୍ଣ ଚିତା ଶ୍ରୀଜୀଉଙ୍କ ମସ୍ତକରେ ଲାଗି କରାଯାଇଥିଲା। ଲାଗି ସମ୍ପନ୍ନ ପରେ ମଙ୍ଗଳାର୍ପଣ ଚିତଉ ପିଠା ଭୋଗ ଅର୍ପଣ କରାଯାଇଥିଲା। ସୁନେରି ସେବକଙ୍କ ଖଟଣି ଭୋଗ ହୋଇଥିଲା। ଶ୍ରାବଣ ମାସ କୃଷ୍ଣପକ୍ଷ ଅମାବାସ୍ୟାରେ ଚିତାଲାଗି କରାଯାଉଥିବାରୁ ଏହାକୁ ଚିତା ଲାଗି ଅମାବସ୍ୟା କୁହାଯାଏ। ଏହି ଦିନ ଘରେ ଗୃହିଣୀଙ୍କ ଦ୍ୱାରା ପିଠା ପ୍ରସ୍ତୁତ କରାଯାଇ ଗୃହ ଦେବତାଙ୍କୁ ଭୋଗ କରାଯିବା ପରେ ପୋଖରୀରେ ଗେଣ୍ଡା ଶାମୁକା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଦିଆଯିବାର ପ୍ରଥା ରହିଛି।



## ଓଡ଼ିଆ ଭାଷାରେ ପ୍ରସ୍ତୁତ +୨ ବିଜ୍ଞାନ ବହି ଲୋକାର୍ପିତ

ଭୁବନେଶ୍ୱର, ୨୪।୭ (ସମିସ): ଚଳିତ ଶିକ୍ଷାବର୍ଷରେ +୨ ଏକାଦଶ ଶ୍ରେଣୀ ନବାଗତ ବିଦ୍ୟାର୍ଥୀ ପ୍ରବେଶ ଦିବସ ଉପଲକ୍ଷେ ଓଡ଼ିଆ ଭାଷାରେ ପ୍ରସ୍ତୁତ +୨ ବିଜ୍ଞାନ ବହି ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପ ତଥା ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଲୋକାର୍ପଣ କରିଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଇଂରାଜୀକୁ ଗୁରୁତ୍ୱ ଦେଉଥିବାରୁ ଭାରତର ସାମ୍ବିଧାନିକ ଭାଷା ଅବହେଳା ହେଉଛି। ଏଭଳି ସ୍ଥିତିରେ ଅସମ୍ଭବ ମନେ ହେଉଥିବା +୨ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ଭଲ ଭାବେ ବୁଝିବା ପାଇଁ ସରଳ ଓଡ଼ିଆ ଭାଷାରେ ଲେଖିଥିବା ଲେଖକମାନଙ୍କ ଅବଦାନକୁ ସ୍ମରଣ କରି ଧନ୍ୟବାଦ ଦେବା ସହ ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇଥିବା ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର କର୍ମକର୍ତ୍ତାଙ୍କୁ ଉଭୟ ସାଧୁବାଦ ଜଣାଇଥିଲେ।



ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜଲକ୍ଷ୍ମୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ରାଉରକେଲା ଜାତୀୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଡ. ନଟବର ଶତପଥୀ, ବୈଷୟିକ ପୁସ୍ତକ ଅନୁବାଦ କମିଟି ଅଧ୍ୟକ୍ଷ ପ୍ରଫେସର ଓଁକାରନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀ ପ୍ରମୁଖ ଲେଖକୀୟ ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ୫୦ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ +୨ ବିଜ୍ଞାନ ବହି ବିତରଣ କରାଯିବା ସହିତ ଓଡିଆରେ ଏହି ପୁସ୍ତକ ରଚନା କରିଥିବା ବାରଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

ଜଟିଳ ବିଷୟବସ୍ତୁକୁ ଭଲ ଭାବରେ ବୁଝିବା ହେବ ସରଳ

## ୩୪ ବନସେବା ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୨୪।୭(ସମିସ): ଓଡ଼ିଶା ବନ ସେବା ଅଧିକାରୀ (ଓଏଫ୍ଏସ୍) ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହୋଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଅଦଳ ବଦଳ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ନୟାଗଡ଼ ଟେରିଟୋରିଆଲ୍ ଡିଏଫ୍ଓ ସାମା ଷଡ଼ଙ୍ଗୀଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ ଭାବେ ବଦଳି ହୋଇଛି। ସେହିପରି କୁଚିଣ୍ଡା କେନ୍ଦୁପତ୍ର ଡିଏଫ୍ଓ ଦେବରଚନ ବେହେରାଙ୍କୁ ନୟାଗଡ଼ ଟେରିଟୋରିଆଲ୍ ଡିଏଫ୍ଓ ଭାବେ ବଦଳି କରାଯାଇଛି। ଅନୁଗୁଳ ଆର୍‌ସିସିଏଫ୍ ଅଫିସ୍‌ରେ କାର୍ଯ୍ୟରତ ଉପବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତଙ୍କୁ ବୌଦ୍ଧ ଟେରିଟୋରିଆଲ୍ ଡିଏଫ୍ଓ ଓ ବୌଦ୍ଧ ଟେରିଟୋରିଆଲ୍ ଡିଏଫ୍ଓ ଦେବପ୍ରିୟ କମ୍ପଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଉପ ବନ ସଂରକ୍ଷକ ଭାବେ ବଦଳି କାରଯାଇଛି। ନବରଙ୍ଗପୁର କେନ୍ଦୁପତ୍ର ଡିଏଫ୍ଓ ଘନଶ୍ୟାମ ମହନ୍ତଙ୍କୁ ବାଲିଗୁଡ଼ା ଟେରିଟୋରିଆଲ୍ ଡିଏଫ୍ଓ ଓ ସେଠାରେ କାର୍ଯ୍ୟ କରୁଥିବା ଡିଏଫ୍ଓ ଥିବା ବିଶ୍ୱରାଜ ପଣ୍ଡାଙ୍କୁ ନଗର ବନଖଣ୍ଡ ଡିଏଫ୍ଓ ଭାବେ ବଦଳି କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍ଓ ଫାଲଗୁନି ସାରଥୀ ମଲ୍ଲିକଙ୍କୁ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ ଭାବେ ବଦଳି ହୋଇଛି। ସେହିପରି କଟକ ଟେରିଟୋରିଆଲ୍ ଡିଏଫ୍ଓ ମାଧବୀଲତାଙ୍କୁ ଖରିଆର୍ କେନ୍ଦୁପତ୍ର ଡିଏଫ୍ଓ ଭାବେ ବଦଳି କରାଯାଇଛି। ଭବାନୀପାଟଣା କେନ୍ଦୁପତ୍ର ଡିଏଫ୍ଓ ଜି. ପାତ୍ରଙ୍କୁ ସାତକୋଶିଆ ବନ୍ୟପ୍ରାଣୀ ଡିଏଫ୍ଓ ଭାବେ ବଦଳି କରାଯାଇଛି। ସେହିପରି ସରୋଜ ପଣ୍ଡାଙ୍କୁ ବରଗଡ଼ ଡିଏଫ୍ଓ ଭାବେ ବଦଳି କରାଯାଇଥିବା ବେଳଏ ସମୀର କୁମାର ସାହୁଙ୍କୁ ସୁନାବେଡ଼ା ଡିଏଫ୍ଓ, ବିକ୍ରମ ଦେବ ପଟ୍ଟନାୟକଙ୍କୁ ବାମରା ଡିଏଫ୍ଓ, ତେଜରାଜ ନାୟକଙ୍କୁ କୁଚିଣ୍ଡା ଡିଏଫ୍ଓ, ଦିବାକର ବେହେରାଙ୍କୁ ଓଏଫ୍‌ଡିସି ଯାଜପୁର ରୋଡ୍ ଡିଏମ୍, ଅଶୋକ କୁମାର ବେହେରାଙ୍କୁ ଜି ଉଦୟଗିରି ସ୍ଥିତି ଫରେଷ୍ଟ ଟ୍ରେନିଂ ସ୍କୁଲ୍‌କୁ ଉପ ବନ ସଂରକ୍ଷକ, ବିନୋଦ ଆଚାର୍ଯ୍ୟଙ୍କୁ ଚନ୍ଦକା ଡିଏଫ୍ଓ, ରଜନୀକାନ୍ତ ରାଉତଙ୍କୁ ଓବିଡିଏକୁ ଉପ ବନ ସଂରକ୍ଷକ, ସୁଜାତା ରାୟଙ୍କୁ ପିସିସିଏଫ୍ କେନ୍ଦୁପତ୍ର କାର୍ଯ୍ୟାଳୟକୁ ବଦଳି ହୋଇଛି। ସେହିପରି ଆମ୍ରପଲ୍ଲି ରୟଙ୍କୁ ପିସିସିଏଫ୍ ବନ୍ୟପ୍ରାଣୀ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଅମରେଶ ନାଥ ପ୍ରଧାନଙ୍କୁ ମହାନଦୀ ଡିଏଫ୍ଓ ଶରତ କୁମାର ସାହୁଙ୍କୁ ପିସିସିଏଫ୍ କେନ୍ଦୁପତ୍ର କାର୍ଯ୍ୟାଳୟ, ଏ ଉମା ମହେଶଙ୍କୁ ଜୟପୁର ଡିଏଫ୍ଓ, ପ୍ରଶାନ୍ତ କୁମାର ପଣ୍ଡାଙ୍କୁ କେନ୍ଦୁଝର ଡିଏଫ୍ଓ, ଅଭୟ କୁମାର ଦଳେଇଙ୍କୁ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ତପନ କୁମାର ପରିଡ଼ାଙ୍କୁ ବାଲେଶ୍ୱର ସ୍ଥିତି ଡବ୍ଲୁପିଓକୁ ଭାରପ୍ରାପ୍ତ ବନ ସଂରକ୍ଷକ, କନ୍ଦନ ସିଂଙ୍କୁ ଅନୁଗୁଳ ଆର୍‌ସିସିଏଫ୍ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ, ବୈଦନାଥ ମାଝୀଙ୍କୁ କରଞ୍ଜିଆ ଡିଏଫ୍ଓ ସୁବ୍ରତ କୁମାର ପାତ୍ରଙ୍କୁ ରାଇରଙ୍ଗପୁର ଡିଏଫ୍ଓ, ଖୀରୋଦ କୁମାର ବେହେରାଙ୍କୁ ରେଢ଼ାଖୋଲ ଡିଏଫ୍ଓ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ବାରିପଦା ଡିଏଫ୍ଓ, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବାଲେଶ୍ୱର ଡିଏଫ୍ଓ, ରୂପଚାନ୍ଦ ସୋରେନ୍‌ଙ୍କୁ ଟିଟିଲାଗଡ଼ ଡିଏଫ୍ଓ ଭାବେ ବଦଳି କରାଯାଇଛି।

## ମହିମା ଗୋସାଇଁ ଏକ୍ସପ୍ରେସ ଲାଇନଚ୍ୟୁତ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ସମ୍ବଲପୁର, ୨୪।୭ (ସମିସ): ଆଜି ପୁଣି ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଶାଳିମାରରୁ ସମ୍ବଲପୁରକୁ ଆସୁଥିବା ମହିମା ଗୋସାଇଁ ଏକ୍ସପ୍ରେସ (୨୦୮୩୧)ର ଶେଷରେ ଥିବା ଟ୍ରଲି ବା ପାର୍ସଲ ବଗିର ପୂର୍ବ ଅଣସଂରକ୍ଷିତ ବଗିଟି ସମ୍ବଲପୁର ସିଟି ଓ ସମ୍ବଲପୁର ଷ୍ଟେସନ ମଧ୍ୟରେ ଲାଇନଚ୍ୟୁତ ହୋଇଯାଇଥିଲା। ଟ୍ରେନ୍‌ଟି ଆଜି ସକାଳ ପ୍ରାୟ ୯ଟା ୧୮ ମିନିଟ୍‌ରେ ସମ୍ବଲପୁର ସିଟି ଷ୍ଟେସନ୍ ଛାଡ଼ିବାର କେଇ ମିନିଟ ମଧ୍ୟରେ କିଛି ଦୂର ସଙ୍କର୍ମା ଅଣ୍ଡରପାସ ନିକଟରେ ବଗିଟି ଲାଇନଚ୍ୟୁତ ହୋଇଯାଇଥିଲା। ତେବେ ଷ୍ଟେସନ୍ ଛାଡୁଥିବାରୁ ଟ୍ରେନଟି ଅତି ମନ୍ଥର ଗତିରେ ରହିଥିଲା। ଫଳରେ ବଡ଼ ଅଘଟଣ ଘଟିନଥିଲା କିମ୍ବା କେହି ମୃତାହତ ହୋଇନଥିଲେ। ପରେ ସମ୍ବଲପୁର ଷ୍ଟେସନ୍‌ରୁ ଏକ ଇମର୍ଜେନ୍ସି ଟ୍ରେନ୍ ଓ ମରାମତି ବଗି ଘଟଣାସ୍ଥଳରେ ପହଞ୍ଚି ବୈଷୟିକ ଟିମ୍ ଦୁର୍ଘଟଣାଗ୍ରସ୍ତ ବଗିକୁ ରେଳଧାରଣାରୁ ଉଠାଇବା ଏବଂ ରେଳଧାରଣା ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ଶେଷ ୨ଟି ବଗିକୁ ଛାଡ଼ି ଯାତ୍ରୀମାନଙ୍କୁ ନେଇ ଟ୍ରେନ୍‌ଟି ସମ୍ବଲପୁର ରେଳଷ୍ଟେସନକୁ ଚାଲିଯାଇଥିଲା। ଅପରାହ୍ନ ୧୨ଟା ୪୮ ମିନିଟ୍ ସମୟରେ ଦୁର୍ଘଟଣାଗସ୍ତ ବଗିଟି ରେଳଧାରଣାକୁ ଫେରିବା ପରେ ସ୍ୱତନ୍ତ୍ର ଇଞ୍ଜିନ୍ ଯୋଡ଼ି ସମ୍ବଲପୁର ଷ୍ଟେସନକୁ ଅଣାଯାଇଥିଲା। ପରେ ସମ୍ବଲପୁର ସିଟି-ସମ୍ବଲପୁର ସେକ୍ସନରେ ରେଳଚଳାଚଳ ସ୍ୱାଭାବିକ ହୋଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।



ଟ୍ରେନ ଲାଇନଚ୍ୟୁତ ହୋଇଥିବାବେଳେ ଘଟଣାସ୍ଥଳରେ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସମେତ ବରିଷ୍ଠ ରେଳବାଇ ଅଧିକାରୀମାନେ ପହଞ୍ଚି ଦୁର୍ଘଟଣା ବିଷୟରେ ତଦନ୍ତ କରିବାସହ ମରାମତି କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

ରାଜ୍ୟରେ ବଢ଼ିଚାଲିଛି ନାରୀ ହିଂସା ଓ ନିର୍ଯାତନା

## କୋରାପୁଟ ଡିଆଇଜିଙ୍କ ଅଫିସ ଆଗରେ ଗର୍ଜିବ ବିଜେଡି

ଭୁବନେଶ୍ୱର,୨୪।୭(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିକଟରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ସହ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏହା ବିରୋଧରେ ଆସନ୍ତା୨୬ ତାରିଖ ଦିନ କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଫିସ ସମ୍ମୁଖରେ ବିକ୍ଷୋଭ କରିବ ବିଜେଡି । ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ପ୍ରଦୀପ ମାଝୀ ଏ ନେଇ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ମାଲକାନଗିରି ଜିଲ୍ଲାରେ ପୁଣି ଥରେ ଛାତି ଥରେଇ ଦେଲା ଭଳି ଖବର ଆସିଛି। ପନ୍ଦର ବର୍ଷର ଜଣେ ଅନୁସୂଚିତ ଜାତିର ନାବାଳିକାକୁ କିଛି ଘଣ୍ଟାର ବ୍ୟବଧାନରେ ଦୁଇ ଦୁଇ ଥର ଦୁଷ୍କର୍ମର ଶିକାର ହୋଇଛି। ପ୍ରଥମେ ତାକୁ ୩ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରୁଛନ୍ତି। ସେଇ ଯୌନ ପିଶାଚଙ୍କ ଠାରୁ ମୁକ୍ତି ପାଇ ଫେରିବା ବେଳେ ପୁଣି ଜଣେ ଟ୍ରକ୍ ଡ୍ରାଇଭର ତାକୁ ଦୁଷ୍କର୍ମ କରିଛି। ଡବଲ ଇଂଜିନ ସରକାରରେ ଡବଲ ଦୁଷ୍କର୍ମ ଭଳି ଏକ ଅଭାବନୀୟ କାଣ୍ଡ ଘଟୁଛି। ସେହିପରି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ମୁମୂର୍ଷୁ ଅବସ୍ଥାରେ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ଥାନାରେ ଏଫଆଇଆର ଦେବା ପରେ ଥାନା ଅଧିକାରୀଙ୍କ ଦ୍ୱାରା ଅଭିଯୁକ୍ତକୁ ଥାନାକୁ ଅଣାଯାଇ କିଛି ପଚରାଉଚରା ପରେ ଛାଡି ଦିଆ ଯାଇଥିଲା। ଏହା ପରେ ଦୁର୍ବୃତ୍ତ ପୀଡିତା ଛାତ୍ରୀଙ୍କ ଗାଁରେ ପହଞ୍ଚି ତା ସହିତ କୁକର୍ମ କରିବା ସହ ଏହାର ଭିଡିଓ ଭାଇରାଲ କରିଛି। ପୀଡିତାଙ୍କ ଦାଦା ଥାନାରେ ଏ ସଂକ୍ରାନ୍ତରେ ଆଉ ଏକ ଏଫଆଇଆର ଦେଇଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଅମଳରେ ଡବଲ ଏଫଆଇଆର ଦେବାକୁ ପଡୁଛି, କିନ୍ତୁ ନ୍ୟାୟ ମିଳୁନାହିଁ। ପୀଡିତା ଛାତ୍ରୀ ଜଣକ ନ୍ୟାୟ ନ ପାଇବାରୁ ହତାଶ ହୋଇ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି। ସର୍ବୋଚ୍ଚ ନ୍ୟାୟାଳୟ ଦୁଇ ଦିନ ତଳେ ଏଫଏମ କଲେଜ ଛାତ୍ରୀ ଆତହୁତି ଘଟଣା ଓ ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଘଟଣାରେ ପ୍ରତିକ୍ରିୟା ଦେଇ ଏହା ଲଜ୍ଜା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି ଶ୍ରୀ ମାଝୀ କହିଛନ୍ତି। ଆସନ୍ତାକାଲି ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତ କରି ଡବଲ ଦୁଷ୍କର୍ମ ଶିକାର ହୋଇଥିବା ପୀଡ଼ିତାଙ୍କୁ ଓ ତାଙ୍କ ପରିବାରକୁ ଭେଟିବ। ଜୁଲାଇ ୨୬ ତାରିଖ ଦିନ ବିଜେଡି ପକ୍ଷରୁ କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।




■ ନାରୀଙ୍କୁ ସୁରକ୍ଷା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ
■ ଆଉ ଜଣେ ପୀଡିତା ମୁମୂର୍ଷୁ ଅବସ୍ଥାରେ ଏମ୍ସରେ ଭର୍ତ୍ତି



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୬୩- ଆମେରିକା, ରୁଷ୍ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮ - ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।
- ୧୯୯୨- ସ୍ପେନ୍‌ର ବାର୍ସିଲୋନାରେ ୨୫ତମ ଅଲମ୍ପିକ୍ ଖେଳ ଆରମ୍ଭ ହେଲା।
- ୨୦୦୭ - ପ୍ରତିଭା ଦେବୀସିଂହ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।


## ସାଉଥ୍‌ରେ ତିଆରି ହେବ 'ରାମାୟଣ'

ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ରଣବୀର କପୁର ଭଗବାନ ରାମ ଏବଂ ସାଇ ପଲ୍ଲବୀ ମାତା ସୀତା ଭୂମିକାରେ ନଜର ଆସିବେ। ବଲିଉଡ୍‌ରେ 'ରାମାୟଣ'କୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସାଉଥ୍‌ରେ ମଧ୍ୟ ଏହି ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚାଲିଛି। ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା କରିଛନ୍ତି 'କନ୍ନପ୍ପା' ଫିଲ୍ମ ଅଭିନେତା ବିଷ୍ଣୁ ମାଞ୍ଚୁ। ନିକଟରେ ଏକ ସାକ୍ଷାତକାରରେ ବିଷ୍ଣୁ ରାମାୟଣ ତାଙ୍କର ଡ୍ରିମ୍ ପ୍ରୋଜେକ୍ଟ ବୋଲି କହିଛନ୍ତି। ୨୦୦୯ ରୁ ସେ ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚଳାଇ ଥିବା କହିଛନ୍ତି। ଏହି ଫିଲ୍ମରେ ରାବଣର ଦୃଷ୍ଟିକୋଣକୁ ଦେଖାଯିବ। ତେବେ ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକା ପାଇଁ ସେ ସୂର୍ଯ୍ୟାଙ୍କୁ ବାଛିଥିବାବେଳେ ମାତା ସୀତାଙ୍କ ଚରିତ୍ର ପାଇଁ ଆଲିଆ ଭଟ୍ଟଙ୍କୁ ବାଛିଛନ୍ତି। ଯଦିଓ ସେ ଏହାର କାହାଣୀ ଓ ସଂଳାପ ପ୍ରସ୍ତୁତ କରି ସାରିଛନ୍ତି କିନ୍ତୁ ଏହି ଫିଲ୍ମ କେବେ ନିର୍ମାଣ ହେବ ତାହା ଏଯାବତ୍ ସ୍ଥିର କରିପାରି ନ ଥିବା କହିଛନ୍ତି। ତେବେ ଏଥିରେ ରାବଣ ଭୂମିକାରେ ତାଙ୍କ ପିତା ମୋହନ ବାବୁ ନଜର ଆସନ୍ତୁ ବୋଲି ବିଷ୍ଣୁ ଇଚ୍ଛା କରିଛନ୍ତି।



## ରୁବିକ୍ କ୍ୟୁବ୍‌ରେ ଜାତୀୟ ପତାକା

ସାଧାରଣତଃ ରୁବିକ୍ କ୍ୟୁବ୍ ସମାଧାନ କରିବା ଆଦୌ ସହଜ ନୁହେଁ। ନିକଟରେ ଗୁଜରାଟ ଅହମ୍ମଦାବାଦର ୬ ବର୍ଷର ବାଳିକା ମିତଭି ଗୁପ୍ତା ରୁବିକ୍ କ୍ୟୁବ୍‌ରେ ଭାରତର ଜାତୀୟ ପତାକା ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିତଭି ପ୍ରଥମ ଶ୍ରେଣୀର ଛାତ୍ରୀ। ସ୍କେଟିଂ କରିବାବେଳେ ସେ ରୁବିକ୍ କ୍ୟୁବ୍‌ରେ ମାତ୍ର ୬ ସେକେଣ୍ଡରେ ଜାତୀୟ ପତାକା ତିଆରି କରି ସମସ୍ତଙ୍କୁ ବିସ୍ମିତ କରି ଦେଇଛନ୍ତି। ଏପରି କରି ସେ ତାଙ୍କର ବୁଦ୍ଧିମତା, ଶାରୀରିକ ଫୁର୍ତ୍ତି ସହ ଦେଶଭକ୍ତିର ଏକ ନିଆରା ସଂଯୋଗକୁଦେଖାଇଛନ୍ତି। ଗତବର୍ଷ ନଭେମ୍ବର ମାସରେ ସେ ସ୍କେଟିଂ ଶିଖିବା ଆରମ୍ଭ କଲେ। ଏହାର ମାସକ ପରେ ସେ ରୁବିକ୍ କ୍ୟୁବ୍ ପ୍ରଶିକ୍ଷଣ ନେଲେ। ପ୍ରଥମେ ସେ ଦୁଇ ମିନିଟ୍‌ରେ ଏଥିରେ ଜାତୀୟ ପତାକା ତିଆରି କରୁଥିଲେ। ପରବର୍ତ୍ତୀ ସମୟରେ ମିତଭି ଲଗାତାର ଅଭ୍ୟାସ କରିବା ପରେ ଏହାକୁ ୬ ସେକେଣ୍ଡରେ କରିବାରେ ସଫଳ ହେଲେ। ସେହିପରି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରିବାକୁ ତାଙ୍କ ପ୍ରଶିକ୍ଷକ ଶିଖାଇ ନ ଥିଲେ। ମିତ୍‌ଭି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରୁଥିବା ଦେଖି ତାଙ୍କ ମା' ନିକିତା ତାଙ୍କ ପ୍ରଶିକ୍ଷକଙ୍କୁ ଜଣାଇଲେ। ଯାହାକୁ ଦେଖି ପ୍ରଶିକ୍ଷକ ଜଣକ ଆଶ୍ଚର୍ଯ୍ୟ ହେଲେ। ଅବଶ୍ୟ ଏବେ ସେ ଆଖି ବନ୍ଦ କରି ସ୍କେଟିଂ କରିବା ବେଳେ ରୁବିକ୍ କ୍ୟୁବ୍ ସମାଧାନ କରିବା ଶିଖୁଛନ୍ତି। ଭାରତ ସମେତ ରୁବିକ୍ କ୍ୟୁବ୍‌ରେ ସେ ଜାପାନ, ଫ୍ରାନ୍ସ, ପୋଲାଣ୍ଡ ଆଦିର ଜାତୀୟ ପତାକା ତିଆରି କରିବା ଶିଖୁଛନ୍ତି। ଅନ୍ୟପଟେ ତାଙ୍କ ପରିବାର ଲୋକ ତାଙ୍କର ଭିଡିଓ ଓ ଅନ୍ୟାନ୍ୟ ତଥ୍ୟଗୁଡ଼ିକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡକୁ ପ୍ରଦାନ କରିଛନ୍ତି। ଏହାସହ ଗିନିଜ୍ ବିଶ୍ୱ ରେକର୍ଡରେ ଏନେଇ ଆବେଦନ କରିବାର ବି ସେମାନେ ଯୋଜନା ରଖିଛନ୍ତି।




## ସୁପରମାର୍କେଟର ଆକର୍ଷଣ ବିଶାଳ ପଥର

ସାଧାରଣତଃ ସପିଂ ମଲ୍‌ରେ ଅନେକ ଜିନିଷ ଦେଖିବାକୁ ମିଳିଥାଏ। ତା'ସହ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ କିଛି ନିଆରା ଜିନିଷ ରଖାଯାଏ। ହେଲେ ସପିଂ ମଲ୍ ଭିତରେ କେହି କେବେ ଏକ ବିଶାଳକାୟ ପଥର ଦେଖି ନ ଥିବେ। ଏସ୍ତୋନିଆର ହାବନେମେ ସହରର ଭିମସି ସପିଂ ସେଣ୍ଟରର ଆକର୍ଷଣ ସାଜିଛି ଏକ ବିଶାଳକାୟ ପଥର।

ସେହିପରି ଏହି ବିଶାଳ ପଥର ପାଇଁ ହିଁ ଉକ୍ତ ମଲ୍ ଖୁବ୍ ଲୋକପ୍ରିୟ। ପଥରଟି ସପିଂ ମଲ୍‌ର ମଝାମଝିରେ ରଖାଯାଇଛି। ପଥରର ମୋଟେଇ ୨୨ ମିଟର ହୋଇଥିବା ବେଳେ ଉଚ୍ଚତା ୬ ମିଟର। କିଣାକିଣି କରିବା ସମୟରେ ଏହି ପଥରଟି ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସପିଂ ସେଣ୍ଟର ନିର୍ମାଣ ହେବାର ଦୀର୍ଘ ବର୍ଷ ପୂର୍ବରୁ ଏହି ପଥର ଏଠାରେ ଥିଲା। ଏନେଇ ବିଶେଷଜ୍ଞମାନେ କୁହନ୍ତି, ଏହା ପ୍ରାୟ ୧୦ ହଜାର ବର୍ଷ ପୁରୁଣା। ସେପ୍ଟେମ୍ବର ୨୦୧୪ ମସିହାରେ ଯେତେବେଳେ ଏହି ମଲ୍‌ର ନିର୍ମାଣ ଆରମ୍ଭ ହେଲା, ଶ୍ରମିକମାନେ ପ୍ରଥମେ ଏହାକୁ ଡିନାମାଇଟ୍‌ରେ ଉଡ଼ାଇବାକୁ ଯୋଜନା କରିଥିଲେ। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏହି ବିଶାଳ ପଥରଟି ପ୍ରକୃତରେ ଏକ ଇରୋଟିକ୍ ବୋଲଡର। ଏହା ଅତ୍ୟନ୍ତ ଦୁର୍ଲଭ ପଥର। ଗ୍ଲେସିୟର୍ ତରଳିବା ସମୟରେ ଏଭଳି ବିଶାଳକାୟ ପଥର ଚଟ୍ଟାଣଗୁଡ଼ିକ ଦୂରଦୂରାନ୍ତକୁ ଭାସି ଆସିଥାନ୍ତି। ତେଣୁ ଏହା ସ୍ଥାନୀୟ ପଥରଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଥାଏ। ଏଥିପାଇଁ ଏହି ପଥରଗୁଡ଼ିକ ଉଭୟ ବୈଜ୍ଞାନିକ ଓ ଐତିହାସିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଖାସ୍ ଏଥିପାଇଁ ଏହି ପଥରଟିକୁ ସଂରକ୍ଷିତ ଐତିହ୍ୟସ୍ଥଳ ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଅନ୍ୟପଟେ ଭୂତତ୍ତ୍ୱବିତ୍‌ମାନେ ଏହାକୁ ସ୍ୱତନ୍ତ୍ର କହିବାରୁ ଲୋକମାନେ ମଧ୍ୟ ଏହି ପଥରକୁ ଏଠାରୁ ନ ହଟେଇବା ପାଇଁ ଏକାଠି ହେଲେ। ଏହାପରେ ସପିଂ ମଲ୍ ଭିତରେ ହିଁ ଏହି ପଥରଟିକୁ ରଖାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏବେ ଏହି ପଥରଟିକୁ ଦେଖିବାକୁ କେବଳ ସ୍ଥାନୀୟ ଲୋକେ ନୁହେଁ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସୁଛନ୍ତି।



# ସଞ୍ଜୀବନୀ




## ଟାଟ୍



ଆଜିକାଲି କାର୍ଯ୍ୟ ଚାପ ଓ ବ୍ୟସ୍ତବହୁଳତା ଯୋଗୁଁ ଶରୀରର ଯତ୍ନ ନେବା ପ୍ରାୟତଃଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଫଳରେ କିଛି ଜଣ ଦିନସାରା ଅଳସୁଆ, କ୍ଳାନ୍ତ ଏବଂ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ଥକ୍କାପଣକୁ ଅଧିକାଂଶ କାମ ଚାପ ଭାବି ଅଣଦେଖା ବି କରିଦିଅନ୍ତି। ତେବେ ସର୍ବଦା ଥକ୍କାପଣ ଅନୁଭବ କରୁଥିଲେ ଜଣେ ଟାଟ୍ (TATT) ରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଟାଟ୍ ଏପରି ଏକ ଟର୍ମ ଯାହା ସାହାଯ୍ୟରେ ଶରୀରରେ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍‌ର ଅଭାବ ବିଷୟରେ ଜଣାପଡ଼ିଥାଏ।

ଟାଟ୍‌ର ଅର୍ଥ ହେଉଛି 'ଟାୟାର୍ଡ ଅଲ୍ ଦ ଟାଇମ୍' ତଥା ସର୍ବଦା ଥକ୍କା ଅନୁଭବ କରିବା। ୟୁଏସଏ, ହାର୍ଭର୍ଡ ୟୁନିଭର୍ସିଟି ଏବଂ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଦ୍ୱାରା କରାଯାଇଥିବା ଗବେଷଣାରୁ ୟୁଏସ୍‌ଏରେ ୧୮% ଲୋକଙ୍କଠାରେ ଭିଟାମିନ୍ ବି-୧୨ଅଭାବ ଜନିତ ଲକ୍ଷଣ ଦେଖିବାକୁ ମିଳିଛି। ଏହା ଏକ ଗମ୍ଭୀର ସ୍ଥିତି। ଏଥିରେ ଥକ୍କା ଲାଗିବା, ଦୁର୍ବଳ ଅନୁଭବ, ସ୍ମରଣଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଇଥାଏ। ଥକ୍କାପଣ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହା ଫଳରେ ମନ ଖରାପ ହୁଏ। ଚିଡ଼ିଚିଡ଼ାପଣ ବଢ଼ିଯିବା ସହ ଅବସାଦ ହେବାର ଆଶଙ୍କା ଥାଏ। ଏହା ମୁଖ୍ୟତଃ ଭିଟାମିନ୍ ବି -୧୨ର ଅଭାବରୁ ହିଁ ହୋଇଥାଏ। ଭିଟାମିନ୍ ବି-୧୨ ଶରୀର ସହ ସ୍ନାୟୁ ପ୍ରଣାଳୀ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହାର ଅଭାବରୁ ରକ୍ତହୀନତା, ପ୍ଲେଟଲେଟ୍ କମିବା, ବିଭିନ୍ନ ରୋଗ, ଅନିଦ୍ରା, ଭୋକ ନ ଲାଗିବା, ଓଜନ ହ୍ରାସ, ଅସ୍ଥି ଓ ମାଂସପେଶୀରେ ଯନ୍ତ୍ରଣା ହେବା, ନଖ ଭାଙ୍ଗିବା, ହାତ ଗୋଡ଼ ଝିମ୍ ଝିମ୍ ଆଦି ହୋଇଥାଏ।

ତେଣୁ ଥକ୍କାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ ଭିଟାମିନ୍ ବି-୧୨ର ସପ୍ଲିମେଣ୍ଟ ଖାଇବା ଆବଶ୍ୟକ। ଡାଏଟ୍‌ରେ ପାଳଙ୍ଗ, ବିଟ୍, ବିନ୍ସ, ଡାଲି, ଦୁଗ୍ଧଜାତଦ୍ରବ୍ୟ, କଦଳୀ, ଦହି, ଛତୁ ଆଦି ସାମିଲ କରିପାରିବେ। ଏହା ଶରୀରରେ ରକ୍ତ ପରିମାଣ ବୃଦ୍ଧି କରି ଥକ୍କାପଣ ହ୍ରାସ କରେ। ଶରୀରକୁ ଶକ୍ତି ଯୋଗାଇଥାଏ।

## ବିଶ୍ୱ ଆଇଭିଏଫ୍ ଦିବସ




ମାତୃତ୍ୱ ଜଣେ ନାରୀ ଜୀବନରେ ହିଁ ପୂର୍ଣ୍ଣତା ଆଣିଦିଏ। 'ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ହେଲେ ପ୍ରତ୍ୟେକ ମହିଳା ସନ୍ତାନ ସୁଖ ଲାଭ କରିପାରନ୍ତିନି। ତେବେ ନିଃସନ୍ତାନ ମହିଳାଙ୍କୁ ମା' ହେବାର ସୌଭାଗ୍ୟ ପ୍ରଦାନ କରୁଛି ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍ ତଥା (ଆଇଭିଏଫ୍) କୌଶଳ। ଚିକିତ୍ସା କ୍ଷେତ୍ରରେ ଏହି କୌଶଳ ପ୍ରୟୋଗର ସଠିକ୍ ତଥ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୫ ତାରିଖରେ 'ବିଶ୍ୱ ଆଇଭିଏଫ୍ ଦିବସ' ପାଳନ କରାଯାଇଆସୁଛି। ଏହା ଲୁଇସ୍ ବ୍ରାଉନ୍‌ଙ୍କ ଜୟନ୍ତୀର ପ୍ରତୀକ। କାରଣ ୧୯୭୮ ମସିହାରେ ଆଇଭିଏଫ୍ ମାଧ୍ୟମରେ ଜନ୍ମ ଗ୍ରହଣ କରିଥିବା ସେ ବିଶ୍ୱର ପ୍ରଥମ ଟେଷ୍ଟଟ୍ୟୁବ୍ ସନ୍ତାନ।

ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍(ଆଇଭିଏଫ୍) ଏକପ୍ରକାର ସହାୟକ ପ୍ରଜନନ କୌଶଳ। ଟେଷ୍ଟଟ୍ୟୁବ୍ ଶିଶୁ ଭାବେ ଏହା ଜଣାଶୁଣା। ଯେତେବେଳେ ପ୍ରାକୃତିକ ଗର୍ଭଧାରଣ ସମ୍ଭବ ହୁଏ ନାହିଁ ତଥା ବାରମ୍ବାର ବିଫଳ ହୋଇଥାଏ, ଫାଲୋପିଆନ ଟ୍ୟୁବ୍ ବନ୍ଦ ହେଲେ, କମ୍ ସଂଖ୍ୟକ ଓ ଦୁର୍ବଳ ଶୁକ୍ରାଣୁ, ଶୁକ୍ରାଣୁ ସକ୍ରିୟ ନ ଥିଲେ କିମ୍ବା ଅଧିକ ବୟସରେ ମା' ହେବା ଆଦି ବିଭିନ୍ନ ସ୍ଥିତିରେ ଆଇଭିଏଫ୍ କୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଏ। ଆଇଭିଏଫ୍ କରିବା ପୂର୍ବରୁ ନିଃସନ୍ତାନ ଦମ୍ପତ୍ତିଙ୍କ ଅନେକ ପରୀକ୍ଷା ଯଥା- ମହିଳାଙ୍କ ପାଇଁ ଓଭ୍ୟୁଲେସନର ମୂଲ୍ୟାଙ୍କନ, ଫାଲୋପିଆନ୍ ଟ୍ୟୁବ୍ ପରୀକ୍ଷା, ଗର୍ଭାଶୟ ଗୁହର ମୂଲ୍ୟାଙ୍କନ, ଏକ ମୌଳିକ ହରମୋନ୍ ପ୍ରୋଫାଇଲ୍ ଏବଂ ପୁରୁଷମାନଙ୍କ ପାଇଁ ଶୁକ୍ରାଣୁ ବିଶ୍ଳେଷଣ ପରି ପ୍ରାଥମିକ ପରୀକ୍ଷା କରାଯାଇଥାଏ। ଆଇଭିଏଫ୍ ପ୍ରକ୍ରିୟାରେ ଏକ ପରୀକ୍ଷାଗାରରେ ଏକ ପରିପକ୍ୱ ଡିମ୍ବାଣୁକୁ ଶୁକ୍ରାଣୁ ସହିତ ପ୍ରଜନନ କରାଯାଏ। ଏହା ପରେ ଭ୍ରୁଣକୁ ଗର୍ଭାଶୟକୁ ସ୍ଥାନାନ୍ତରିତ କରାଯାଏ। ସ୍ଥାନାନ୍ତରଣ କରିବାର ପାଖାପାଖି ଦୁଇ ସପ୍ତାହ ପରେ କିଛି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ। ତେବେ ପ୍ରଶିକ୍ଷିତ ପ୍ରଜନନ ବିଶେଷଜ୍ଞଙ୍କ ପରାମର୍ଶରେ ଏହି ଚିକିତ୍ସା ପଦ୍ଧତି ଆପଣାଇବା ନିତାନ୍ତ ଆବଶ୍ୟକ। ଆଇଭିଏଫ୍‌କୁ ମୁଖ୍ୟତଃ ସୁରକ୍ଷିତ ବିବେଚନା କରାଗଲେ ମଧ୍ୟ ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଯେମିତିକି- ପେଟଜନିତ ସମସ୍ୟା, ବିଚଳିତ ଲାଗିବା, ହର୍ମୋନାଲ ଅସନ୍ତୁଳନ, ମୁଣ୍ଡବିନ୍ଧା ଆଦି ଦେଖାଯାଇଥାଏ। ତେଣୁ ରୋଗୀର ବୟସ, ଚିକିତ୍ସା ପ୍ରକାର ତଥା ପ୍ରତିକ୍ରିୟା ଆଧାରରେ ଚିକିତ୍ସା କରାଯାଏ।

## ସୁଗାର ବ୍ରେଥ୍ ଆନାଲାଇଜର

### ନିଃଶ୍ୱାସରୁ ଜାଣି ହେବ ରକ୍ତ ଶର୍କରା ସ୍ତର




ଅନିୟମିତ ଓ ଅନିୟନ୍ତ୍ରିତ ଜୀବନଶୈଳୀ, କାର୍ଯ୍ୟ ଚାପ, ଅନିଦ୍ରା, ଦୁଶ୍ଚିନ୍ତା , ଯୋଗ ବ୍ୟାୟାମର ଅଭାବ ଆଦି କାରଣରୁ ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ଯେକୌଣସି ବୟସର ବ୍ୟକ୍ତି ଏହି ରୋଗର ପୀଡ଼ିତ ହେଉଛନ୍ତି। ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ତେଣୁ ଶର୍କରାସ୍ତର ଜାଣିବା ପାଇଁ ସାଧାରଣତଃ ରକ୍ତ ବାହାର କରି ଗ୍ଲୁକୋମିଟର ସାହାଯ୍ୟରେ ପରୀକ୍ଷା କରିବାକୁ ପଡ଼ିଥାଏ। ହେଲେ ଏବେ ଶରୀରରୁ ରକ୍ତ ବାହାର ନ କରି ତଥା ବିନା ଛୁଞ୍ଚି ପ୍ରୟୋଗରେ ରକ୍ତ ଶର୍କରା ସ୍ତର ଜାଣିହେବ। ମଧ୍ୟପ୍ରଦେଶ, ଜଟାଶଙ୍କର ତ୍ରିବେଦୀ ଶାସକୀୟ ମହାବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରମିଳିତ ଭାବେ ଏକ ଉପକରଣ ବିକଶିତ କରିଛନ୍ତି। ଏହାର ନାଁ ରହିଛି ସୁଗାର ବ୍ରେଥ୍ ଏନାଲାଇଜର ତଥା ସୁଗାର ବ୍ରେଥ୍ ଏସି ୩.୦। ଏହି ଉପକରଣ ଥରେ ଫୁଙ୍କିଲା ମାତ୍ରେ ନିଃଶ୍ୱାସରୁ ରକ୍ତ ଶର୍କରାର ମାତ୍ରା କେତେ ରହିଛି ତାହା କିଛି ସେକେଣ୍ଡରେ ଜଣାପଡ଼ିଥାଏ। ଉପକରଣଟି ନିଃଶ୍ୱାସରେ ଥିବା ଏସିଟୋନର ପରିମାଣକୁ ବିଶ୍ଳେଷଣ କରିଥାଏ। ସାଧାରଣତଃ ଶରୀରରେ ରକ୍ତ ସର୍କରାସ୍ତର ବଢ଼ିଗଲେ, ଏସିଟୋନ ମାତ୍ରା ମଧ୍ୟ ବଢ଼ିଯାଏ। ତେବେ ଏହି ମେସିନ୍‌ରେ ତିନି ପ୍ରକାରର ସୂଚକ ରହିଛି। ତେଣୁ ଏହି ମେସିନ୍‌କୁ ଫୁଙ୍କିଲେ ଏହା ଏସିଟୋନ୍‌ର ମାତ୍ରାକୁ ମାପି ସର୍କରାସ୍ତର ଯଥା- ରକ୍ତ ଶର୍କରାସ୍ତର କମ୍, ମଧ୍ୟମ ଏବଂ ଅତ୍ୟଧିକ ଅଛି କି ନାହିଁ ତାହାର ଅନୁମାନ ଲଗାଇପାରିବ। ରକ୍ତଶର୍କରାସ୍ତର ଅଧିକ ଥିଲେ ମଧୁମେହ ହେବା ଆଶଙ୍କା ବଢ଼ାଇଥାଏ।

## ଡିଟକ୍ସ ଫ୍ରୁଟ୍

**ମନୁଷ୍ୟ ଶରୀରର ଯକୃତ ଏବଂ ବୃକ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶରୀରର ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ଯକୃତ ଏବଂ ବୃକ୍କ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଲେ ଜଣେ ସୁସ୍ଥ ଓ ନୀରୋଗ ରହିପାରିବ। ଏଥିପାଇଁ ଡାଏଟ୍‌ରେ ଡିଟକ୍ସ ଫ୍ରୁଟ୍ସ ସାମିଲ କରିପାରିବେ।**


ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ। ଏହା ପାଚନତନ୍ତ୍ରକୁ ଠିକ୍ ରଖେ। ଯକୃତକୁ ଶୁଦ୍ଧ କରିଥାଏ। ଏଥିରେ ଥିବା ଏନ୍‌ଜାଇମ୍ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସହାୟକ ହୋଇଥାଏ। ତେଣୁ ଦୈନିକ ଅମୃତ ଭଣ୍ଡା ଖାଇପାରିବେ। ସେହିପରି ଭୂଇଁ ଅଁଳା ରସ ୧୦ ମିଲିକୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତ୍ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଥାଏ। ଶରୀରରୁ ବିଷାକ୍ତ ପଦାର୍ଥ କାଢ଼ିବାରେ ଅଁଳା, ବାହାଡ଼ା ଓ ହରିଡାର ଭୂମିକା ମଧ୍ୟ ଯଥେଷ୍ଟ ରହିଛି।

ଲାଲ୍ ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଭରପୁର ଥାଏ। ଏହା ଯକୃତ୍ ଏବଂ ବୃକ୍କକୁ ସଫା କରିବାରେ ସାହାଯ୍ୟ କରେ। ଏହା ରକ୍ତ ସଫା କରିଥାଏ। ତେଣୁ ବୃକ୍କ ଏବଂ ଯକୃତଜନିତ ସମସ୍ୟା ଥିବା ଲୋକଙ୍କ ପାଇଁ ଏହା ସବୁଠୁ ଭଲ ଫଳ।

ଡାଳିମ୍ବ ରକ୍ତ ବୃଦ୍ଧି କରିବା ସହ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଏଥିରେ ଥିବା ପୋଷକତତ୍ତ୍ୱ ଯକୃତ ଏବଂ ବୃକ୍କକୁ ଶକ୍ତି ଯୋଗାଇବା ସହ ସୁସ୍ଥ ରଖିଥାଏ।

ଆଭୋକାଡୋକୁ ସୁପରଫୁଡ ବୋଲି ବିବେଚନା କରାଯାଏ। ଏଥିରେ ଫ୍ୟାଟ୍ ଏବଂ ଗ୍ଲୁଟାଥିୟୋନ ନାମକ ତତ୍ତ୍ୱ ଥିବାରୁ ଏହା ଯକୃତ୍‌କୁ ସଫା କରିବାରେ ସାହାଯ୍ୟ କରେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଫଳ ଖାଇବା ଆବଶ୍ୟକ। ଅନ୍ୟପଟେ ଲେମ୍ବୁରେ ଭିଟାମିନ୍ ସି ଭରପୁର ମାତ୍ରା ଥାଏ। ଏହା ମଧ୍ୟ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ତେଣୁ ନିୟମିତ ଲେମ୍ବୁ ପାଣି ପିଇବା ସହିତ ଡାଏଟରେ କମଳା ସାମିଲ କରିପାରିବେ।





# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ପନ୍ତଙ୍କ ଅଦମ୍ୟ ସାହସ: ଆହତ ସତ୍ତ୍ୱେ ଅର୍ଦ୍ଧଶତକ

ଓଲ୍ଡ ଟ୍ରାଫୋର୍ଡ, ୨୪।୭ (ଏଜେନ୍ସି): ଏହି ଟେଷ୍ଟର ପ୍ରଥମ ଦିନରେ ଆହତ ହୋଇ ରିଟାୟର୍ଡ ହର୍ଟ ହୋଇଥିବା ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ ସାହସ ପ୍ରଦର୍ଶନ କରି ଦ୍ୱିତୀୟ ଦିନରେ ବ୍ୟାଟିଂ କରିଥିଲେ। କ୍ରିସ୍ ଓକ୍ସଙ୍କ ବୋଲିଂରେ ପନ୍ତ ବ୍ୟାଟିଂ କରୁଥିଲାବେଳେ ତାଙ୍କ ବ୍ୟାଟ ବୁଢ଼ା ଆଙ୍ଗୁଠିରେ ଜୋର୍‌ରେ ବାଜିଥିଲା। ଏହାର ଅଳ୍ପ ସମୟ ପରେ ତାଙ୍କୁ ରିଟାୟର୍ଡ ହର୍ଟ ହେବାକୁ ପଡ଼ିଥିଲା। ସ୍କାନ୍ ରିପୋର୍ଟରୁ ଏହି ଆଘାତ ସମସ୍ୟାକୁ ମୁକୁଳିବା ଲାଗି ଅତି କମ୍‌ରେ ୨ ମାସ ସମୟ ଲାଗିବ। ଏହା ଫଳରେ ଏହି ଟେଷ୍ଟରେ ସେ ଆଉ ୱିକେଟ କିପିଙ୍ଗ କରିବେ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିଥିଲା। କିନ୍ତୁ ସେ ଭାରତର ଅସମାପ୍ତ ପ୍ରଥମ ଇନିଂସରେ ବ୍ୟାଟିଂ କରିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଉପରେ ଛାଡିଦିଆଯାଇଥିଲା। ଆଜି ଦ୍ୱିତୀୟ ଦିନରେ ଶାର୍ଦ୍ଦୁଳ ଠାକୁର ଦଳୀୟ ସ୍କୋର ୩୧୪ ରନ୍‌ରେ ଆଉଟ ହେବା ପରେ ସମସ୍ତଙ୍କୁ ଚକିତ କରି ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ତାଙ୍କ କରତାଳି ମାରି ସ୍ୱାଗତ କରିଥିଲେ। ସେ ତାଙ୍କ ସାହସ ପ୍ରଦର୍ଶନ କରି ୱିକେଟ ମଝିରେ ଦୌଡ଼ି ପାରି ନ ଥିଲେ ମଧ୍ୟ ଚୌକା ଓ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ଗତକାଲି ସେ ୪୮ ବଲ୍‌ରେ ୩୭ ରନ୍ କରି ରିଟାୟର୍ଡ ହୋଇଥିଲେ। ଆଜି ସେ ଆଉ ୨୩ଟି ବଲ୍‌ର ସମ୍ମୁଖୀନ ହୋଇ ଥିଲେ। ସେ ୬୯ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ମୋଟ ୭୫ ବଲ୍ ଖେଳି ୫୪ ରନ୍‌ରେ ଜୋଫ୍ରା ଆର୍ଚରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ।

### ଟେଷ୍ଟ ସିରିଜ୍‌ରେ ସର୍ବାଧିକ ଅର୍ଦ୍ଧଶତକ

ଏହି ଟେଷ୍ଟରେ ପନ୍ତ ୫୪ ରନ୍‌ରେ ଆଉଟ ହେବା ପୂର୍ବରୁ ଜଣେ ଭାରତୀୟ ୱିକେଟ ରକ୍ଷକ ଭାବେ ବିଦେଶ ମାଟିରେ ସର୍ବାଧିକ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲେ। ଚଳିତ ସିରିଜ୍‌ରେ ପନ୍ତଙ୍କ ଏହା ଥିବା ୫ମ ଥର ୫୦ରୁ ଅଧିକ ସ୍କୋର। ଏହା ମଧ୍ୟରେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ସେହିପରି ବିଦେଶ ମାଟିରେ ଭାରତର ଆଉ ୨ଜଣ ୱିକେଟ ରକ୍ଷକ ଫାରୁକ୍ ଇଞ୍ଜିନିୟର ୧୯୭୨/୭୩ ଇଂଲଣ୍ଡ ଟୁର୍ ଓ ମହେନ୍ଦ୍ର ସିଂ ଧୋନି ୨ଥର ୪ଟି ଲେଖାଏଁ ୫୦ରୁ ଅଧିକ ସ୍କୋର କରିଥିଲେ। ୨୦୦୮-୦୯ ଅଷ୍ଟ୍ରେଲିଆ ଓ ୨୦୧୪ ଇଂଲଣ୍ଡ ଟୁର୍‌ରେ ଧୋନିଙ୍କୁ ଏହି ସଫଳତା ମିଳିଥିଲା।

ଜବରଦସ୍ତ ଫର୍ମରେ ଥିବା ପନ୍ତ ଏହି ଟୁର୍‌ରେ ଜଣେ ୱିକେଟ ରକ୍ଷକ ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ୪୭୯ ରନ୍ କରି ଇଂଲଣ୍ଡ ୱିକେଟକିପର ଆଲେକ ଷ୍ଟିୱାର୍ଟଙ୍କ ୪୬୪ ରନ୍‌ର ରେକର୍ଡ ଅତିକ୍ରମ କରିଛନ୍ତି। ପନ୍ତଙ୍କ ଶେଷ ଟେଷ୍ଟ ଖେଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କ ଭଳି ଇଂଲଣ୍ଡ ୱିକେଟ ରକ୍ଷକ ଜେମି ସ୍ମିଥ୍ ଜବରଦସ୍ତ ଫର୍ମରେ ଥାଇ ୪୧୫ ରନ୍ କରିଛନ୍ତି।

**୮ ବର୍ଷ ପରେ ଷ୍ଟୋକ୍ସଙ୍କୁ ମିଳିଲା ୫ ୱିକେଟ; ଡକେଟ ୯୪ ଓ କ୍ରାଲୀ ୮୪**

# ଭାରତକୁ ଇଂଲଣ୍ଡର ଲଢୁଆ ଜବାବ

ଓଲ୍ଡ ଟ୍ରାଫୋର୍ଡ,୨୪।୭ (ଏଜେନ୍ସି):

ବେନ୍ ଡକେଟଙ୍କ ୯୪ ଓ ଜ୍ୟାକ୍ କ୍ରାଲୀଙ୍କ ୮୪ ରନ୍ ଏବଂ ଏମାନଙ୍କ ଓପନିଂ ପାର୍ଟନରସିପ୍‌ରୁ ୧୬୬ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ଭାରତକୁ କଡ଼ା ଜବାବ ଦେଇଛି ଇଂଲଣ୍ଡ। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ସ୍କୋର ୩୫୮ ରନ୍‌ର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଇଂଲଣ୍ଡ ୨ ୱିକେଟରେ ୨୨୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଓଲି ପୋପ୍ ୨୦ ଓ ଜୋ ରୁଟ୍ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ଅଂଶୁଲ କାମ୍ବୋଜ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ପୂର୍ବରୁ ୮ ବର୍ଷର ବ୍ୟବଧାନ ପରେ ବେନ୍ ଷ୍ଟୋକ୍ସ ଗୋଟିଏ ଇନିଂସରେ ୫ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ଘରୋଇ ମାଟିରେ ୧୯୮୩ରେ ବବ୍ ୱିଲ୍ସ (୫/୩୫)ଙ୍କ ପରେ ଇଂଲଣ୍ଡ ଅଧିନାୟକ ଭାବେ ଷ୍ଟୋକ୍ସ ଗୋଟିଏ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ପୂର୍ବରୁ ଭାରତର ପ୍ରଥମ ଇନିଂସରେ ଆଜି ଦ୍ୱିତୀୟ ଦିନରେ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ଆହତ ସତ୍ତ୍ୱେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ୫୪, ଶାର୍ଦ୍ଦୁଳ ଠାକୁର ୪୧ ଓ ୱାଶିଂଟନ ସୁନ୍ଦର ୨୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସଙ୍କ ୫ ୱିକେଟ ବ୍ୟତୀତ ଜୋଫ୍ରା ଆର୍ଚରଙ୍କୁ ୩ଟି ୱିକେଟ ମିଳିଛି। ଏହି ଟେଷ୍ଟ ସିରିଜ୍‌ରେ ତୃତୀୟ ମ୍ୟାଚ୍ ଶେଷ ସୁଦ୍ଧା ଭାରତ ୧-୨ରେ ପଛୁଆ ରହିଛି।



ଚତୁର୍ଥ ଟେଷ୍ଟ ୨ୟ ଦିନ

### ଠାକୁର-ସୁନ୍ଦରଙ୍କ ଚମତ୍କାର ପାର୍ଟନରସିପ୍

ଏହି ଟେଷ୍ଟର ଦ୍ୱିତୀୟ ଦିନ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୨୬୪ ରନ୍‌ରୁ ଖେଳ ଆରମ୍ଭ କରି ୱିକେଟ ହରାଥିଲା। ଇଂଲଣ୍ଡ ଦ୍ୱିତୀୟ ନୂଆ ବଲ୍ ନେବା ପରେ ଜୋଫ୍ରା ଆର୍ଚର ବୋଲିଂ କରିଥିବା ପ୍ରଥମ ଓଭରର ପ୍ରଥମ ୩ଟି ବଲ୍‌ରେ ଦୁଇ ଅପରାଜିତ ବ୍ୟାଟର ଜାଡେଜା ଓ ଠାକୁର ଆଉଟ ହେବାର ୩ଟି ସୁଯୋଗ ଦେଇଥିଲେ। କିନ୍ତୁ ୫ମ ବଲ୍‌ରେ ସେ ଜାଡେଜାଙ୍କ ବ୍ୟାଟ୍‌ରେ ଏଜ୍ କରାଇ ୱିକେଟ ନେବାରେ ସମର୍ଥ ହୋଇଥିଲେ। ସେ ପୂର୍ବଦିନର ସ୍କୋରରେ ଆଉ ଗୋଟିଏ ରନ୍ ଯୋଡି ୨୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଠାକୁରଙ୍କ ସହ ଯୋଗଦେଇ ୱାଶିଂଟନ ସୁନ୍ଦର ୧୦୧ଟି ବଲ୍‌ର ସାମ୍ନା କରି ୪୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ୩୦୦ ରନ୍ ମାର୍କ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ବ୍ୟାଟର ୧୫ ଓଭର ଲେଖାଏଁ କ୍ରିଜ୍‌ରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଠାକୁର ୮୮ଟି ବଲ ଖେଳି ୫ ଚୌକା ସହ ୪୧ ଓ ସୁନ୍ଦର ୯୦ ବଲ୍ ଖେଳି ୨ ଚୌକା ସହ ୨୭ ରନ୍ କରିଥିଲେ। ଆହତ ହୋଇ ଗତକାଲି ୩୭ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ପନ୍ତ ବ୍ୟାଟିଂ କରିବାକୁ ଆସି ଆଉ ୧୭ ରନ୍ ଯୋଗ କରିଥିଲେ। ତାଙ୍କର ସାହସିକ ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଇନିଂସରେ ୩୫୦ ରନ୍ ଅତିକ୍ରମ କରିଥିଲା।

### ବେନ୍‌ଙ୍କ ଚତୁର ବୋଲିଂ

ଏହି ଟେଷ୍ଟରେ ଯାହା ପୂର୍ବାନୁମାନ କରାଯାଉଥିଲା, ତାହା ହେଲା ନାହିଁ। ବଲ ସୁଇଂ ହେଲାନି କିମ୍ବା ବର୍ଷା ହେଲା ନାହିଁ। ପିଚ୍‌ରୁ ସହାୟତା ମିଳି ନ ଥିଲେ ମଧ୍ୟ ଇଂଲଣ୍ଡ ଦଳ ତାହାର ରଣନୀତି ବଦଳାଇ ଶେଷଭାଗ ବ୍ୟାଟରଙ୍କୁ ସଟ୍ ପିଚ୍ ବଲରେ ଲୋଭନୀୟ ସଟ ଖେଳିବାକୁ ବାଧ୍ୟ କରିଥିଲେ। ଗତକାଲି ଷ୍ଟୋକ୍ସଙ୍କ ସର୍ଟପିଚ୍ ବଲ୍‌କୁ ପୁଲ କରିବାକୁ ଯାଇ ସୁଦର୍ଶନ ଓ ଆଜି ସୁନ୍ଦର ଆଉଟ ହୋଇଥିଲେ। ଗୋଟିଏ ପଟେ ନିରନ୍ତର ଭାବେ ଷ୍ଟୋକ୍ସ ଏଭଳି ବୋଲିଂ କରିବା ଫଳରେ ଭାରତ ତାହାର ଶେଷ ୫ ୱିକେଟ ୪୪ ରନ୍ ମଧ୍ୟରେ ହରାଇଥିଲା। ଏହା ମଧ୍ୟରୁ ଷ୍ଟୋକ୍ସ ୩ଟି ଓ ଆର୍ଚର ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ ୩ଟି ବଲ୍‌ରେ ଶୂନ, ତୃତୀୟ ଟେଷ୍ଟରେ ସାହସିକ ବ୍ୟାଟିଂ କରିଥିବା ଯଶପ୍ରୀତ୍ ବୁମ୍‌ରା ୭ ବଲ୍‌ରେ ୪ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସଙ୍କୁ ସର୍ବାଧିକ ୫ଟି ଓ ଆର୍ଚରଙ୍କୁ ୩ଟି ୱିକେଟ ମିଳିଥିଲା। କ୍ରିସ୍ ଓକ୍ସ ଓ ଲିଆନ ଡାଓ୍ୱସନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୩୫୮/୧୦, ୧୧୪.୧ ଓଭର (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

ଇଂଲଣ୍ଡ ପ୍ରଥମ ଇନିଂସ : ୨୨୫/୨, ୪୬ ଓଭର (ଡକେଟ-୯୪, କ୍ରାଲୀ-୮୪, ପୋପ୍- ୨୦*, ରୁଟ୍- ୧୧* ଜାଡେଜା-୧/୩୭, କାମ୍ବୋଜ-୧/୪୮)।

**ମହିଳା ଚେସ ବିଶ୍ୱକପ୍**

## ଫାଇନାଲରେ ହମ୍ପି-ଦିବ୍ୟା ମୁକାବିଲା

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ଦିବ୍ୟା ଦେଶମୁଖ ଓ ଅଭିଜ୍ଞ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପ୍ରଥମଥର ଭାରତର ଦୁଇ ଖେଳାଳି ଫାଇନାଲ ଖେଳିବାରେ ଇତିହାସ ସୃଷ୍ଟି କରିଛନ୍ତି। ଏମାନଙ୍କ ପୂର୍ବରୁ କେହି ସେମିଫାଇନାଲ ଖେଳି ନ ଥିଲେ। ଗତ ସଂସ୍କରଣରେ ତାନିଆ ସଚଦେବା କ୍ୱାର୍ଟର ଫାଇନାଲରେ ପରାଜିତ ହେବା ଭାରତ ଲାଗି ଥିଲା ଶ୍ରେଷ୍ଠ ସଫଳତା।





ଜର୍ଜିଆର ବାଟୁମିଠାରେ ଚାଲିଥିବା ମହିଳା ଚେସ୍ ବିଶ୍ୱକପ୍‌ର ବୁଧବାର ରାତିରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ସେ ଚୀନ୍‌ର ତାନ୍ ଝୋଙ୍ଗୟିଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରି ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହ ୧୯ ବର୍ଷୀୟା ଦିବ୍ୟା ମଧ୍ୟ ସର୍ବକନିଷ୍ଠ ଫାଇନାଲିଷ୍ଟ ହେବା ସହ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। କିନ୍ତୁ କୋନେରୁ ହମ୍ପି ଓ ଚୀନ୍‌ର ଆଉ ଜଣେ ଖେଳାଳି ଲେଇ ତିଙ୍ଗ୍‌ଜିଏଙ୍କ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ କ୍ଲାସିକ୍ ମୁକାବିଲା ୧-୧ ପଏଣ୍ଟରେ ଡ୍ର ରହିଥିଲା। ଏହା ଫଳରେ ଫଳାଫଳ ଜାଣିବା ଲାଗି ରାପିଡ୍ ଓ ବ୍ଲିଜ୍‌ରେ ଟାଇବ୍ରେକର ମୁକାବିଲା ହୋଇଥିଲା। ଏଥିରେ ହମ୍ପି ସହଜରେ ଲେଇଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଭାରତର ଦୁଇ ଖେଳାଳି ଦିବ୍ୟା ଓ ହମ୍ପିଙ୍କ ମଧ୍ୟରେ ଫାଇନାଲ ଖେଳାଯିବ। ଫାଇନାଲରେ ଉଭୟ ଖେଳାଳିଙ୍କ ପ୍ରବେଶ କରିବା ଅର୍ଥ ଉଭୟ କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ସେମିଫାଇନାଲରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ହେବା ଫଳରେ ପ୍ରଥମଥର ଜଣେ ଭାରତୀୟ ମହିଳା ବିଶ୍ୱଚାମ୍ପିଅନ ହେବା ସ୍ପଷ୍ଟ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଜୁଲାଇ ୨୬ ଓ ୨୭ରେ ଖେଳାଯିବ। ଆବଶ୍ୟକ ହେଲେ ଜୁଲାଇ ୨୮ରେ ଟାଇବ୍ରେକର ମୁକାବିଲା ଖେଳାଯିବ।

## ୨୦୨୬ ଏସିଆନ ଗେମ୍ସରେ କ୍ରିକେଟ୍ ସାମିଲ

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଜାପାନରେ ଆସନ୍ତାବର୍ଷ ଆୟୋଜିତ ହେବାକୁ ଥିବା ଏସିଆନ୍ ଗେମ୍ସର ବିଂଶତମ ସଂସ୍କରଣରେ କ୍ରିକେଟ୍ ସାମିଲ ହୋଇଛି। ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଏଥିରେ ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୮ଟି ଏସୀୟ ଦଳ ଅଂଶଗ୍ରହଣ କରିବେ। ଫଳରେ ଏସିଆନ ଗେମ୍ସ ଇତିହାସରେ ୪ର୍ଥ ଥର ଲାଗି କ୍ରିକେଟ୍ କ୍ରିକେଟ୍ ଖେଳାଯିବ। ୨୦୧୦ ସଂସ୍କରଣରେ ପ୍ରଥମଥର କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ୨୦୨୩ରେ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ଚାମ୍ପିଅନ ହୋଇଥିଲା। ଏସିସିରେ ୩ଟି ନୂଆ ରାଷ୍ଟ୍ର ମଙ୍ଗୋଲିଆ, ଉଜବେକିସ୍ତାନ ଓ ଫିଲିପାଇନ୍ସକୁ ସାମିଲ କରାଯାଇଥିବା ଜଣାପଡ଼ିଛି।

**୨୦୨୬ରେ ପୁଣି ଇଂଲଣ୍ଡ ଯିବ ଭାରତ**

## ଏଥର ଖେଳିବ ୮ ସୀମିତ ଓଭର ମ୍ୟାଚ୍

ଲଣ୍ଡନ,୨୪।୭ (ଏଜେନ୍ସି): ଏବେ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଥିବା ଭାରତୀୟ କ୍ରିକେଟ ଦଳ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ପୁଣିଥରେ ଏହି ଦେଶ ଗସ୍ତରେ ଯିବ। ଏଥର ଦଳ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ରହିଛି ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍। ଇଂଲଣ୍ଡର ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଏହା ଜଣାପଡ଼ିଛି। ଏହି ସିରିଜ୍ ୨୦୨୬ ଜୁଲାଇ ୧ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବ।

**ଖେଳସୂଚୀ : ଟି-୨୦ (୫)**

**ଜୁଲାଇ ୧:** ପ୍ରଥମ ଟି-୨୦, ଡରହାମ, **ଜୁଲାଇ ୪:** ଦ୍ୱିତୀୟ ଟି-୨୦, ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର, **ଜୁଲାଇ ୭:** ତୃତୀୟ ଟି-୨୦, ଟ୍ରେଣ୍ଟବ୍ରିଜ୍, ନଟିଂହାମ୍, **ଜୁଲାଇ ୯:** ଚତୁର୍ଥ ଟି-୨୦, ବ୍ରିଷ୍ଟୋଲ, **ଜୁଲାଇ ୧୧:** ପଞ୍ଚମ ଟି-୨୦, ସାଉଥାମ୍ପଟନ।

**ଖେଳସୂଚୀ : ଦିନିକିଆ (୩)**

**ଜୁଲାଇ ୧୪:** ପ୍ରଥମ ଦିନିକିଆ, ଏଜବାଷ୍ଟନ, ବର୍ମିଂହାମ୍, **ଜୁଲାଇ ୧୬:** ଦ୍ୱିତୀୟ ଦିନିକିଆ, ସୋଫିଆ ଗାର୍ଡେନ୍ସ, କାର୍ଡିଫ୍, **ଜୁଲାଇ ୧୯:** ତୃତୀୟ ଦିନିକିଆ, ଲର୍ଡ୍ସ, ଲଣ୍ଡନ।

**■ ସାହାଣୀ କପ୍-୨୦୨୫**

## କ୍ୱାର୍ଟରରେ ବରଗଡ଼-ସମ୍ବଲପୁର



କଟକ,୨୪।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ବୌଦ୍ଧ ଜୋନ୍‌ର ଦୁଇ ଦଳ ବରଗଡ଼ ଏବଂ ସମ୍ବଲପୁର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ୩ଟି ଜୋନ୍‌ର କ୍ୱାର୍ଟର ଫାଇନାଲ ରାଉଣ୍ଡ ଶେଷ ହୋଇଥିବାବେଳେ ୪ର୍ଥ ଦଳକୁ ଅପେକ୍ଷା ରହିଛି। ଗୁରୁବାର ବୌଦ୍ଧ ଜୋନ୍‌ରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ସମ୍ବଲପୁର ୩-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଛବିଳ କିଶାନ, ବିଜୁ ଓରାମ, ସନ୍ତୋଷ ମୁଣ୍ଡା ଗୋଲ୍ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ୨-୧ ଗୋଲ୍‌ରେ ବଲାଙ୍ଗିରକୁ ହରାଇଛି। କନ୍ଧମାଳର ସେଖ ଫରିଦ ଏବଂ ଦେବାଶିଷ ରାମ ମାରାଣ୍ଡି, ବଲାଙ୍ଗିରର ସମ୍ବିତ ନାଏକ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

**▶▶ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ଫାଇନାଲରେ ସୀମା, ସମରଦୀପ୍



ଭୁବନେଶ୍ୱର, ୨୪।୭ (ସମିସ):

ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ପୁରୁଷ ସଟ୍ ପୁଟ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ସମରଦୀପ୍ ସିଂହ ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସେ ୧୯.୧୦ ମିଟର ଫିଙ୍ଗିଥିଲେ। ସେହିଭଳି ମହିଳା ୫୦୦୦ ମିଟର ରେସ୍‌ରେ ସୀମା ୧୫ ମିନିଟ୍ ୫୫.୩୩ ସେକେଣ୍ଡରେ ରେସ୍ ଶେଷ କରି ନିଜ ହିଟ୍ସରେ ୩ୟ ସ୍ଥାନରେ ରହିଥିଲେ। ଏଥିସହ ସେ ମଧ୍ୟ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଟେନିସରେ ବୈଷ୍ଣବୀ ଅଦକର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଅପରପକ୍ଷରେ ତୀରନ୍ଦାଜୀର କମ୍ପାଉଣ୍ଡ ବିଭାଗରେ ଭାରତ ୨ଟି ପଦକ ଲଢ଼େଇ ରାଉଣ୍ଡରେ ପହଞ୍ଚିଛି। ପୁରୁଷ କମ୍ପାଉଣ୍ଡ ଦଳ ଫାଇନାଲରେ ପହଞ୍ଚି ପଦକ ନିଶ୍ଚିତ କରିଛି। ସେହିଭଳି ମହିଳା ଦଳ ଶୁକ୍ରବାର କାଂସ୍ୟ ପଦକ ଲାଗି ଲଢ଼େଇ କରିବ। ଏହି ପ୍ରଭାବୀ ପ୍ରଦର୍ଶନ ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

**ଡ. ବିସି ରାୟ ଟ୍ରଫି**

## ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ

କଟକ, ୨୪।୭ (ସମିସ): ପଞ୍ଜାବର ଅମୃତସରରେ ଚାଲିଥିବା କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିର ଅନ୍ତିମ ଲିଗ୍‌ରେ ଓଡ଼ିଶା ବିଜୟ ହାସଲ କରିଛି। ଗୁରୁବାର ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଶେଷ ଲିଗ୍‌ରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ହରାଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ପରେ ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଅଧିନାୟକ ଅମନ ଲାକ୍ରା ଏକମାତ୍ର ଗୋଲସ୍କୋର କରିଥିଲେ। ତେବେ ପ୍ରତିଯୋଗିତାରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। କର୍ଣ୍ଣାଟକ ଓ ମଣିପୁର ବିପକ୍ଷ ପ୍ରଥମ ଦୁଇ ଲିଗ୍ ମ୍ୟାଚରେ ଦଳ ପରାଜୟର ସମ୍ମୁଖୀନ ହୋଇଥିଲା।



## ଉଷୁ ଖେଳାଳି ପ୍ରେମ ଓ ରାଜକୁମାରଙ୍କୁ ସମ୍ମାନିତ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୪।୭ (ସମିସ): ଜିନ୍ଦଲ ଫାଉଣ୍ଡେସନ ଉଷୁ ତାଲିମ କାର୍ଯ୍ୟକ୍ରମର ଦୁଇ ଯୁବ ଖେଳାଳି ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡାଙ୍କୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଭୟଙ୍କୁ ସମ୍ମାନିତ କରିବା ସହ ସେମାନଙ୍କର କଠିନ ପରିଶ୍ରମ ଓ ସାମରିକ କଳା ପ୍ରତି ଆଗ୍ରହ ପାଇଁ ଅଭିନନ୍ଦନ ଜଣାଇଥିଲେ। ନିକଟରେ ରୁଷରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଷୁ ଚାମ୍ପିଅନସିପ୍‌ରେ ଏହି ଦୁଇ ଖେଳାଳି ୪୮ କିଗ୍ରା ଓ ୫୨ କିଗ୍ରାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଅବସରରେ ଜିନ୍ଦଲ ପାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, 'ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଦୁଇ ଯୁବ ଖେଳାଳି କେବଳ କ୍ରୀଡ଼ାରେ ଉତ୍କର୍ଷତା ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ସଠିକ ସମର୍ଥନ ମିଳିଲେ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବ।' ସେହିଭଳି ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଛନ୍ତି, 'ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଓ ସାଂସଦ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ କାର୍ଯ୍ୟକାରୀ ହୋଇଥିବା ଉଷୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜୀବନକୁ ପରିବର୍ତ୍ତନ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ସୃଷ୍ଟି କରିବା'। ଉଭୟ ପ୍ରେମ ଓ ରାଜକୁମାର ବଡ଼ବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପ୍ରଶିକ୍ଷଣ ନେଉଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS